

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୫ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 05 MARCH 2022

Vol.No. 33 ■ No. 61 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା

ଡଃ ଭାଗବତ ବେହେରାଙ୍କର

ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ

ବନ୍ଧୁ ମହାନ୍ତି

ପ୍ରାପ୍ତିସ୍ଥାନ : ତାରିଣୀ ବିଦ୍ୟା ଭଣ୍ଡାର ଷ୍ଟେସନ ରୋଡ, ବାଲେଶ୍ୱର-୧

ମୂଲ୍ୟ ଟ୧୫୦/-


# ବଡ ନିଷ୍ପତ୍ତି ନେଲେ ୟୁକ୍ରେନ-ରୁଷିଆ

## ସାଧାରଣ ଲୋକଙ୍କୁ ସୁରକ୍ଷିତ ଭାବେ ଯିବା ପାଇଁ ଦେଲେ



ନୂଆଦିଲ୍ଲୀ, ୦୪/୦୩ : ଯୁଦ୍ଧ ସ୍ଥିତିକୁ ନେଇ ୟୁକ୍ରେନରେ ଦିନକୁ ଦିନ ସ୍ଥିତି ବିଗିଡିବାରେ ଲାଗିଛି । ରୁଷ ସେନାଙ୍କ ଆକ୍ରମଣରେ ୟୁକ୍ରେନର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି । ଚାରିଆଡେ ଖାଲି ଆତଙ୍କ ହିଁ ଦେଖିବାକୁ ମିଳିଛି । ଏହାରି ଭିତରେ ରୁଷିଆ ଓ ୟୁକ୍ରେନ ଗୋଟିଏ କଥାରେ ସହମତି ପ୍ରକାଶ କରିଛନ୍ତି । ଗୁରୁବାର ବେଲାରୁଷ ସୀମାରେ ଅନୁଷ୍ଠିତ ହୋଇଥିବା ୟୁକ୍ରେନ ଓ ରୁଷିଆ ପ୍ରତିନିଧି ମଣ୍ଡଳିର ବୈଠକରେ ୟୁକ୍ରେନରୁ ସାଧାରଣଲୋକଙ୍କୁ ବାହାରିବା ପାଇଁ ସୁରକ୍ଷିତ ରାସ୍ତା ଦିଆଯିବାକୁ ଉଭୟ ୟୁକ୍ରେନ ଓ ରୁଷିଆ ମଂଜୁର ହୋଇଛନ୍ତି । ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି ୟୁକ୍ରେନର ସ୍ଥିତି । ଏହାରି ଭିତରେ ରୁଷ ଓ ୟୁକ୍ରେନ ଗୋଟିଏ କଥାରେ ମଂଜୁରୀ ପ୍ରଦାନ କରିଦେଇଛନ୍ତି । ଯୁଦ୍ଧ ପରିସ୍ଥିତି ଭିତରେ ୟୁକ୍ରେନରୁ ସାଧାରଣ ଲୋକ ଯେପରି ସୁରକ୍ଷିତ ବାହାରିଯିବେ ସେନେଇ କରାଯିବ ସ୍ୱତନ୍ତ୍ର ବ୍ୟବସ୍ଥା । ସୁରକ୍ଷିତ ଭାବେ ୟୁକ୍ରେନ ଛାଡିବା ପାଇଁ ସାଧାରଣଲୋକଙ୍କ ପାଇଁ ପ୍ରସ୍ତୁତ ହେବ ହ୍ୟୁମାନିଟାରିଆନ କରିଡର । ବା ମାନବତାବାଦୀ ରାସ୍ତା । ଯେଉଁ କରିଡର ଦେଇ ଲୋକେ ସୁରକ୍ଷିତ ଭାବେ ୟୁକ୍ରେନରୁ ବାହାରିପାରିବେ । ଆଉ ଏହି ରାସ୍ତାରେ ଯୁଦ୍ଧ କରାଯିବନାହିଁ ବୋଲି ଉଭୟ ରୁଷିଆ ଓ ୟୁକ୍ରେନ ମଂଜୁରୀ ପ୍ରଦାନ କରିଛନ୍ତି । ୟୁକ୍ରେନ ସରକାରଙ୍କ ମୁଖପାତ୍ର ମାଇଖାଇଲୋ ପୋଡୋଲିଆକ୍ ଟୁଇଟ୍ କରି କହିଛନ୍ତି – 'ୟୁକ୍ରେନ ଓ ରୁଷିଆ ଭିତରେ ହୋଇଥିବା ଦ୍ୱିତୀୟ ବୈଠକ ଶେଷ ହୋଇଛି । ଦୁର୍ଭାଗ୍ୟବଶତଃ ୟୁକ୍ରେନ ଯାହା ଆଶା କରୁଥିଲା ସେଭଳି କୌଣସି ନିଷ୍ପତ୍ତି ହୋଇ ନାହିଁ । କେବଳ ହ୍ୟୁମାନିଟାରିଆନ କରିଡର ପାଇଁ ନିଷ୍ପତ୍ତି ହୋଇଛି ।' ▶▶ପୃଷ୍ଠା ୭

## ଆଲବମରେ ହିରୋଇନ୍ କରିବା ଲୋଭ ଦେଖାଇ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

ଭୁବନେଶ୍ୱର, ୦୪/୦୩ (ନି.ପ୍ର): ଭୁବନେଶ୍ୱରରେ ଲଜ୍ଜା । ପୁଣିଥରେ ସାମନାକୁ ଆସିଛି ଏକ ଲୋମ ହର୍ଷଣକାରୀ ଘଟଣା । ଆଲବମରେ ହିରୋଇନ କରିବାର ଲୋଭ ଦେଖାଇ ଜଣେ ନାବାଳିକାକୁ ବଳାତ୍କାର କରାଯାଇଥିବାର ସଂଗୀନ ଆଉ ସାଂଘାତିକ ଅଭିଯୋଗ ଆସିଛି । ନାବାଳିକା ଜଣକ ଥାନାରେ ଦେଇଥିବା ରିପୋର୍ଟ ଅନୁସାରେ ,ସେ ଆଲବମରେ ସାଇଡ କ୍ୟାରେକ୍ଟର ବା ପାଶ୍ୱର୍ ଅଭିନେତ୍ରୀ ଭାବରେ କାମ କରନ୍ତି । ଜଣେ ବ୍ୟକ୍ତି ତାଙ୍କୁ ଲିଡ କ୍ୟାରେକ୍ଟରର ଲୋଭ ଦେଖାଇ ଭୁବନେଶ୍ୱରକୁ ଡାକିଥିଲେ । ଏକ ଅପହରଣର ସିନ୍ ସୁଟିଂ ହେବ କହି ଭରତପୁର ଅଞ୍ଚଳକୁ ଡାକିଥିଲେ । ଆଉ ରୁମରେ ପହଞ୍ଚିବାପରେ ନାବାଳିକାଙ୍କ ହାତଗୋଡ ବାନ୍ଧି ରାତି ତମାମ ବଳାତ୍କାର କରିଥିଲେ । ଏପରିକି ସେହି ମୁହୂର୍ତ୍ତର ଭିଡିଓକୁ କ୍ୟାମେରାରେ କଏଦ କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ନାବାଳିକା ଜଣକ ପ୍ରଥମେ ମହିଳା ଥାନା ଓ ପରେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ସମ୍ବେଦନଶୀଳ ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଘଟଣାସ୍ଥଳକୁ ଯାଇ ଛାନଭିନ ଆରମ୍ଭ କରିଥିବା ଜଣାପଡିଛି ।

## ପାକିସ୍ତାନର ମସଜିଦ୍‌ରେ ବିସ୍ଫୋରଣ : ୫୦ରୁ ଅଧିକ ମୃତ, ୧୯୪ ଆହତ



ନୂଆଦିଲ୍ଲୀ, ୦୪/୦୩ : ପାକିସ୍ତାନ ପେଶୱାରରେ ଭୟଙ୍କର ବିସ୍ଫୋରଣ । ପେଶୱାର ସ୍ଥିତ ଏକ ମସଜିଦ୍ରେ ସମୂହ ନମାଜ ପାଠବେଳେ ବିସ୍ଫୋରଣ ଘଟିବାରୁ ଏଥିରେ ୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏହାସହ ୧୯୪ ଜଣ ଆହତ ହୋଇଥିବା ଜଣାପଡିଛି । ପାକିସ୍ତାନ ଗଣମାଧ୍ୟମ ସୂଚନା ଅନୁସାରେ ଆହତଙ୍କ ମଧ୍ୟରେ ୫୦ଜଣ ଗୁରୁତର ଆହତ ରହିଛନ୍ତି । ତେଣୁ ମୃତ୍ୟୁ ସଂଖ୍ୟା ଆଗକୁ ବଢିବାର ବି ସମ୍ଭାବନା ରହିଛି । ମସଜିଦ୍ରେ ସମୂହ ନମାଜ ପାଠବେଳେ ଆତ୍ମଘାତୀ ବୋମା ବିସ୍ଫୋରଣ ଦ୍ୱାରା ଏତେବଡ ଦୁର୍ଘଟଣା ହୋଇଥିବା ସୂଚନା ମିଳିଛି । ଘଟଣାକୁ ନେଇ କୌଣସିବ ଆତଙ୍କି ସଙ୍ଗଠନ ନିଜକୁ ଦାୟି କରିନାହାଁନ୍ତି । ସରକାର ସହ ହୋଇଥିବା ଯୁଦ୍ଧ ବିରୋଧି ଅବଧି ସରିବା ପରେ ଏହି ଆକ୍ରମଣ ଟିଟିପି ବା ତେହରିକେ ତାଲିବାନ ଘଟାଥିବା ସନ୍ଦେହ କରାଯାଉଛି । ଘଟଣାକୁ ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଦୁଃଖ ପ୍ରକାଶ କରିଛନ୍ତି ।

## ବାରାଣସୀରେ ମୋଦିଙ୍କ ବିଶାଳ ରୋଡ୍ ଶୋ



ବାରାଣସୀ, ୦୪/୦୩ (ନି.ପ୍ର): ଉତ୍ତରପ୍ରଦେଶରେ ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବାରାଣସୀରେ ମାରାଥନ୍ ପ୍ରଚାର କରିଛନ୍ତି । ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିବା ମୋଦି ଆଜି ଏକ ବିଶାଳ ରୋଡ୍ ଶୋ କରିଥିଲେ । ବାରାଣସୀରେ ମାର୍ଚ୍ଚ ୭ରେ ନିର୍ବାଚନ ରହିଛି । ପଡ୍ରୋଶୀ ମିର୍ଜାପୁରରେ ଏକ ବଡ଼ ରାଲିରେ ଉଦ୍‌ବୋଧନ ଦେଇ ନିଜ ଲୋକସଭା କ୍ଷେତ୍ର ବାରାଣସୀକୁ ଫେରିଥିଲେ ମୋଦି । ଏହି ଅବସରରେ ସେ ଏଠାରେ ଏକ ବିଶାଳ ରୋଡ୍ ଶୋ ମଧ୍ୟ କରିଥିଲେ । ଏହି ରାଲିରେ ବହୁ ସଂଖ୍ୟାରେ କର୍ମୀ ଓ ଜନତା ସାମିଲ ହୋଇଥିଲା ବେଳେ ଜୟ ଶ୍ରୀରାମ ନାରାରେ ପରିବେଶ କମ୍ପିଥିଲା । ପ୍ରଧାମନ୍ତ୍ରୀଙ୍କ କାରକେଡ୍ ଗହଳି ଭିତରେ ଯାତ୍ରା କରିଥିଲା । ଏହି ସମୟରେ ମୋଦି ଏକ ଗେରୁଆ ରଙ୍ଗର ଟୋପି ପିନ୍ଧିଥିଲେ ଏବଂ ବେକରେ ଏକ ଗାମୁଛା ପକାଇଥିଲେ । ମାଲଦାହ୍ୟ କ୍ରସିଂ ନିକଟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲାର୍ପଣ ପରେ ମୋଦି ରୋଡ୍ ଶୋ ଆରମ୍ଭ କରିଥିଲେ । ୨୦୧୪ରେ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ବେଳେ ଏହି ସ୍ଥାନରୁ ପ୍ରଥମେ ରାଲି ଆରମ୍ଭ କରିଥିଲେ ମୋଦି । ସେହିପରି କାଶୀ ବିଶ୍ୱନାଥ ଧାମ ପରିଦର୍ଶନ ପରେ କାଶୀରେ ମୋଦି 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମର ଅଂଶଗ୍ରହଣ କରିଥିଲେ । ଆସନ୍ତାକାଲି କାଶୀର ଖଜୁରିଆ ଜିଲ୍ଲାରେ ମୋଦି ରାଲି କରିବେ ବୋଲି ଜଣାପଡ଼ିଛି । ତେବେ ବିଜେପି ପରେ ଏହି ସ୍ଥାନରୁ ସମାଜବାଦୀ ପାର୍ଟି ପକ୍ଷରୁ ରୋଡ୍ ଶୋ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି । ଉତ୍ତରପ୍ରଦେଶ ନିର୍ବାଚନ ଶେଷ ପର୍ଯ୍ୟାୟ ପହଞ୍ଚିଥିବାରୁ ବାରାଣସୀକୁ ବିଭିନ୍ନ ଦଳର ନେତାଙ୍କ ସୁଅ ଛୁଟିଛି । ଏଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ତାଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ପ୍ରଚାର ପାଇଁ ପହଞ୍ଚିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ୬ ଜଣ ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୪/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୬ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୦୯୧ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ମୃତକଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାରେ୩ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେହିପରି କଟକ, ଖୋର୍ଦ୍ଧା ଓ ମାଲକାନଗିରି ଜିଲ୍ଲାରୁ ୧-୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ପରମାଣୁ ପ୍ଲାଣ୍ଟ ଉପରେ ଆକ୍ରମଣ ପରେ ବଢ଼ିଲା ବିପଦ : ରୁଷକୁ ଏମିତି ନିବେଦନ କଲେ ବାଇଡେନ



କିଭ୍, ୦୪/୦୩ (ନି.ପ୍ର): ୟୁରୋପର ସବୁଠାରୁ ବଡ଼ ପରମାଣୁ ପ୍ଲାଣ୍ଟ ଉପରେ ରୁଷ ହମଲା କରିବା ପରେ ସମଗ୍ର ବିଶ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି । ଜାପୋରିଝଝିଆରେ ଥିବା ଏହି ନ୍ୟୁକ୍ଲିୟର ପ୍ଲାଣ୍ଟ ଉପରେ ରୁଷ ବୋମା ମାଡ଼ କରିବାରୁ ଏଥିରେ ନିଆଁ ଲାଗି ଯାଇଛି । ଯଦି ଏହାକୁ ଠିକଣା ସମୟରେ ନିୟନ୍ତ୍ରଣ ନ କରାଯିବ, ତା'ହେଲେ ପ୍ଲାଣ୍ଟରୁ ନିର୍ଗତ ହେବାକୁ ଥିବା ନ୍ୟୁକ୍ଲିୟର ବିକିରଣ ସମଗ୍ର ୟୁରୋପକୁ ଛାରଖାର କରିଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ନିଆଁ ଲାଗିଥିଲେ ମଧ ରୁଷ ଏହାକୁ ଲିଭାଉ ନାହିଁ କିମ୍ବା ୟୁକ୍ରେନର ଅଗ୍ନିଶମ କର୍ମଚାରୀଙ୍କୁ ସେଠାକୁ ଛାଡୁନି । ଏପରି ଏକ ବିପଦପୂର୍ଣ୍ଣ ମୁହୂର୍ତ୍ତରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ରୁଷକୁ ସହାୟତା କରିବାକୁ ନିବେଦନ କରିଛନ୍ତି । ୟୁକ୍ରେନର ଏହି ନ୍ୟୁକ୍ଲିୟନ ପ୍ଲାଣ୍ଟ ନିକଟରେ ମିଲିଟାରୀ କାର୍ଯ୍ୟକଳାପ ବନ୍ଦ କରି ରୁଷ ଜରୁରି କାଳୀନ ଟିମ୍‌କୁ ସ୍ଥିତି ନିୟନ୍ତ୍ରଣ କରିବାକୁ ଅନୁମତି ଦେଉ ବୋଲି ବାଇଡେନ ଅନୁରୋଧ କରିଛନ୍ତି । ରୁଷ ଆଣବିକ ପ୍ଲାଣ୍ଟ ଉପରେ ଆକ୍ରମଣ କରିବା କ୍ଷଣି ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର ଜେଲେନସ୍କି ▶▶ପୃଷ୍ଠା ୭

## ଠିକାଦାରଙ୍କ ଠାରୁ ଲାଂଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଲେ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର, ୦୪/୦୩ (ନି.ପ୍ର): ଠିକାଦାରଙ୍କ ଠାରୁ ଲାଂଚ ନେଇ ଜଣେ କନିଷ୍ଠ ଯନ୍ତ୍ରୀ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଭିଜିଲାନ୍ସ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଶୁକ୍ରବାର ଅପରାହ୍ନରେ, ଶ୍ରୀ ଦେବେନ୍ଦ୍ର ରାଉତ, କନିଷ୍ଠ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ, ( ବିଭାଜନ-୧ ), ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ, ଜଣେ ଠିକାଦାରଙ୍କ ଠାରୁ ବିଲ ପ୍ରଦାନ ବାବଦରେ ୧୫୦୦୦ ଲାଂଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଧରାହୋଇଛନ୍ତି ।

## ଆରପାରିରରେ କିମ୍ବଦନ୍ତୀ କ୍ରିକେଟର ସେନ ୱାର୍ଣ୍ଣ



ନୂଆଦିଲ୍ଲୀ, ୦୪/୦୩ : ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର ସେନ ୱାର୍ଣ୍ଣଙ୍କ ପରଲୋକ । ୫୨ ବର୍ଷ ବୟସରେ ଆଖି ବୁଜିଲେ ଏହି କିମ୍ବଦନ୍ତୀ କ୍ରିକେଟର । ଥାଇଲାଣ୍ଡରେ ହୃଦଘାତରେ ତାଙ୍କର ପରଲୋକ ହୋଇଥିବା ସୂଚନା ମିଳିଛି । ନିଜ ଯାଦୁଗରୀ ସ୍ପିନ ବୋଲିଂ ପାଇଁ ସେ ବେଶ ପରିଚିତ ହୋଇଥିଲେ । ଉଭୟ ଟେଷ୍ଟ ଓ ଦିନିକିଆରେ ମୋଟ ୧୦୦୧ ୱିକେଟ ନେଇ ସେ ରେକର୍ଡ ମଧ କରିଥିଲେ । ତାଙ୍କ ମୃତ୍ୟୁରେ ଏବେ ସାରା କ୍ରିକେଟ ଜଗତରେ ଶୋକର ଛାୟା ଖେଳିଯାଇଛି । ଯେତେବେଳେ ସେନ ୱାର୍ଣ୍ଣ ବଲ ଧରି ବ୍ୟାଟ୍ସମ୍ୟାନଙ୍କ ଆଗରେ ଛିଡା ହେଉଥିଲେ ସେତେବେଳେ ବଡ ବଡ ବ୍ୟାଟ୍ସମ୍ୟାନ ଚିନ୍ତାରେ ପଡିଯାଉଥିଲେ । କାରଣ ତାଙ୍କ ଯାଦୁଗରୀ ସ୍ପିନ ବଲରେ ସେ ବ୍ୟାଟ୍ସମ୍ୟାନଙ୍କୁ ପାଣି ପିଆଇଦେଉଥିଲେ । ଆଉ ତାଙ୍କ ବଲକୁ ବୁଝିବା ବ୍ୟାଟ୍ସମ୍ୟାନମାନଙ୍କ ପାଇଁ କାଠିକର ପାଠ ହୋଇପଡୁଥିଲା । ସେଥିପାଇଁ ତ ସେ ତାଙ୍କ ସ୍ପିନ ବୋଲିଂକୁ ନେଇ ବିଶ୍ୱ ବିଖ୍ୟାତ ହୋଇଥିଲେ । ୧୯୯୩ ମସିହା ଆସେସ ସିରିଜରେ ଇଂଲଣ୍ଡର ମାଇକ ଗେଟିଂଙ୍କୁ ସେ ଯେଉଁ ବଲରେ ଆଉଟ କରିଥିଲେ, ତାକୁ ଇତିହାସର ଶ୍ରେଷ୍ଠ ବଲ ବୋଲି କୁହାଯାଏ । ଆଉ ସେବେଠୁ ତାଙ୍କ କ୍ୟାରିୟରରେ ନୂଆ ମୋଡ ଆରମ୍ଭ ହୋଇଥିଲା । ଅଷ୍ଟ୍ରେଲିଆ ପାଇଁ ସେ ଅନେକ ମ୍ୟାଚ ଖେଳି ବଡ ବିଜୟ ମଧ ଦେଇଥିଲେ । ▶▶ପୃଷ୍ଠା ୭

## ମଧୁସ୍ମିତା ଆଚାର୍ଯ୍ୟ କଂଗ୍ରେସର ବିଏମସି ମେୟର ପ୍ରାର୍ଥୀ



ଭୁବନେଶ୍ୱର, ୦୪/୦୩ (ନି.ପ୍ର): ମଧୁସ୍ମିତା ଆଚାର୍ଯ୍ୟ ଭୁବନେଶ୍ୱର ମହାନଗର ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେବେ । କଂଗ୍ରେସ ଦଳ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି । ବିଧାୟକ ତଥା ବରିଷ୍ଠ ନେତା ସୁର ରାଉତରାୟ ଏହି ଘୋଷଣା କରିଛନ୍ତି । କଂଗ୍ରେସ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମଧୁସ୍ମିତା ଜଣେ ଉଚ୍ଚଶିକ୍ଷିତା, ଯୁବ ଉଦ୍ୟୋଗୀ, କ୍ରୀଡ଼ାବିତ୍, ଓଡ଼ିଶୀ ନୃତ୍ୟ ଶିଳ୍ପୀ । କଲେଜ ଜୀବନରେ ମଧ ରାଜନୀତିରେ ଜଡିତ ଥିଲେ । ସେ ଧର୍ମଶାଳାର ପୂର୍ବତନ କଂଗ୍ରେସ ବିଧାୟକ କାଙ୍ଗାଳୀ ପଣ୍ଡାଙ୍କ ବୋହୂ । କାଙ୍ଗାଳୀ ପଣ୍ଡା ନିର୍ବାଚନ ଲଢ଼ିବା ସମୟରେ ମଧୁସ୍ମିତା ନିର୍ବାଚନ ପରିଚାଳନାରେ ସହାୟତା କରୁଥିଲେ । ସେ ଦୃଷ୍ଟିକୋଣରୁ କଂଗ୍ରେସ ତାଙ୍କ ଉପରେ ଭରସା କରିଛି ।

## ଦୁଇ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ଘଟଣା : ଥାନାରେ ହାଜର ହେଲେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ



ଭୁବନେଶ୍ୱର, ୦୪/୦୩ (ନି.ପ୍ର): ଦୁଇ ଜଣ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ଘଟଣାକୁ ନେଇ ବାରିପଦା ଟାଉନ ଥାନାରେ ହାଜିର ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ । ମାନ୍ୟବର ହାଇକୋର୍ଟଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଜାମିନ ପ୍ରଦାନ କରିବା ସହ ମାର୍ଚ୍ଚ ୪ ତାରିଖରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ଘଟଣାରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଆଜି ବାରିପଦା ଟାଉନ ଥାନା ଯାଇ ତଦନ୍ତକାରୀ ଅଫିସରଙ୍କୁ ଭେଟିଛନ୍ତି । ବିଶେଶ୍ୱର ଟୁଡୁ ଥାନାରେ ୫ରୁ ୭ମିନିଟ ରହି ତଦନ୍ତକାରୀ ଅଫିସରଙ୍କ ପାଖରେ ଆଲୋଚନା କରି ପଳେଇ ଆସିଥିଲେ । ସୂଚନା ଅନୁଯାୟୀ, ଗତ ଜାନୁଆରୀ ୨୧ତାରିଖରେ ନିଜ ସାଂସଦ ପାଣ୍ଠିର ଜିଲ୍ଲାରେ କାର୍ଯ୍ୟଧାରାକୁ ନେଇ ସମୀକ୍ଷା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଉପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମଲ୍ଲିକ ଓ ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ରଙ୍କୁ ନିଜ କାର୍ଯ୍ୟାଳୟକୁ ଡକାଇଥିଲେ । ସେଠାରେ କିନ୍ତୁ କେନ୍ଦ୍ରମନ୍ତ୍ରୀ ଦୁଇ ଅଧିକାରୀଙ୍କୁ ମାଡ଼ ମାରିଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ମଧ ରୁଜୁ ହୋଇଥିଲା । ଟାଉନ ଥାନା ପୋଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଜାରି ରହିଛି ।

## ଖାରକିଭ୍‌ରୁ ଉଦ୍ଧାର ହେଲେ ଆଉ ୬୫ ଓଡିଆ ଛାତ୍ର

ଭୁବନେଶ୍ୱର, ୦୪/୦୩ (ନି.ପ୍ର): ୟୁକ୍ରେନ୍ ର ଯୁଦ୍ଧ ଅଂଚଳ ଖାରକିଭ୍ ଓ ପେସୋଚିନ ରେ ବର୍ତ୍ତମାନ ସୁଦ୍ଧା ଫସି ରହିଯାଇଥିବା ଆହୁରି ଅନେକ ଓଡିଆ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ରାଜ୍ୟ ସରକାର ତାଙ୍କର ଉଦ୍ୟମକୁ ଜୋରଦାର କରିଛନ୍ତି । ସେଠାରୁ ୬୫ଜଣଙ୍କୁ ରାଜ୍ୟ ସରକାର ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ନିରାପଦ ଭାବେ ପଶ୍ଚିମ ୟୁକ୍ରେନ ସୀମା କୁ ଆଣିବା ପାଇଁ ସଫଳ ହୋଇଛନ୍ତି । ସେ ଅଂଚଳରେ ଥିବା ସବୁ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରି ବିମାନ ଯୋଗେ ଭାରତକୁ ଆଣିବା ପାଇଁ ପ୍ରକ୍ରିୟା ଜାରି ରହିଛି । ଏ ପର୍ଯ୍ୟନ୍ତ ୧୯୯ଛାତ୍ରଛାତ୍ରୀ ନିରାପଦ ରେ ଭାରତରେ ପହଂଚି ସାରିଛନ୍ତି । ସବୁ ଓଡ଼ିଆ ପିଲାଙ୍କୁ ନିରାପଦ ଭାବରେ ଉଦ୍ଧାର କରିବା ପାଇଁ ଓଡ଼ିଶା ସରକାର ଉଦ୍ୟମ ଜାରି ରଖିଛନ୍ତି । ନୂଆଦିଲ୍ଲୀ ସ୍ଥିତ ଆବାସିକ କମିଶନଙ୍କ କାର୍ଯ୍ୟାଳୟ ଉଦ୍ଧାର କାର୍ଯ୍ୟ ରେ ସମନ୍ୱୟ ରକ୍ଷା କରୁଛନ୍ତି । ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ୟୁକ୍ରେନ ସୀମା ସଂଲଗ୍ନ ୪ଟି ଦେଶ ପାଇଁ ୪ ଜଣ ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ସମନ୍ୱୟ ରଖିବା ପାଇଁ ଦାୟିତ୍ୱ ଦେଇଛନ୍ତି ।

## ସୂର୍ଯ୍ୟାସ୍ତ ପରେ ହିଁ ସୂର୍ଯ୍ୟୋଦୟ ହୁଏ : ଅପରାଜିତା ଷଡଙ୍ଗୀ




ଭୁବନେଶ୍ୱର, ୦୪/୦୩ (ନି.ପ୍ର): ସୂର୍ଯ୍ୟାସ୍ତ ପରେ ହିଁ ସୂର୍ଯ୍ୟୋଦୟ ହୁଏ । ଅନ୍ଧକାର ପରେ ହିଁ ପ୍ରକାଶ ଆସିବ । ଆମର ତ୍ରୁଟି ଅଛି, ବିଜେପିର ମଧ ତ୍ରୁଟି ଅଛି । ଏବେ ବି କର୍ମୀଙ୍କ ଭିତରେ ଉତ୍ସାହ ଓ ଆତ୍ମ ବିଶ୍ୱାସ ରହିଛି ବୋଲି ପଂଚାୟତ ନିର୍ବାଚନର ଫଳାଫଳ ନେଇ ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି । ସେ କହିଛନ୍ତି ପୌର ନିର୍ବାଚନ ପାଇଁ କମ ସମୟ ମିଳିଛି, ଆମେ ଆମର ୧୦୦ ପ୍ରତିଶତ ଦେବୁ । ପଂଚାୟତ ନିର୍ବାଚନ ଫଳାଫଳର ପ୍ରଭାବ ପୌର ନିର୍ବାଚନ ଉପରେ ପଡ଼ିବ ନାହିଁ । ପଂଚାୟତ ଫଳାଫଳକୁ ନେଇ ଆମେ ଦୁଃଖିତ । ଭୁଲ ରହିଛି ତାକୁ ସୁଧାରିବୁ, ସଂଘର୍ଷ କରିବୁ, ଯେଉଁ ପର୍ଯ୍ୟନ୍ତ ସୂର୍ଯ୍ୟୋଦୟ ହୋଇନାହିଁ ବୋଲି ସେ କହିଛନ୍ତି । ଅପରପକ୍ଷରେ ବିଜେପିର ବିଏମସି ପାଇଁ ମେୟର ପ୍ରାର୍ଥୀ ଘୋଷଣା ସମ୍ପର୍କରେ ସେ କହିଛନ୍ତି ଯେ ଦଳକୁ ବହୁ ଆବେଦନ ଆସିଛି । ଆଲୋଚନା ଚାଲିଛି ।ଆଜି କାଲି ମଧ୍ୟରେ ପ୍ରାର୍ଥୀ ଚୂଡାନ୍ତ ହୋଇପାରେ । ଯିଏ ମେୟର ହେବେ ସେ ସମସ୍ତଙ୍କୁ ନେଇ ଚାଲିବେ । ଯାହା ମୌଳିକ ସମସ୍ୟା ରହିଛି ତାର ସମାଧାନ ପାଇଁ ଚେଷ୍ଟିତ ହେବେ ଏବଂ ସକ୍ରିୟ ରହିବେ ।

# ବନ ବିଭାଗର ଚଢ଼ଉ:୨୧ ଶାଗୁଆନ ଗଣ୍ଡି ଜବତ

ବଲାଙ୍ଗିର,୦୪/୦୩ (ନି.ପ୍ର): ହରିଶଙ୍କର ଓ ଲାଠୋର ରେଞ୍ଜ୍ ର କର୍ମଚାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଲାଠୋର ଥାନା ଅନ୍ତର୍ଗତ ଖରଲି ଗ୍ରାମର ଧନଞ୍ଜୟ ମେହେର (୬୭)ଙ୍କ ଘରେ ପହଂଚି ଥିଲେ । ଲାଠୋର ଫରେଷ୍ଟର ତାଙ୍କୁ ଘର ତଲାସି କରିବାକୁ ୱାରେଂଟ ଦେଇଥିଲେ । ଚଢ଼ଉ ବେଳେ ତାଙ୍କ ଘରେ ୩୨,୮୪ ସିଏଫଟି ମାପର ୨୧ ଗୋଟି ଶାଗୁଆନ୍ ଗଣ୍ଡି ମିଳିଥିଲା ବେଳେ ଘର ମାଲିକ ଏ ସମ୍ପର୍କରେ କୌଣସି କାଗଜପତ୍ର ଦେଖାଇ ପାରିନଥିଲେ । ଏକ ସିଜର ଲିଷ୍ଟ ପ୍ରସ୍ତୁତ କରାଯାଇ କେସ୍ ରୁଜୁ କରାଯାଇଛି । ସିଜ୍ ଦ୍ରବ୍ୟକୁ ରେଞ୍ଜ ଅଫିସ ପରିସରକୁ ଅଣାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏ ସମ୍ପର୍କରେ ଅଧିକ ତଦନ୍ତ ଜାରୀ ରହିଛି । ଏହି ଚଢ଼ଉ କାର୍ଯ୍ୟ ଲାଠୋର ରେଞ୍ଜ ଅଧିକାରୀ ପ୍ରଭାତୀ ସେଠ ଓ ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗଙ୍କ ମିଳିତ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ, ଏହା ଏହି ଲାଠୋର ଅଂଚଳରେ ଲଗାତାର ତୃତୀୟ ମାମଲା ଯେଉଁଥିରେ ଘର ଭିତରେ ବିପୁଳ ମାତ୍ରାରେ କାଠ ମହଜୁଦ ରଖାଯାଇ ଥିବାବେଳେ ବନ ବିଭାଗ ଚଢ଼ଉ କରି ଶାଗୁଆନ୍ କାଠ ଜବତ କରିବାରେ ସକ୍ଷମ ହୋଇଛି ।

# ପୁରୀ ସଦରବ୍ଲକ ଚେୟାରମ୍ୟାନ ପାଇଁ ସଞ୍ଜୟଙ୍କ ହାତରେ ଚାବିକାଠି

ପୁରୀ,୦୪/୦୩ (ନି.ପ୍ର): ପୁରୀ ସଦରବ୍ଲକ ଚେୟାରମ୍ୟାନ ପଦବିକୁ ନେଇ ଏବେ ଦୁଇ ଦଳ ମଧ୍ୟରେ ଛକପଞ୍ଝା ଆରମ୍ଭ ହୋଇଛି । ସମିତିସଭ୍ୟମାନେ ଦଳୀୟ ଚିହ୍ନରେ ଲଢୁ ନଥିଲେ ମଧ୍ୟ ପରୋକ୍ଷରେ ଦଳୀୟ ନେତାମାନେ ସମର୍ଥନ ଦେଉଥିବାରୁ ଏବେ ନେତାଙ୍କ କବଜାରେ ସମିତିସଭ୍ୟ ପ୍ରାର୍ଥୀ ରହିଛନ୍ତି । ପୁରୀ ସଦରବ୍ଲକର ୧୧ ପଞ୍ଚାୟତ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ରହିଛି । ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଥିବା ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ଅର୍ଦ୍ଧାଧିକ ସମିତିସଭ୍ୟ ସଞ୍ଜୟଙ୍କ ଅକ୍ତିଆରରେ ରହିଛନ୍ତି । ଏଣୁ ସେଠାରେ ସଞ୍ଜୟଙ୍କ ଦ୍ୱାର ମନୋନିତ ଚେୟାରମ୍ୟାନ ଆଶାୟୀ ଜିତିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ପୁରୀ ସଦରବ୍ଲକର ୧୯ ସମିତିସଭ୍ୟ ପୁରୀ ନିର୍ବାଚନ ମଣ୍ଡଳୀର ରହିଛି । ସେଥିମଧ୍ୟରୁ ଗୋଟିଏ ଦଳର ପୁରୁଣା ନେତାଙ୍କ ପାଖରେ ୮ ସମିତିସଭ୍ୟ ରହିଥିବା କୁହାଯାଉଥିବା ବେଳେ ନୂଆ ଯୁବନେତାଙ୍କ ଅକ୍ତିଆରରେ ୮ ସମିତିସଭ୍ୟ ରହିଥିବା ଆଲୋଚନା ହେଉଛି । ବିଜେପି ଅକ୍ତିଆରରେ ପୁରୀର ୩ ସମିତିସଭ୍ୟ ଓ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପୁରୀସଦର ବ୍ଲକ ଅନ୍ତର୍ଗତ ୩ ସମିତିସଭ୍ୟ ରହିଛନ୍ତି । ଅନ୍ୟପକ୍ଷରେ ସଞ୍ଜୟଙ୍କ ପାଖରେ ୮ ସମିତିସଭ୍ୟ ଭୁବନେଶ୍ୱରରେ ତାଙ୍କ ବାସଭବନରେ ଦେଖା ହୋଇ କୌଣସି ଏକ ନାମିଦାମୀ ହୋଟେଲର ଅଜ୍ଞାତ କୋଠରିରେ ରହିଥିବା ଚର୍ଚ୍ଚା ହେଉଛି । ବିଜୟୀ ସମିତିସଭ୍ୟଙ୍କ ମୋବାଇଲ ଫୋନ ଦିନଯାକ ସୁଇଜଅଫ ରହୁଥିବା ବେଳେ କାଁ ଭାଁ ରାତି ୧୨ଟା ପରେ ଅଳ୍ପ ସମୟ ଖୋଲା ରହି ପୁଣି ସୁଇଜ୍ଅଫ କରିଦେଉଥିବା ଜଣେ ବିଶ୍ୱସ୍ତ ବ୍ୟକ୍ତି ଭିତିରି ସୁତ୍ରରୁ ଖବରପାଇ ବଡ଼ଦାଣ୍ଡରେ କହୁଥିବା ଶୁଣାଯାଉଛି । ଅନ୍ୟପକ୍ଷରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ପଦବି ଏଥର ବ୍ରହ୍ମଗିରି ଓ ନିମାପଡ଼ା ଭାଗରେ ପଡୁଥିବାରୁ ସଞ୍ଜୟଙ୍କ ଗୁରୁତ୍ୱ ବଢିଯାଇଛି । ନିମାପଡ଼ାରୁ ମନ୍ତ୍ରୀ ପଦ ରହିଥିବାରୁ ଗତ ଜିଲ୍ଲାପରିଷଦ ଅଧ୍ୟକ୍ଷ ପଦବିକୁ ନେଇ ଏହି ସୁତ୍ର ପୟୋଗ କରାଯାଇଥିଲା । ଏଣୁ ଏଥର ବ୍ରହ୍ମଗିରି ବ୍ଲକ ବିଜେଡ଼ି ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ଧର୍ମପତ୍ନୀ ସ୍ୱପ୍ନାରାଣୀ ସ୍ୱାଇଁଙ୍କୁ ମନୋନୀତ କରିବାର ସମ୍ଭାବନା ରହିଛି । ଜିଲ୍ଲାପରିଷଦ ଅଧ୍ୟକ୍ଷ ପଦବି ଓ ପୁରୀ ସଦରବ୍ଲକ ଅଧ୍ୟକ୍ଷ ପଦବି ଦୁଇଟିଯାକ ପଦବି ପାଇଁ ମୂଳ ଚାବିକାଠି ସଞ୍ଜୟଙ୍କ ପାଖରେ ରହିଛି ବୋଲି ପୁରୀ ଓ ବ୍ରହ୍ମଗିରି ଅଂଚଳରେ ଆଲୋଚନା ହେଉଛି ।

# କଳାହାଣ୍ଡିରେ ବିଜେଡ଼ିର ପରିଷଦ ଗଠନ

ଭବାନୀପାଟଣା,୦୪/୦୩ (ନି.ପ୍ର): ତ୍ରିସ୍ତରୀୟ ପଚାଂୟତ ନିର୍ବାଚନରେ କଳାହାଣ୍ଡି ଜିଲ୍ଲାର ୩୬ଟି ଜିଲ୍ଲା ପରିଷଦ ଜୋନ୍ ମଧ୍ୟରୁ ୩୩ଟି ଆସନ ଦଖଲ କରିବାରେ ସଫଳ ହୋଇଛି ବିଜେଡି । ଏହାକୁ ନେଇ ବିଜେଡି ଶିବିରରେ ବିଜୟ ଉତ୍ସବ ଦେଖିବାକୁ ମିଳିଛି । ୨୦୧୭ ପଚାଂୟତ ନିର୍ବାଚନରେ ବିଜେପି କଳାହାଣ୍ଡିରେ ୩୩ଟି ଜୋନ୍ ଦଖଲ କରି ପରିଷଦ ଗଠନ କରିବାରେ ସଫଳ ହୋଇଥିଲା । ହେଲେ ଚଳିତ ପଚାଂୟତ ନିର୍ବାଚନରେ ବିଜେଡି ଭୋଟରଙ୍କ ଆସ୍ଥା ଭାଜନ ହେବାରେ ସଫଳ ହୋଇଛି । ବିରୋଧୀଙ୍କ ବିରୋଧ ପରେ ମଧ୍ୟ ଜିଲ୍ଲାରେ କ୍ଲିନ୍ ସୁଇପ୍ କରିଛି ବିଜେଡି । ଜିଲ୍ଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡିରେ ବିଜୟ ଉତ୍ସବ ପାଳିତ ହେଉଛି । ଏଥିରେ ମନ୍ତ୍ରୀ ନବ କିଶୋର ଦାସ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟକ ଭୁପିନ୍ଦର ସିଂ, ଧର୍ମଗଡ଼ ବିଧାୟକ ମୌଷଧି ବାଗ ପ୍ରମୁଖ ଯୋଗ ଦେଇଛନ୍ତି । ଜିଲ୍ଲାର ନବ ନିର୍ବାଚିତ ୩୩ଟି ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ସମେତ ବରିଷ୍ଠ ନେତା ଓ କର୍ମୀ ମଧ୍ୟ ଏଥିରେ ସାମିଲ୍ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେଡିର ସଫଳତା ସହ ଆଗାମୀ ପୌର ନିର୍ବାଚନରେ ଦଳର ରଣନୀତି ସମ୍ପର୍କରେ ଆଲୋଚନା କରାଯାଇଛି । ଏହାସହ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀକୁ ନେଇ ମଧ୍ୟ ବିଜେଡି ନେତା ଓ ପ୍ରାର୍ଥୀଙ୍କ ମନରେ ଉତ୍କଣ୍ଠା ଦେଖାଦେଇଛି ।

# ବାସୁଦେବପୁରରେ ରକ୍ତଦାନ ଶିବିର ଅନୁଷ୍ଠିତ



ବାସୁଦେବପୁର ,୦୪/୦୩ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଆମ ଓଡ଼ିଶା ଓ ବାସୁଦେବପୁର ଛାତ୍ର କଂଗ୍ରେସ ର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିର କୁ ଉଦଘାଟନ କରିଥିଲେ । ଏହି ଶିବିର ରେ ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ସୁଶାନ୍ତ ମହାକୁଡ଼ ଏଥିରେ ପରିଚାଳନା କରିଥିଲା ବେଳେ ସନ୍ତୋଷ ପାତ୍ର, ଅକ୍ଷୟ ବାରିକ, ସନ୍ତୋଷ ପଣ୍ଡା ସାମ୍ବାଦିକ ରମାକାନ୍ତ ବାରିକ, ସତ୍ୟ ସୁନ୍ଦର ରାଉତ, ପ୍ରଭାତ ବାରିକ, ସୁବାସ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

## ଯୁବ କୁଲତା ସାମାଜ ସଦସ୍ୟ ରକ୍ତ ଦାନ କଲେ

ବଲାଙ୍ଗିର ,୦୪/୦୩ (ନି.ପ୍ର): ବଲାଙ୍ଗିର ଚନ୍ଦ୍ରଶେଖର ନଗର ବିଜୟ କୁମାର ବିଶି ଗତ କାଲି ଠାରୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ରକ୍ତ ଅଭାବରୁ ତାଙ୍କ ଭାଇ କମଳ ଗଡତ୍ୟା ଜିଲ୍ଲା ଯୁବ କୁଲୁତା ସମାଜକୁ ଏ.ବି. ପଜିଟିଭ୍ ରକ୍ତ ପାଇଁ ସହଯୋଗ ମାଗିଥିଲେ । ଖବର ପାଇବା ମାତ୍ରେ ଜିଲ୍ଲା ଯୁବ ସଭାପତି ଅସୀମ କୁମାର ଭୋଇ ତୁଷୁରା ବାସିନ୍ଦା ପ୍ରଭାତ ଗଡତ୍ୟାଙ୍କୁ ଯୋଗାଯୋଗ କରିଥିଲେ । ଯୁବ ସଦସ୍ୟ ପ୍ରଭାତ ଗଡତ୍ୟା ସଙ୍ଗେ ସଙ୍ଗେ ତୁଷୁରା ୩୫ କି.ମି. ଦୂରରୁ ଆସି ରକ୍ତଦାନ କରି ଏକ ଅମୂଲ୍ୟ ଜିବନ ବଂଚାଇଥିଲେ । ଜିଲ୍ଲା ଯୁବ କୁଲୁତା ସମାଜର ସଦସ୍ୟ ଗଣ ସଦାସର୍ବଦା ଅସହାୟଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରି ଆସିଥିବାରୁ ଅତାବିରା ଜନ କଲ୍ୟାଣ କୁଲୁତା ସମାଜ ସଭାପତି ଦିବାକର ପ୍ରଧାନ ଓ ନୂଆଁପଡା ଜିଲ୍ଲା କୁଲୁତା ସମାଜର ବରିଷ୍ଠ ସଦସ୍ୟ ବିରେନ୍ଦ୍ର ପ୍ରଧାନ ଭୂୟଶୀ ପ୍ରଶଂସା କରିଥିଲେ ଓ ସଂଗଠନର ସର୍ବାଙ୍ଗିନ ଉନ୍ନତି କାମନା କରିଥିଲେ ।

# ମାହେଶ୍ୱରୀ ସଂଗଠନର ପଂଚମ ବାର୍ଷିକୀ ଉତ୍ସବ ପାଳନ

ବଲାଙ୍ଗିର ,୦୪/୦୩ (ନି.ପ୍ର): ଜଣାଶୁଣା ସମାଜିକ ଅନୁଷ୍ଠାନ ମାହେଶ୍ୱରୀ ସଂଗଠନ ଆଜି ସ୍ଥାନୀୟ ଆଇନ ମହାବିଦ୍ୟାଳୟ ପରିସରରେ ତାର ପଂଚମ ବାର୍ଷିକ ଉତ୍ସବ ପାଳନ କରିଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ରାଜ୍ୟ ବରିଷ୍ଠ ସାଧାରଣ ସଂପାଦକ ବିଜୁଜନତା ଦଳ ତଥା ପୂର୍ବତନ ବଲାଙ୍ଗିର ସାଂସଦ କଳିକେଶ ନାରାୟଣ ସିଂଦେଓ, ସାଧାରଣ ସଂପାଦକ ଓଡିଶା କଂଗ୍ରେସ ତଥା କୋ ଫାଉଣ୍ଡର ଓଭୋ ଫାର୍ମ ସମରେନ୍ଦ୍ର ମିଶ୍ର ତଥା ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ଆଣ୍ଡ ବିକାଶ ମଲଟି ସ୍ପେସିଆଲିଷ୍ଟ ହସପିଟାଲର ମୁଖ୍ୟ ଡ. ମୁରଲି କ୍ରିଷ୍ଣାଙ୍କ ସହ ଅନୁଷ୍ଠାନର ଉପଦେଷ୍ଟା ଲୋଟସ ଷଡଙ୍ଗୀ, ବ୍ୟାସଦେବ ନନ୍ଦ, ଦିନେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ବଲାଙ୍ଗିରବାସୀଙ୍କୁ ବ୍ୟକ୍ତିଗତ ଭାବେ ଏହିଭଳି ଅନୁଷ୍ଠାନକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗର ହାତ ବଢାଇବାକୁ ବକ୍ତବ୍ୟ ମାଧ୍ୟମରେ ଆହ୍ୱାନ କରିଥିଲେ ଯୁବନେତା ସମରେନ୍ଦ୍ର ମିଶ୍ର । ଆଜିର ସମୟରେ ସମସ୍ତ ବ୍ୟକ୍ତି ତଥା ପରିବାର ସ୍ୱକେନ୍ଦ୍ରୀତ ବା ନଉକ୍ଲିୟର ଫ୍ୟାମିଲି କନସେପ୍ଟକୁ ନେଇ ବଂଚିଥିବା ବେଳେ ଏଭଳି ସଂଗଠନ କିଭଳି ସମାଜ ପାଇଁ ଅବଶ୍ୟକ ତାହା ଉପସ୍ଥାପନ କରିଥିଲେ ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ । ଅନ୍ୟତମ ଅତିଥି ମୁରଲି କ୍ରିଷ୍ଣା ବକ୍ତବ୍ୟ ମାଧ୍ୟମରେ ସମସ୍ତ ଯୁବକ ବନ୍ଧୁମାନଙ୍କୁ ଉତ୍ସାହିତ କରିବା ସହ ଆହୁରି କିଭଳି ସଂଗଠିତ ହୋଇପାରିବେ, ତାର ଗୁରୁମନ୍ତ୍ର ଦେଇଥିଲେ । ମାହେଶ୍ୱରୀ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ ସ୍ୱାଗତ ଭାଷଣ ଦେବା ସହ ଅନୁଷ୍ଠାନର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସମାଜ ପ୍ରତି ଉତ୍ସର୍ଗିକୃତ କିଛି ବ୍ୟକ୍ତି ବିଶେଷଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଥିଲା, ସେମାନେ ହେଲେ ରଂଜିତ ମହାନ୍ତି, ଶିବ ନାରାୟଣ ବହିଦାର, ଡା. ସୁରେନ୍ଦ୍ର ଭୋଇ, ପ୍ରଗତି ପୁଟେଲ, ଜ୍ୟୋସ୍ନାମୟୀ ତାଣ୍ଡି, ଶତ୍ରୁଘ୍ନ ବେହେରା ଏବଂ ରୋଟାରୀ ଇଲାଇଟ । ପେଷାରେ ଜଣେ ଉଚ୍ଚ ବେତନ ପ୍ରାପ୍ତ ଚିକିତ୍ସକ ହେଲେ ମଧ ପରିବେଶ ପ୍ରତି ନିଜ ଦାୟିତ୍ୱ ବୋଧ ପ୍ରତିପାଦନ କରି ପ୍ଲାଷ୍ଟିକ ମୁକ୍ତ ସମାଜର ସ୍ୱପ୍ନ ଦେଖିଥିବା ଡା. ମନମୋହନ ବାଗଙ୍କୁ ଚଳିତ ବର୍ଷ ଅନୁଷ୍ଠାନ ସର୍ବୋଚ୍ଚ ସମ୍ମାନ "ଲଳିତ ନାୟକ ସେବା ସମ୍ମାନ" ପ୍ରଦାନ କରାଗଲା । ମାହେଶ୍ୱରୀ କୁଡାସିଂହା, ଆଗଲପୁର, ତରଭା ପ୍ରଭୃତି ଶାଖା ସହ ସୋନପୁରରୁ ଆସିଥିବା ସ୍ୱଚ୍ଛ ଭାରତ ସଂଗଠନର ସଭ୍ୟମାନଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ଅନ୍ୟତମ ଉପଦେଷ୍ଟା ଡା. ଲଳିତ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ସଭାପତି ଶୋଭନ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ଶହ ଶହ ସଂଖ୍ୟାରେ ଦର୍ଶକ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ ।

# ୨ୟ ଥର ପାଇଁ ବ୍ଲକ ଅଧ୍ୟକ୍ଷ ହେବେ ପ୍ରଭାତ କୁମାର ବଳବନ୍ତରାୟ

ଧର୍ମଶାଳା,୦୪/୦୩ (ନି.ପ୍ର): ୧୯୬୦ ମସିହାରେ ଧର୍ମଶାଳା ବ୍ଲକ ପ୍ରତିଷ୍ଠା ହୋଇଥିବା ବେଳେ ଅଦ୍ୟବଧି ଆଜି ପର୍ଯ୍ୟନ୍ତ କେହି ଲଗାତାର ୨ୟ ଥର ପାଇଁ ବ୍ଲକ ଅଧ୍ୟକ୍ଷ ହୋଇ ନାହାନ୍ତି । ୨୦୧୭ରେ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବ୍ଲକ ଅଧ୍ୟକ୍ଷ ପଦରେ ପ୍ରଭାତ କୁମାର ବଳବନ୍ତରାୟ ଅବସ୍ଥାପିତ ହୋଇଥିଲେ । ୨୦୨୨ରେ ଏହି ପଦଟି ଅଣସଂରକ୍ଷିତ ଥିବାରୁ ଚଳିତ ମାସ ୧୧ ତାରିଖରେ ଶ୍ରୀ ବଳବନ୍ତରାୟ ପୁନର୍ବାର ଅଧ୍ୟକ୍ଷ ପଦ ହାତେଇ ଇତିହାସ ରଚିବାକୁ ଯାଉଛନ୍ତି । ଯାହାକୁ ନେଇ ଏବେ ଧର୍ମଶାଳାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଧର୍ମଶାଳ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳକୁ ଅଦ୍ଭୁତପୂର୍ବ ସଫଳତା ମିଳିଥିଲା । ୪୫ ଗୋଟି ପଂଚାୟତର ୪୩ ଜଣ ସମିତି ସଭ୍ୟ ଶ୍ରୀ ବଳବନ୍ତରାୟଙ୍କୁ ସମର୍ଥନ ଦେଉଥିବା ଜଣାପଡିଛି । ଯାହାକି ଶ୍ରୀ ବଳବନ୍ତରାୟ ଅଧ୍ୟକ୍ଷ ପଦ ହାତେବା ନେଇ ଚର୍ଚ୍ଚା ରହିଛି । ସୂଚନା ଯୋଗ୍ୟ ଯେ ଧର୍ମଶାଳା ବ୍ଲକ ଗଡମଧୁପୁର ରାଜା ନାରାୟଣ ଚନ୍ଦ୍ରଧର ନରେନ୍ଦ୍ର ପ୍ରଥମ ଥର ପାଇଁ ଅପ୍ରତିଦ୍ୱନ୍ଦୀ ଭାବେ ଅଧ୍ୟକ୍ଷ ହୋଇଥିଲେ । ଏହା ପରେ ସ୍ୱର୍ଗତ ବୈରାଗୀ ବିଶ୍ୱାଳ,ଗୁରୁଚରଣ ଟିକାୟତ,ସ୍ୱର୍ଗତ ଗୋପବନ୍ଧୁ ମଳିକ ପ୍ରମୁଖ ସେ ସମୟରେ ପ୍ରଚଳିତ ସରପଂଚ ଓ ୱାର୍ଡ ସଭ୍ୟଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ । ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ୧୯୯୨ ରେ ପଂଚାୟତରାଜ ବ୍ୟବସ୍ଥାରେ ପରିବର୍ତନ ଆଣି ୩୩ ଭାଗ ମହିଳାଙ୍କ ପାଇଁ ସଂରକ୍ଷିତ କରିବା ସହ ସମିତିସଭ୍ୟ ପଦବୀ ପ୍ରଚଳନ କରିଥିଲେ । ୧୯୯୨ ମସିହା ପଂଚାୟତ ନିର୍ବାଚନରେ ସ୍ୱର୍ଗତ ରମେଶ ଚନ୍ଦ୍ର ତ୍ରିପାଠୀ ବ୍ଲକ ଅଧ୍ୟକ୍ଷ ଓ ୧୯୯୭ ମସିହାରେ କିଶାନ ପଣ୍ଡା ବ୍ଲକ ଅଧ୍ୟକ୍ଷ ହୋଇଥିଲେ । ବ୍ଲକ ଅଧ୍ୟକ୍ଷ ପଦ ସଂରକ୍ଷିତ ବ୍ୟବସ୍ଥା ଅନୁସାରେ ୨୦୦୨ରେ ରମେଶ ମଳିକ,୨୦୦୭ରେ ସଂଜୁଲତା ପରିଡା,୨୦୧୨ ମସିହାରେ ରମେଶ ଚନ୍ଦ୍ର ପରିଡା ଓ ଦୁଃଶାସନ ସାହୁ ବ୍ଲକ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ ।

## ବେଗୁନିଆପଡା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରୂପେ ସୋମନାଥ ସେଠୀଙ୍କୁ ନିଯୁକ୍ତି

ଗଞ୍ଜାମ,୦୪/୦୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକରେ ଅତିରିକ୍ତ ଶିକ୍ଷା ଅଧିକାରୀ ରୂପେ ବରିଷ୍ଠ ଶିକ୍ଷକ ସୋମନାଥ ସେଠୀଙ୍କୁ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଆଜି ନିଯୁକ୍ତି ଦେଇଥିବା ସୂଚନା ଦେଇଛନ୍ତି । ଏହି ପଦବୀଟି ଦୀର୍ଘଦିନ ଧରି ଖାଲି ପଡିଥିବାରୁ ବ୍ଲକର ବିଭିନ୍ନ ବିଦ୍ୟାଳୟ ଗୁଡିକ ତଦାରଖ କରିବାରେ ବିଶେଷ ବାଧା ସୃଷ୍ଟି ହେଉଥିଲା । ବର୍ତମାନ ଶ୍ରୀ ସେଠୀଙ୍କ ନିଯୁକ୍ତି ପରେ ଏହି ସମସ୍ୟା ସୁଧୁରି ଯିବ ବୋଲି ଆଶା କରାଯାଉଛି । ଏହି ସୂଚନା ଦେଇଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ବିନିତା ସେନାପତି ।

## ଜଳାତଙ୍କ ରୋଗ ସଂପର୍କରେ ମେଡିକାଲ ଅଫିସର ମାନଙ୍କୁ ତାଲିମ

କେନ୍ଦ୍ରାପଡ଼ା,୦୪/୦୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଥିବା ଡାକ୍ତର ଓ ମେଡିକାଲ ଅଫିସର ମାନଙ୍କୁ ଜଳାତଙ୍କ ରୋଗ ଚିକିତ୍ସା ସଂପର୍କରେ ତାଲିମ ପ୍ରଦାନ କରାଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଣୀ ଡାକ୍ତର ଅନିତା ପଟ୍ଟନାୟକ, ଡାକ୍ତର ମିର୍ଜା ବାବର ବେଗ, ଡାକ୍ତର ନୃପେନ ଶତପଥୀ ପ୍ରମୁଖ ଉପସ୍ଥିତ ହୋଇ ଡାକ୍ତର ମାନଙ୍କୁ ପର୍ଯ୍ୟାୟ କ୍ରମେ ତାଲିମ ଦେଇଥିଲେ । ଜଳାତଙ୍କ ରୋଗକୁ ତୁରନ୍ତ ଚିକିତ୍ସା କରିବା ପାଇଁ ଇଞ୍ଜେକସନ୍ ଦେବା ସଂପର୍କରେ ତାଲିମ ପ୍ରଦାନ କରିଥିଲେ । ପ୍ରଥମ ପର୍ଯ୍ୟାୟ, ଦ୍ୱିତୀୟ ପର୍ଯ୍ୟାୟ ଓ ତୃତୀୟ ପର୍ଯ୍ୟାୟରେ ଧାର୍ଯ୍ୟ ସମୟ ମଧ୍ୟରେ ଇଞ୍ଜେକସନ ଦେଇ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଉପସ୍ଥିତ ଥିବା ମେଡିକାଲ ଅଫିସର ମାନଙ୍କୁ ତାଲିମ ଦିଆଯାଇଥିଲା । ଏହି ତାଲିମ ସମୟରେ ସୁଶାନ୍ତ ପଟ୍ଟନାୟକ, ଏସ ଏସ ବିଶ୍ୱାଳ, ଏସ ଏସ ସିଂହ, ଗିତାଞ୍ଜଳୀ ଦାସ, ସର୍ବେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ହାତୀ ସୁରକ୍ଷାରେ ନିୟୋଜିତ ଜଗୁଆଳିଙ୍କୁ ବନୀକରଣ ସଫେଇ କାର୍ଯ୍ୟରେ ନିୟୋଜିତ : ତଦନ୍ତ ନିର୍ଦ୍ଦେଶ

କେନ୍ଦୁଝର,୦୪/୦୩ (ନି.ପ୍ର): ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥ ଙ୍କର ୩ ଦିନିଆ କେନ୍ଦୁଝର ଗସ୍ତ ରହିଛି । ଏହି କାର୍ଯ୍ୟକ୍ରମରେ ସେ ବନୀକରଣ ଏବଂ ବିଭିନ୍ନ ନର୍ସରୀ ବୁଲି ଦେଖିବା ସହ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥଙ୍କ ଗସ୍ତ ପୂର୍ବରୁ କେନ୍ଦୁଝର ସଦର ରେଞ୍ଜ ସମେତ ବିଭିନ୍ନ ରେଞ୍ଜ ଅଧିନରେ ଥିବା ନର୍ସରୀରେ ଯୁଦ୍ଧକାଳୀନ ଭିତିରେ ସଫେଇ କାମ ଚାଲିଛି । ପୂର୍ବରୁ ଲତାବୁଦା ଓ ଅଳିଆ ଆବର୍ଜନାରେ ରେ ପରିପୂର୍ଣ୍ଣ ନର୍ସରୀରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟର ତଦାରଖ କରୁଛନ୍ତି । ଏଥିପାଇଁ ବହୁ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି । ଏହି ଘଟଣା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଅବଗତ ହେବା ପରେ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଆରସିସିଏଫ ରାଉରକେଲା ଅରୁଣ କୁମାର ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି । ପିସିସିଏଫଙ୍କ ତଦନ୍ତ ନିର୍ଦ୍ଦେଶ ପରେ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଛନକା ପଶିଛି । ବିଶେଷ କରି କେତେକ ଅଧିକାରୀ , ସ୍କାର୍ଡ କର୍ମଚାରୀଙ୍କୁ ନିଜ ଘରୋଇ କାମରେ ନିୟୋଜିତ କରିଛନ୍ତି । ସଦର ରେଞ୍ଜ ପଦ୍ମପୁରଠାରେ ୬ ହେକ୍ଟର ଗ୍ରାମ୍ୟ ଜଙ୍ଗଲରେ ଶାଳଗଛ ବନୀକରଣ କରାଯାଇଛି । ବହୁ ଦିନ ଧରି ଏହାର ସଫେଇ କରାଯାଉନଥିବା ବେଳେ ପିସିସିଏଫଙ୍କ ଗସ୍ତ ପୂର୍ବରୁ ବୁଧବାର ଦିନ ହାତୀ ଜଗୁଆଳୀ ଏବଂ ନିଆଁଲିଭା ସ୍କାର୍ଡ କୁ ନେଇ ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଇଛି । ସଦର ରେଞ୍ଜ ଏବଂ ବିଜେପି ରେଞ୍ଜର ୨୦ ରୁ ଉର୍ଦ୍ଧ ସ୍କାର୍ଡ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ଶାଳ ଜଙ୍ଗଲ ପରିସରକୁ ସଫେଇ କରାଯାଉଛି । ହାତୀ ସ୍କାର୍ଡ ଏବଂ ନିଆଁ ଲିଭା ସ୍କାର୍ଡଙ୍କୁ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଇଥିବାରୁ ମୂଳ କାମରେ ବାଧାପ୍ରାପ୍ତ ହୋଇଛି । ଜଙ୍ଗଲ ସୁରକ୍ଷା.ହାତୀ ଓ ଅନ୍ୟ ଜଙ୍ଗଲ ଜୀବଜନ୍ତୁ ଏବଂ ଜଙ୍ଗଲ ନିଆଁ ରୋକିବାକୁ ବନ ବିଭାଗ ପକ୍ଷରୁ ଜଗୁଆଳି ନିୟୋଜିତ କରାଯାଇଛି । ମାତ୍ର ଏହି ଜଗୁଆଳିମାନଙ୍କୁ ସେମାନଙ୍କୁ ଦିଆଯାଇଥିବା କାର୍ଯ୍ୟରୁ ବିରତ ରଖି ବନ ବିଭାଗ ଅଧିକାରୀମାନେ ନିଜ ଘରୋଇ କାମରେ ନିୟୋଜିତ କରିଛନ୍ତି । ବିଭାଗୀୟ ଅଧିକାରୀମାନେ ଏହି ଜଗୁଆଳି ମାନଙ୍କୁ ଘରୋଇ କାମ ସହ ଅଫିସ କାର୍ଯ୍ୟରେ ନିୟୋଜିତ କରିଥିବାରୁ ଜଙ୍ଗଲ ସୁରକ୍ଷା କାର୍ଯ୍ୟ ଠିକ୍ ଭାବରେ ହୋଇ ପାରୁନାହିଁ । ଅନେକ ରେଞ୍ଜରେ ହାତୀ ଜଗୁଆଳିମାନଙ୍କୁ ବନୀକରଣ କାର୍ଯ୍ୟରେ ଲଗାଇଛନ୍ତି । ଫଳରେ ସେମାନ ହାତୀ ଡ୍ୟୁଟି ଠିକ ଭାବେ କରି ପାରୁନାହାଁନ୍ତି । ଯେଉଁଥିପାଇଁ ବନ୍ୟପ୍ରାଣୀ ଶୀକାର ହେବା ସହ ଜଙ୍ଗଲ ସୁରକ୍ଷା କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନାହିଁ । ଚମ୍ପୁଆ, ବଡବିଲ ରେଞ୍ଜରେ ମୂଲ୍ୟବାନ ଲୁହାପଥର, ମାଙ୍ଗାନିଜ ଚୋରା ଚାଲାଣ ହେଉଛି । ସଦର ରେଞ୍ଜ, ତେଲକୋଇ, ବିଜେପି ଘଟଗାଁ ରେଞ୍ଜରେ ମୋରମ, ମାଟି ସମେତ ପଥର ଚୋରୀ ଯୋଗୁଁ ବ୍ୟାପକ ଜଙ୍ଗଲ ନଷ୍ଟ ହେଉଛି । ବନ ବିଭାଗର ନିଷ୍କ୍ରିୟତା ସୁଯୋଗରେ ମାଫିଆମନେ ସକ୍ରୀୟ ହୋଇପଡିଛନ୍ତି । ମାଫିଆମାନେ ବହୁ ଜଙ୍ଗଲ ନଷ୍ଟ କରି ଚାଲିଥିଲେ ମଧ୍ୟ ଜଙ୍ଗଲ ବିଭାଗର କୌଣସି ଅଧିକାରୀ ଜାଣିନପାରିବା କେବଳ ଆଶ୍ଚର୍ଯ୍ୟର ବିଷୟ ହୋଇନାହିଁ ବରଂ ସେମାନଙ୍କର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଲଗାଇଅଛି । ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି । ଜଙ୍ଗଲ ପଦା ହେବାରୁ ଜନବସତି ମୁହାଁ ହୋଇ ମଣିଷଙ୍କ ଶିକାର ହୋଇ ବନ୍ୟପ୍ରାଣୀମାନେ ପ୍ରାଣ ହରାଉଛନ୍ତି । ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାରେ ବନ ବିଭାଗ ଫେଲ ମାରିଥିବାରୁ କାଠ ମାଫିଆ ଓ ଖଣି ମାଫିଆଙ୍କ ପ୍ରାଦୁର୍ଭାବ ମଧ ବଢି ଚାଲିଛି । ଶୀକାରୀମାନେ ଜଙ୍ଗଲ ଭିତରେ ସ୍ୱଚ୍ଛନ୍ଦରେ ଜଙ୍ଗଲରେ ବୁଲୁଛନ୍ତି । ବନ୍ୟଜନ୍ତୁ ଶୀକାର ବଢୁଛି । ବନ ବିଭାଗ ବନ୍ୟଜନ୍ତୁ ଏବଂ ଜଙ୍ଗଲ ସୁରକ୍ଷା ଦିଗରେ ଯତ୍ନବାନ ନ ହୋଇ ଅନ୍ୟ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେଉଥିବା ଅଭିଯୋଗ ହୋଇଛି ।

# ମା' ତାରିଣୀଙ୍କ ନିକଟରେ ମାନସିକ ନଡ଼ିଆ ଭୋଗ ଲଗାଇଲେ ଶ୍ରଦ୍ଧାଳୁ

ଘଟଗାଁ,୦୪/୦୩ (ନି.ପ୍ର): କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ଦେବୀ ପୀଠ ଘଟଗାଁ ସ୍ଥିତ ମା ତାରିଣୀ ମନ୍ଦିରରେ ଭକ୍ତଙ୍କ ନିମନ୍ତେ ରହିଥିବା କଟକଣାରେ କିଛିଟା କୋହଳ କରିଛି ପ୍ରଶାସନ । ଫଳରେ ଆଜି ଠାରୁ ମାଙ୍କ ନିକଟରେ ମାନସିକ ନଡ଼ିଆ ଭୋଗ ଲଗାଇପାରିବେ ଶ୍ରଦ୍ଧାଳୁ । ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ମାଙ୍କ ଦର୍ଶନ କରିପାରିବେ । ତେବେ ମନ୍ଦିରକୁ ଯାଉଥିବା ସମସ୍ତ ଭକ୍ତଙ୍କ ପାଇଁ ମୁହଁରେ ମାସ୍କ ପରିଧାନ ବାଧତାମୂଳକ କରାଯାଇଛି । ଭକ୍ତ ମାନଙ୍କ ପାଇଁ ଭୋଗ ଲଗାଇବା ଧାଡି ଓ ଦର୍ଶନ ଧାଡ଼ି ଅଲଗା ରହିଛି ।

ଆଜି ଭୋରରୁ ମନ୍ଦିର ଦ୍ୱାରଫିଟା, ସ୍ନାନ, ମାଜଣା, ବଡସିଂହାର ବେଶ, ଶୋଡ଼ଷ ଉପଚାର ପୂଜା, ମଙ୍ଗଳ ଆଳତୀ ଓ ଅନ୍ୟାନ୍ୟ ନୀତିକାନ୍ତି ସମାପନ ପରେ ସକାଳ ସାଢ଼େ ୬ଟା ଠାରୁ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ରାତି ୮ଟା ପର୍ଯ୍ୟନ୍ତ ଭକ୍ତ ମାନେ ମାଙ୍କ ଦର୍ଶନ କରିପାରିବେ । ଅପରାହ୍ନ ୧ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ମାଙ୍କ ବିଶ୍ରାମ ପାଇଁ ଦର୍ଶନ ବନ୍ଦ ରହିବ । ସମସ୍ତ ଭକ୍ତ ଦର୍ଶନ ଓ ମାଙ୍କ ନିକଟରେ ଭୋଗ ଲଗାଇବା ନିମନ୍ତେ ଯଥାକ୍ରମେ ମୁଖଶାଳା ଓ ଟିକେଟ୍ କାଉଂଟର ଦେଇ ମନ୍ଦିରକୁ ପ୍ରବେଶ କରୁଛନ୍ତି । ଦର୍ଶନ ଓ ଭୋଗ ଲାଗି ପରେ ପ୍ରସ୍ଥାନ ଦ୍ୱାର ଦେଇ ଫେରୁଛନ୍ତି । ବିଶେଷ କରି କରୋନା ସ୍ଥିତିରେ ସୁଧାର ଆସିବା ଏବଂ ସଂକ୍ରମଣର ହାର ହ୍ରାସ ପାଇଥିବାରୁ ପ୍ରଶାସନ ଏହି ନିଷ୍ପତି ନେଇଛି । ଏହା ବ୍ୟତୀତ ମା'ଙ୍କର ସକାଳ ଆଳତୀ, ଅନ୍ନପ୍ରସାଦ ନୀତି, ସନ୍ଧ୍ୟା ଆଳତୀ ଓ ପହଡ଼ ଆଳତୀ ଯଥାରୀତି ଚାଲୁ ରହିଛି । ଏଠାରେ ଉଲ୍ଲେଖଯୋଗ୍ୟ, କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଗତ ଅଗଷ୍ଟ ୧୦ ତାରିଖ ଠାରୁ ମନ୍ଦିର ଭିତରକୁ ଶ୍ରଦ୍ଧାଳୁ ମାନେ ଭୋଗ, ଫୁଲ, ଫଳ, ଧୂପ, ଦୀପ ଆଦି ପୂଜା ସାମଗ୍ରୀ ନେବା ଉପରେ ପ୍ରଶାସନ ପକ୍ଷରୁ କଟକଣା ରହିଥିଲା । ଏପରିକି ଶିଶୁ ମାନଙ୍କ ଠାରେ ସଂକ୍ରମଣର ଭୟ ଅଧିକ ଥିବାରୁ ଶିଶୁ ଓ ବୟସ୍କ ମାନଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ଜାରୀ କରିଥିଲା ପ୍ରଶାସନ । ହେଲେ ଏବେ କରୋନା ସ୍ଥିତିରେ ସୁଧାର ଆସିଥିବାରୁ କଟକଣାକୁ କୋହଳ କରାଯାଇଛି । ଯଦ୍ୱାରା ଏବେ ସମସ୍ତ ଭକ୍ତ ମାଙ୍କ ଦର୍ଶନ କରିପାରିବେ ।

# ପୌର ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ପାଳନ ପାଇଁ ବୈଠକ

ଝାରସୁଗୁଡା,୦୪/୦୩ (ନି.ପ୍ର): ଆଜି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ରାଜନୈତିକ ଦଳ ସହିତ ଏକ ବୈଠକ ଜିଲ୍ଲା କାର୍ଯ୍ୟାଳୟର ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ସରୋଜ କୁମାର ସାମଲ ଅଧକ୍ଷତା କରିଥିଲେ ।ବୈଠକ ପ୍ରାରମ୍ଭରେ ଯୋଗେନ୍ଦ୍ର ମାଝୀ, ଡେପୁଟୀ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ସମ୍ୟକ ଧାରଣା ଦେଇଥିଲେ । ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବିଶଦ ଭାବେ ପୌର ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଓ କୋଭିଡ଼ ନିୟମ ପାଳନ ଉପରେ ଆଲୋଚନା କରିଥିଲେ ଏବଂ ନିର୍ବାଚନର ଅନ୍ୟାନ୍ୟ ବିଷୟ ପ୍ରତି ଆଲୋକପାତ କରିଥିଲେ । ଜିଲ୍ଲାପାଳ ସାମଲ ପୌର ନିର୍ବାଚନ କୁ ଅବାଧ, ମୁକ୍ତ ଏବଂ ଶାନ୍ତି ପୂର୍ଣ୍ଣ ଭାବରେ ସମ୍ପୂର୍ଣ୍ଣ କରିବାକୁ ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରିଥିଲେ । ସେହିପରି ବିକାଶ ଚନ୍ଦ୍ର ଦାସ, ଆରକ୍ଷୀ ଅଧିକ୍ଷକ, ଝାରସୁଗୁଡ଼ା ଜିଲ୍ଲାରେ ପୌର ନିର୍ବାଚନକୁ ଶାନ୍ତି ପୂର୍ଣ୍ଣ ଭାବରେ ତଥା ଅପରାଧ ରହିତ କରିବାକୁ ପରାମର୍ଶ ଦେଇଥିଲେ । ରାଜନୈତିକ ପ୍ରତିନିଧି ମାନେ ନିଜର ସୁଚିନ୍ତିତ ମତାମତ ଦେଇଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବିଜେପି ସମର୍ଥିତ ବିଜୟୀ ସରପଂଚ ଅରୁଣଙ୍କ ପାଇଁ ପଦଯାତ୍ରା



ବାସୁଦେବପୁର,୦୪/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରୀ ପଂଚାୟତର ବିଜେପି ସମର୍ଥିତ ସରପଂଚ ପ୍ରାର୍ଥୀ ଅରୁଣ କୁମାର ମହାନ୍ତି, ପପୁ ଚଳିତ ତ୍ରିସ୍ତରୀୟ ନିର୍ବାଚନ ରେ ବିଜୟଲାଭ କରିଛନ୍ତି । ଏହି ଅବସରରେ ଏକ ପଦଯାତ୍ରା ଗାଁ କୁ ଗାଁ ବାହାରିଥିଲା । ଏଥିରେ ବିଜେପି ର ସମସ୍ତ କର୍ମୀ ଓ ଜନସାଧାରଣ ଯୋଗ ଦେଇଥିଲେ । ବିଜୟ ଲାଭ କରିଥିବା ସରପଂଚ ଅରୁଣ ମହାନ୍ତି ଓ ପରାଜୟ ବରଣ କରିଥିବା ସମିତି ସଭ୍ୟ ପ୍ରାର୍ଥୀ ଅମର ଦାସ ଙ୍କୁ ଗ୍ରାମବାସୀ ଆଶୀର୍ବାଦ ଦେଇଥିଲେ । ମନ୍ଦିର ରେ ବିଜୟୀ ସରପଂଚ ଙ୍କ ପାଇଁ ପୂଜାପାଠ କରାଯାଇଥିଲା । ଆଗାମୀ ଦିନରେ ପଂଚାୟତର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ବିଜେପି ସରପଂଚ ଅରୁଣ ପ୍ରକାଶ କରିଥିଲେ । ଏହି ପଦଯାତ୍ରା ରେ ପଂଚାୟତର ସଭାପତି ବସନ୍ତ ନାୟକ, ପରେଶ ସାହୁ, ପ୍ରକାଶ ରାଉତ, ଆଦିତ୍ୟ ମହାନ୍ତି, ବିଭୁଦତ୍ତ ନାୟକ,ଶୁଭଜିତ ବିଶ୍ୱାଳ, ରବୀନ୍ଦ୍ର ନାୟକ,ଝରଣା ସେଠୀ, ବିଶ୍ୱନାଥ ରାଉତ, ରତିକାନ୍ତ ମହାନ୍ତି ଓ ବହୁ ସଂଖ୍ୟାରେ କର୍ମୀବନ୍ଧୁ ଯୋଗ ଦେଇଥିଲେ ।

# ସାହାସୀ ବିଜୁ ଓ ଗୋପବନ୍ଧୁ

ବିପିନ ବିହାରୀ ରାଉତ
ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ : ୯୪୩୭୬୬୬୪୫୩







ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଥିଲେ ସାହସୀ, ସ୍ୱାଭିମାନୀ, ଯୁଗସ୍ରଷ୍ଟା ଓ ଦୂରଦ୍ରଷ୍ଟା। ଓଡ଼ିଆ ଜାତି ତଥା ଓଡ଼ିଶାର ଉତ୍‌ଥାନ ପାଇଁ ଆଜୀବନ ଉଦ୍ୟମ କରିଥିବା ମହାନ ନେତାଙ୍କ ମଧ୍ୟରେ ସେ ଅନ୍ୟତମ। ଶୈଶବରୁ ସେ ଥିଲେ ଦୁଃସାହସୀ। ତାଙ୍କର ଦୁଃସାହସ ସଂପର୍କିତ କେତୋଟି ଘଟନା ସଂକ୍ଷେପରେ ଜାଣିବା ହେଉ। ଥରେ ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ପ୍ରବଳ ବନ୍ୟା ଆସିଲା। ବନ୍ୟା ଆସିଲେ ଉତ୍କଳ ମଣି ଗୋପବନ୍ଧୁ ବିପନ୍ନଙ୍କୁ ସହାୟତା ଯୋଗାଇବା ପାଇଁ ଡଙ୍ଗାରେ ଚୁଡ଼ା, ଚାଉଳ ଓ ଅନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ନେଇ ବାହାରିପଡ଼ନ୍ତି। ଥରେ ସେ ବରୀ ଅଞ୍ଚଳକୁ ବାହାରିଲେ। ସଙ୍ଗରେ ଥିଲେ ବାର ବର୍ଷ ବୟସ୍କ ବିଜୁଙ୍କ ସହ ଆଉ କିଛି ଛାତ୍ର। ଉଛୁଳା ନଦୀ, ମଝିରେ ମଝିରେ ଜୋରରେ ପବନ ବୋହୁଥାଏ। ଖରାରୁ ରକ୍ଷା ପାଇବା ପାଇଁ ଗୋପବନ୍ଧୁ ଛତା ଧରି ବସିଥାନ୍ତି ଡଙ୍ଗାର ମଙ୍ଗରେ। ହଠାତ୍ ପବନ ମାଡ଼ରେ ତାଙ୍କ ହାତରୁ ଛତାଟି ଖସିଯାଇ ପଡ଼ିଲା ପାଣିରେ ଏବଂ ଭାସି ଚାଲିଲା ସୁଅରେ। ତାହା ଦେଖି, କେହି କିଛି ବୁଝିବା ପୂର୍ବରୁ ଭରା ନଦୀ ଗର୍ଭକୁ ଲମ୍ଫ ଦେଇଥିଲେ ବିଜୁ। କିଛି ସମୟ ପରେ ଛତା ଧରି ଫେରିଥିଲେ ଡଙ୍ଗାକୁ। ତାଙ୍କ ଦୁଃସାହାସ ଦେଖି ସେ ଦିନ ଚମକୃତ ହୋଇଥିଲେ ଗୋପବନ୍ଧୁ ଏବଂ ଦିନେ ଓଡ଼ିଆ ଜାତିର ଟେକ ରଖିବୁ କହି ଆଶୀର୍ବାଦ କରିଥିଲେ। ୧୯୨୬ର କଥା। ମହାତ୍ମା ଗାନ୍ଧୀ କଟକ ଆସିଥାଆନ୍ତି। ବାଳକ ବିଜୁଙ୍କ ଇଛା ଗାନ୍ଧିଜୀଙ୍କୁ ଭେଟିବେ। ହେଲେ ପୁଲିସ୍ ଛାଡୁ ନଥାଏ। ଡେଙ୍ଗା-ପତଳା ବିଜୁ ଭିଡ ଠେଲି ମାଡ଼ିଚାଲିଲେ ଆଗକୁ ଗୋରା ପୁଲିସ୍‌ଙ୍କ ଲାଠିକୁ ଖାତର ନକରି। ଉପସ୍ଥିତ ପୁଲିସ ବାବୁ ରାଗିଯାଇ ଲାଠିରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଲେ। ମୁଣ୍ଡରୁ ବୋହିଗଲା ଝର ଝର ଲହୁ। ହେଲେ ଭୟ ନକରି ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଗଲେ ବିଜୁ। ଗାନ୍ଧୀ ମହାତ୍ମା ପୁଲିସ ବାବୁଙ୍କୁ ଭର୍ତ୍ସନା କରିବା ସହ ବିଜୁଙ୍କ ମୁଣ୍ଡରୁ ରକ୍ତ ପୋଛି ଆଶୀର୍ବାଦ ଦେଇଥିଲେ। ପ୍ରଥମ ମହାଯୁଦ୍ଧ ପରବର୍ତ୍ତୀ ସମୟର ଘଟନା। ବାଲିଯାତ୍ରା ପଡ଼ିଆରେ ପ୍ରଥମଥର ପାଇଁ ବିମାନଟିଏ ଅବତରଣ କରିଥାଏ। ବିମାନ ଦେଖିବା ଲାଗି ନାହିଁ ନଥିବା ଭିଡ। ବିଜୁଙ୍କ ଇଛା ପାଖରୁ ଦେଖିବେ। ପୁଲିସ୍‌କୁ ନମାନି, ବାଡ଼ ଭାଙ୍ଗି ବିମାନ ନିକଟରେ ପହଞ୍ଚି ପାରିଥିଲେ। ପରିଣାମ ସ୍ୱରୂପ ପିଠିରେ ପଡ଼ିଥିଲା ଲାଠି ପାହାର। ସେହି ଦିନ ପ୍ରତିଜ୍ଞା କରିଥିଲେ ବୈମାନିକ ହେବେ ହୋଇଥିଲେ ମଧ୍ୟ। ଏମିତି ସେମିତି ବୈମାନିକ ନୁହେଁ ବହୁତ କିଛି କରିବାର ସାମର୍ଥ୍ୟ ରଖିଥିବା ବୈମାନିକ। ପଣ୍ଡିତ ନେହେରୁଙ୍କ ନିର୍ଦ୍ଦେଶରେ ଇଣ୍ଡୋନେସିଆରୁ ସେଠାକାର ପ୍ରଧାନମନ୍ତ୍ରୀ ସହରିର୍‌ଙ୍କୁ ଡଚ୍ ବାହିନୀ କବଳରୁ ଖସାଇ ବିମାନରେ ନେଇ ଆସିଥିଲେ ନୂଆଦିଲ୍ଲୀ। ସହଯୋଗୀ ଭାବେ ସଙ୍ଗରେ ଯାଇଥିଲେ ପତ୍ନୀ ଜ୍ଞାନ ଦେବୀ। ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଅବଦାନ ପାଇଁ ତାଙ୍କୁ ସେଠାକାର ସର୍ବୋଚ୍ଚ ଉପାଧି ଭୂମିପୁତ୍ରରେ ସମ୍ମାନିତ କରାଯାଇଥିଲା। ବିଜୁ ପଟ୍ଟନାୟକ ଥିଲେ ବାସ୍ତବରେ ଜଣେ ମହାନାୟକ ଓ ବିକାଶ ପୁରୁଷ। ତାଙ୍କର ପ୍ରକୃତ ବୈଶିଷ୍ଟ୍ୟ ଦେଖିବାକୁ ମିଳେ ତାଙ୍କର ବୀରତ୍ୱପୂର୍ଣ୍ଣ କାର୍ଯ୍ୟରେ। ବନ୍ଧୁ ମହଲରେ ବିଜୁ ନାମରେ ପରିଚିତ ଶ୍ରୀ ପଟ୍ଟନାୟକ ଦେଶଭକ୍ତିର ବହୁ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ତାଙ୍କର ଜୀବନରେ ଏହି ବୈଶିଷ୍ଟ୍ୟ ଯୋଗୁ ସେ ଜଣେ ଭିନ୍ନ ବର୍ଣ୍ଣର ରାଜନୈତିକ ନେତାଭାବେ ସମ୍ମାନିତ।

# ଉତ୍କଳର ବରପୁତ୍ର : ବିଜୁବାବୁ



ଅକ୍ଷୟ କୁମାର ରାଉତ



୧୯୩୬ ମସିହା, ଏପ୍ରିଲ୍ ପହିଲା । ସମଗ୍ର ଓଡ଼ିଆ ଜାତିର ଏକ ସ୍ମରଣୀୟ ଦିବସ । ଏହି ଦିନ ଓଡିଶା ଆମର ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ଲାଭ କରିଥିଲା । ଏହାପରେ ଆମ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ କରିବାରେ ଯେଉଁ ବରପୁତ୍ରମାନେ ଜୀବନକୁ ଉତ୍ସର୍ଗ କରି ପାରିଥିଲେ, ବିଜୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର ଅଚିନ୍ତନୀୟ ପରିକଳ୍ପନା, ଅସାଧାରଣ କର୍ତବ୍ୟନିଷ୍ଠା ଓ ଜାତିପ୍ରୀତି ହିଁ ଓଡିଶାର ଅଭିବୃଦ୍ଧି ପାଇଁ ବିଭିନ୍ନ ମାର୍ଗ ପ୍ରଦର୍ଶନ କରିପାରିଥିଲା ।

ସେଥିଲେ ଆମ ଓଡ଼ିଆ ଜାତିର ଏକ ଅମଳିନ ପ୍ରତିଭା । ତାଙ୍କୁ ଯେତେବେଳେ ମାତ୍ର ଆଠବର୍ଷ ବୟସ, ସେତେବେଳେ ସେ ହଠାତ୍ ଆପେଣ୍ଡିସ୍ ସାଇଟ୍ ରୋଗରେ ଆକ୍ରାନ୍ତ ହୋଇପଡିଲେ । ଅପରେସନ୍ ନହେଲେ ସେ ନିଶ୍ଚିତ ମୃତ୍ୟୁମୁଖରେ ପଡିବେ । ୧୯୨୩ ମସିହାର ସେହି ଏକ ବିବର୍ଣ୍ଣ ପ୍ରଭାତ । ଏହିଦିନ ପ୍ରଖ୍ୟାତ ରୋଗ ସର୍ଜନ ଡା. ପିଲ୍ଲେର ତାଙ୍କଠାରେ ଅସ୍ତ୍ରୋପଚାର କରି ତାଙ୍କୁ ମୃତ୍ୟୁମୁଖରୁ ବଂଚାଇଥିଲେ । କଳିକା ଯେପରି କୁସୁମିତ ହୋଇ ତା'ର ରୂପ, ରସ ଓ ଗନ୍ଧରେ ଜନମନକୁ ହରଣ କରିଥାଏ, ସେହିପରି ବିଜୁବାବୁଙ୍କ ଜୀବନ କଳିକା କ'ଣ କୁସୁମିତ ନହୋଇ ଅକାଳରେ ଝଡିପଡ଼ିଥାନ୍ତା ! ଈଶ୍ୱରଙ୍କର ଅପାର କରୁଣା ତାଙ୍କ ଉପରେ ଅଜାଡି ହୋଇପଡ଼ିଥିଲା । ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇ ସୁସ୍ଥ ପରିବେଶ ମଧ୍ୟରେ ସେ ଆନନ୍ଦରେ ହସି ଖେଳି ପାଠ ପଢ଼ି ଚାଲିଲେ ।

୧୯୩୨ ମସିହାରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ଏଂଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହ ୧ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ କଟକ ରେଭେନ୍ସା କଲେଜରେ ଆଇ.ଏସ୍‌ସି ଓ ବି.ଏସ୍‌ସି ପଢ଼ିଥିଲେ ।

ସୁଖର କଥା ପାଠପଢ଼ାରେ ସେ ଯେପରି ସୁନାମ ଅର୍ଜନ କରିଥିଲେ କଲେଜରେ କ୍ରୀଡା କ୍ଷେତ୍ରରେ ମଧ ସମସ୍ତ ରେକର୍ଡ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟିକରିଥିଲେ, ଯାହାକି ବହୁଦିନ ପର୍ଯ୍ୟନ୍ତ ତାଙ୍କ ରେକର୍ଡକୁ କେହି ଭଙ୍ଗକରି ପାରିନଥିଲେ । ତାଙ୍କ ପରି ଜଣେ ପ୍ରତିଥ ଯଶ ବ୍ୟକ୍ତିଙ୍କୁ ପାଇ ଓଡିଆ ଜାତି ଆଜି ନିଜକୁ ଧନ୍ୟ ମନେକରେ ।

ତାଙ୍କର ପ୍ରଗତିଶୀଳ ଅଗ୍ରଗାମୀ ଚିନ୍ତାଧାରା ପାଇଁ ସେ ଶିଳ୍ପପତିର ସମ୍ମାନ ଲାଭ କରିଥିଲେ । ରାଜନୈତିକ ଶାସନକାଳ ଭିତରେ ସେ ବୈଜ୍ଞାନିକର ସ୍ୱର ଉତ୍ତୋଳନକରି ଓଡିଆ ଜାତିର ସର୍ବାଙ୍ଗୀନ ଉନ୍ନତିର ଉଦ୍ୟମ ଚଳାଇବାକୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭୁଲିନଥିଲେ । ଓଡିଆ ଜାତିର ସୁଖ, ଶାନ୍ତି କିପରି ବୃଦ୍ଧି ହେବ, ଏ ଜାତି ସମଗ୍ର ବିଶ୍ୱ ଦରବାରରେ କିପରି ପରିଚିତ ହୋଇପାରିବ,ଏ ସ୍ୱପ୍ନ ତାଙ୍କର ସାର୍ଥକ ହୋଇଛି କଳିଙ୍ଗ ପୁରସ୍କାର ପାଇଁ । ଭୁବନେଶ୍ୱରରେ ଓଡିଶା ଫ୍ଲାଇଙ୍ଗ୍ କ୍ଲବ୍ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ପାରିଥିଲା ।

କଟକ ରେଭେନ୍ସା କଲେରେ ଓୟାରଲେସ୍ ଟ୍ରେନିଙ୍ଗ୍‌ର ବ୍ୟବସ୍ଥା କରି ସେ ଓଡିଆ ଯୁବକ ମାନଙ୍କୁ ଉକ୍ତ ତାଲିମ୍ ପାଇବାରେ ସୁଯୋଗ ଦେବା ସଙ୍ଗେସଙ୍ଗେ ପାଣିଜାହାଜ ଓ ଉଡ଼ାଜାହାଜ ଆଦି ସଂସ୍ଥାରେ ନିଯୁକ୍ତ ପାଇବାର ପଥ ସୁଗମ କରି ପାରିଛନ୍ତି ।

ବେଳେ ବେଳେ ଆମ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଇ.ଏସ୍‌ସି. ପରୀକ୍ଷା ଫଳ ପ୍ରକାଶ ପାଇବାରେ ବହୁ ବିଳମ୍ବ ଘଟୁଥିଲା । ରାଜ୍ୟ ବାହାରେ ଥିବା ବିଭିନ୍ନ ଇଂଜିନିୟରିଂ କଲେଜରେ ଯଥାସମୟରେ ଅଧ୍ୟୟନ କରିବାପାଇଁ ଛାତ୍ର ମାନଙ୍କ ଆବେଦନ କରିବାର ତାରିଖ ଚାଲି ଯାଉଥିଲା । ଯାହାଫଳରେ କି ଓଡ଼ିଶାର କୃତୀ ଛାତ୍ରମାନେ ଉକ୍ତ କଲେଜ ମାନଙ୍କରେ ନାମ ଲେଖାଇବାର ସୁଯୋଗରୁ ବଂଚିତ ହେଉଥିଲେ । ଅତିବ ଗର୍ବ ଓ ଗୌରବର କଥାଏହି ସମସ୍ୟାର ସମାଧାନ କରିବାକୁ ଯାଇ ରାଉରକେଲା ଠାରେ ଏକ ଇଞ୍ଜିନିୟରିଂ କଲେଜ ସ୍ଥାପନ କରି ବିଜୁବାବୁ ଆଜି ବହୁ ପ୍ରତିଭାଧାରୀ ଓଡ଼ିଆ ପିଲାଙ୍କୁ ସେଠାରେ ଅଧ୍ୟୟନ କରିବାର ସୁଯୋଗ ଦେଇ, ତାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି । ବ୍ରହ୍ମପୁର ଓ ସମ୍ବଲପୁର ଠାରେ ଯଥାକ୍ରମେ ଭଞ୍ଜବିହାର ଓ ଜ୍ୟୋତିବିହାର ନାମକ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାରେ ବିଜୁବାବୁଙ୍କ ଭୂମିକା ଅବିସ୍ମରଣୀୟ । ଓଡିଆ ପିଲାଏ କିପରି ଅଧିକ ଶୃଙ୍ଖଳିତ ହୋଇ ଦେଶ ଓ ଜାତିର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିପାରିବେ, ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଯାଇ ସେ ଭୁବନେଶ୍ୱର ଠାରେ ଏକ ସୈନିକ ସ୍କୁଲ୍ ଓ ଡି.ଏମ୍.ସ୍କୁଲ୍ ପ୍ରତିଷ୍ଠା କରିଥିଲେ । ବିଶେଷ ଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନ୍ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଯାଇଛନ୍ତି । ଏହା କେବଳ ତାଙ୍କର ପ୍ରଗାଢ଼ ଉତ୍ସାହ ଓ ଉଦ୍ୟମ ଯୋଗୁ ସମ୍ଭବ ହୋଇ ପାରିଛି ।

ଓଡିଶାକୁ ଏକ ଶିଳ୍ପୋନ୍ନତି ରାଜ୍ୟରେ ପରିଣତ କରିବାକୁ ଯାଇ ବିଜୁବାବୁ ଚୌଦ୍ୱାରରେ କଳିଙ୍ଗ ଟିଉବ୍‌ସ ଏବଂ ଓ.ଟି.ଏମ୍ ଲୁଗାକଳ ସ୍ଥାପନ କରି ଏ ରାଜ୍ୟର ପ୍ରଭୂତ ଉନ୍ନତି ସାଧନ କରିଯାଇଛନ୍ତି । ଦିନ ଥିଲା ଯେତେବେଳେ କି ଆମ ଓଡ଼ିଶା କେବଳ ଜଗତର ନାଥ ଜଗନ୍ନାଥଙ୍କ ନାମରେ ରାଜ୍ୟ ବାହାରେ ପରିଚିତ ହେଉଥିଲା । ଓଡ଼ିଶା ଆଜି କିନ୍ତୁ ପାରାଦ୍ୱୀପ ବନ୍ଦର ଯୋଗୁ ସମଗ୍ର ପୃଥିବୀରେ ସୁପରିଚିତ । ତେବେ ପାରାଦ୍ୱୀପ ବନ୍ଦର ଜନ୍ମ ଜାତକରୁ ଜଣାଯାଏ ଯେ ୧୯୪୮ ମସିହାରେ ଭାରତ ସରକାରଙ୍କ ପୋର୍ଟ ଟେକ୍‌ନିକାଲ୍ କମିଟି ଓ ୧୯୫୧ ମସିହାରେ କେନ୍ଦ୍ର ଜଳ ବିଦ୍ୟୁତ କମିଶନ ଏବଂ ଫରାସୀ ଟେକ୍‌ନିକାଲ୍ କମିଶନଙ୍କ ରିପୋର୍ଟ ଥିଲା ବନ୍ଦର ନିର୍ମାଣ ପାଇଁ ମହାନଦୀ ମୁହାଣ ହିଁ ଉପଯୁକ୍ତ ସ୍ଥାନ । ଏହି ରିପୋର୍ଟ ଫଳରେ ପାରାଦ୍ୱୀପରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରିବାପାଇଁ ପ୍ରସ୍ତାବ ହୋଇଥିଲା ।

ଏହାପରେ ୧୯୫୪ ମସିହା ଅପ୍ରେଲ ମାସରେ ପୁନା ଠାରେ ସ୍ୱର୍ଗତ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବନ୍ଦର ବୋର୍ଡର ବୈଠକରେ ଏହି ପରିକଳ୍ପନାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସ୍ୱର୍ଗତ ଶାସ୍ତ୍ରୀଜୀ ଆବଶ୍ୟକ ଅର୍ଥ ମଂଜୁର କରି ସାଧବପୁଅର ରାଜ୍ୟରେ ପାରାଦ୍ୱୀପ ଠାରେ ନୂତନ ରୂପରଙ୍ଗରେ ଏହି ବନ୍ଦରକୁ ତୋଳି ଦେଲେ ଏ ଜାତିର ହାତରେ ।

୧୯୫୮ ମସିହା ଜାନୁୟାରୀ ମାସରେ ପାରାଦ୍ୱୀପ ଏକ କ୍ଷୁଦ୍ର ବନ୍ଦର ରୂପେ ସ୍ୱୀକୃତି ଲାଭ କଲାପରେ ୧୯୬୨ ମସିହା ଜାନୁୟାରୀ ୩ ତାରିଖରେ ଭାରତର ସର୍ବ ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହାରଲାଲ୍ ନେହେରୁଙ୍କ ଦ୍ୱାରା ଏହି ବୃହତ୍ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପିତ ହୋଇଥିଲା । ବିଶେଷ ଗର୍ବ ଓ ଗୌରବର କଥା ଯେ ଠିକ୍ ଏହି ସମୟରେ ବିଜୁବାବୁ ଥିଲେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ । ଏହି ବନ୍ଦରର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ତାଙ୍କର ଉଦ୍ୟମ, ଉତ୍ସାହ ଓ ନିଷ୍ଠା ଏ ଜାତିର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା ଯୁଗ ଯୁଗକୁ ।

ତୁଳସୀ ଦୁଇପତ୍ରରୁ ବାସିଲା ପରି ବଡ଼ମଣିଷଙ୍କ ପରିଚୟ ମଧ ତାଙ୍କ ପିଲାଦିନରୁ ହିଁ ଜଣା ପଡିଥାଏ । ବିଜୁବାବୁ ଯେ ଦିନେ ଓଡ଼ିଶାର ବରପୁତ୍ର ରୂପେ ପୂଜା ପାଇବେ, ଏକଥା ତାଙ୍କ ଛାତ୍ର ଜୀବନରୁ ହିଁ ଜଣା ପଡ଼ିଥିଲା । ବିଜୁବାବୁ ଯେତେବେଳେ କଟକ ରେଭେନ୍ସା କଲିଜିଏଟ୍‌ର ଛାତ୍ର, ଠିକ୍ ସେହି ସମୟରେ ନଈବଢ଼ିରେ ବରି ଅଂଚଳର ବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖଣ୍ଡେ ଦେଶୀ ଡଙ୍ଗା ଧରି ଉତ୍କଳମଣି ଗୋପବନ୍ଧୁ ଚୁଡା ଚାଉଳ ଆଦି ରିଲିଫ୍ ସାମଗ୍ରୀ ଧରି ବାଂଟିବାକୁ ଯାଉଥିଲେ । ସାଙ୍ଗରେ ତାଙ୍କର ଦଳେ ସ୍ୱେଚ୍ଛାସେବୀ କଲେଜ ଛାତ୍ର ମଧ ଯାଇଥାନ୍ତି । ବଢ଼ିଲା ନଈ । ଆକାଶରେ ଟାଣ ମେଘୁଆ ଖରା । ଏଥିପାଇଁ ଉତ୍କଳମଣିଙ୍କ ହାତରେ ଥିଲା ଖଣ୍ଡେ କପଡାଛତା । ଦୈବାତ୍ ସେହି ଛତାଟିକୁ ପବନ ତାଙ୍କ ହାତରୁ ଛଡାଇନେଇ ବଢ଼ିଲା ନଈରେ ପକାଇଦେଲା । ତା'ପରେ ପରେ ଡବ୍ କରି ଏକ ଶବ୍ଦ ହେଲା । ଦେଖାଗଲା ବିଜୁ ପଟ୍ଟନାୟକ ସେହି ଛତାଟିକୁ ଆଣିବାପାଇଁ ନଈ ସୁଅରେ ଧାଇଁଛନ୍ତି । ଏ ଦୃଶ୍ୟ ଦେଖି ସାଥୀମାନେ ସିନା ଛାନିଆ ହୋଇ ଯାଇଥିଲେ କିନ୍ତୁ ଉତ୍କଳମଣିଙ୍କ ଆଖିରୁ ଧାର ଧାର ଲୁହ ଛୁଟିଥିଲା । କିଛି ସମୟ ପରେ ବିଜୁବାବୁ ସେ ଛତାଟିକୁ ଧରି ଉଜାଣି ସୁଅରେ ଛୁଟି ଆସି ଡଙ୍ଗାକୁ ଉଠିଯାଇ ଆନନ୍ଦରେ ଛତାଟିକୁ ଗୋପବନ୍ଧୁଙ୍କ ହାତକୁବଢ଼ାଇ ଦେଇଥିଲେ । ହେଲେ ଗୋପବନ୍ଧୁ ତାଙ୍କୁ କୋଳକୁ ତୋଳିନେଇ ଲୁହ ଛଳଛଳ ଆଖିରେ ଶୁଣାଇଥିଲେ - ବାପ, ଏ ସାମାନ୍ୟ ଛତା ଖଣ୍ଡିକ ପାଇଁ ତୁ ଏତେବଡ଼ ଦୁର୍ଲ୍ଲଭ ଜୀବନକୁ ହରାଇ ଦେବାକୁ ଯାଉଥିଲୁ ।

ନିର୍ଭୀକ ଛାତ୍ର ବିଜୁବାବୁ ବିନୀତ ସ୍ୱରରେ ଶୁଣାଇଥିଲେ - ଆଜ୍ଞା, ମୋ ଜୀବନ ଠାରୁ ଅଧିକ ମୂଲ୍ୟବାନ ଆପଣଙ୍କର ଏଇ ଛତା ଖଣ୍ଡିକ । ଏତିକିରେ ଗୋପବନ୍ଧୁଙ୍କର ଅଶେଷ ଆଶୀର୍ବାଦ ଅଜାଡି ହୋଇପଡିଥିଲା ତାଙ୍କ ଉପରେ । ଅନ୍ୟ ଏକ ଦିନର ଘଟଣା । ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ୍‌ର ଶତବାର୍ଷିକ ଉତ୍ସବ ୩ ଦିନଧରି ପାଳିତ ହେଉଥାଏ । ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ ବିଜୁବାବୁ । ସ୍କୁଲ୍‌ର ୧୪ ଶହ ଛାତ୍ରଛାତ୍ରୀ, ଶହ ଶହ ନିମନ୍ତିତ ଅତିଥି ତଥା ଅଭିଭାବକଙ୍କୁ ନେଇ ସ୍କୁଲ୍ ପ୍ରାଙ୍ଗଣଟି ଆନନ୍ଦ ମୁଖର ହୋଇଉଠୁଥାଏ । ସେଦିନ ଏହି ସଭାମଂଚର ଆଦ୍ୟ ଆକର୍ଷଣ ଥିଲା, ସ୍କୁଲ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ କଣ୍ଠରେ ସମବେତ କଣ୍ଠସଂଗୀତ । ଅତିଥିମାନେ ମଂଚାସୀନ ହେଲେଣି, ଆଉ ମାତ୍ର ଅଳ୍ପ ସମୟ ପରେ କୋରସ୍ ଆରମ୍ଭ ହେବ । ଏହି ସମୟରେ କେତେକ ତଳଶ୍ରେଣୀର ଛାତ୍ର ନିଜ ନିଜ ମଧ୍ୟରେ କଥାବାର୍ତା ହେଉଥିବାର ଦେଖି ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଖୁବ୍ ଚତୁରତାର ସହ ପିଲାମାନଙ୍କୁ ପାଟି ବନ୍ଦ କରିବାପାଇଁ ନାଲିଆଖି ଦେଖାଉଥିଲେ ।

ବିଜୁବାବୁ ସଭାମଂଚରେ ଥାଇ ଏ ଦୃଶ୍ୟକୁ ବେଶ୍ ଅନୁଧ୍ୟାନ କରୁଥାନ୍ତି । ସଭାକାର୍ଯ୍ୟ ଆରମ୍ଭ ହୋଇନଥିଲେ ମଧ ବିଜୁବାବୁ ହଠାତ୍ ଉଠିପଡି ନିଜର ଭାଷଣ ଆରମ୍ଭ କରି ଶୁଣାଇଥିଲେ, "ପିଲାଏ, ତୁମେ ସବୁ ମୋର ଅତି ଆଦରର ପ୍ରିୟଭାଇ, ଭଉଣୀ । ଦିନେ ମୁଁ ତୁମରି ପରି ଏହି ସ୍କୁଲ୍‌ର ଛାତ୍ର ଥିଲି । ଆଜି ତୁମେ ଯେପରି ପାଟିତୁଣ୍ଡ କରୁଛ, ଆମେସବୁ ସେହିପରି ପାଟିତୁଣ୍ଡ କରୁଥିଲୁ । ତୁମ୍ଭମାନଙ୍କ ଠାରୁ ଅଧିକ ଦୁଷ୍ଟ ଥିଲି ମୁଁ । ଏହି ସ୍କୁଲ୍‌ରେ ଦିନକର ଘଟଣା । ସେଦିନ ବାରବାଟୀ କିଲ୍ଲା ଭିଲେଜ ଗ୍ରାଉଣ୍ଡର ଏକ ହେଲିକେପ୍ଟର ଓହ୍ଲାଇଲା । ତାକୁ ଦେଖିବାପାଇଁ ମୁଁ ଆନନ୍ଦରେ ଅଧୀର ହୋଇ ଉଠିଲି । ଭୂଗୋଳ ପିରିୟଡ । ସାର୍ ଭୂଗୋଳ ପଢ଼ାଉଥାନ୍ତି, ମୁଁ ସାର୍‌ଙ୍କ ଅନୁମତି ନନେଇ କ୍ଲାସ୍‌ରୁ ପଳାଇଗଲିଁ । ଭିଲେଜ୍ ଗ୍ରାଉଣ୍ଡରେ ପହଁଚି ହେଲିକେପ୍ଟରରେ ହାତ ମାରିଦେଲି । ସଂଗେ ସଂଗେ ପୁଲିସ୍‌ର ଲାଠି ପ୍ରହାର ମୋ ପିଠିରେ ହୋଇଗଲା । ଦୁଷ୍ଟାମୀ କରିଥିବାରୁ ଏପଟେ ପୁଲିସ୍ ଓ ସେପଟେ ସାର୍‌ଙ୍କ ଠାରୁ ଶାସ୍ତି ସିନା ପାଇଲି, ହେଲେ ସେଦିନ ମନେ ମନେ ଶପଥ କରିଥିଲି, ଦିନେ ନା ଦିନେ ମୁଁ ନିଶ୍ଚୟ ଉଡାଜାହାଜ ଚାଳକ ହେବି । ଈଶ୍ୱରଙ୍କ କୃପାରୁ ମୁଁ ଆଜି ଜଣେ ଦକ୍ଷ ପାଇଲଟ୍ ହୋଇପାରିଛି ।

ତେଣୁ ପିଲା ଏ ତୁମେ ସବୁ ଦୁଷ୍ଟାମୀ କର, ହେଲେ ସେହି ଦୁଷ୍ଟାମୀ ଭିତରେ ଜଣେ ବଡ଼ମଣିଷ ହେବାର ଆଶା ରଖ । ଏତିକି କହି ବିଜୁବାବୁ ବସି ପଡ଼ିଥିଲେ । ଏହାପରେ ଘନଘନ କରତାଳି ଧ୍ୱନିରେ ଏହି ଐତିହାସିକ ସାଂସ୍କୃତିକ ଉତ୍ସବର ପରିବେଶ ଆନନ୍ଦମୁଖର ହୋଇ ଉଠିଥିଲା ଏବଂ ପିଲାମାନେ ଶାନ୍ତ, ନୀରବ ବାତାବରଣ ସୃଷ୍ଟି କରିପାରିଥିଲେ । ବିଜୁବାବୁ ଥିଲେ ଓଡିଆ ଜାତିର ଏକ ଅଲିଭା ପ୍ରଦୀପ । ସେ ପ୍ରଦୀପ ଯୁଗ ଯୁଗ ଧରି ଏ ଜାତିର ପ୍ରଗତି ପଥକୁ ଆଲୋକିତ କରୁଥାଉ । ତାଙ୍କ ଅମର ଆତ୍ମାର ଜୟଗାନ ଏ ଦେଶର ଗଗନ ପବନକୁ ଏହିପରି ମୁଖରିତ କରୁଥାଉ ।

+ପାରାଦ୍ୱୀପଗଡ,
ଜଗତ୍‌ସିଂହପୁର
ମୋ - ୯୯୩୭୬୯୧୪୭୫

# ବିଜୁ ବାବୁ : ଶାଳପ୍ରାଂଶୁ ବୀର ପାଇକ ପ୍ରଧାନ



ସୁମନ୍ତ କୁମାର ଭୂୟାଁ



କେତେକ ବ୍ୟକ୍ତିଙ୍କ ତିରୋଧାନରେ ଅନୁପସ୍ଥିତି ବିଶ୍ୱାସ କରିହୁଏନାହିଁ। ବିଜୁବାବୁ ସେମାନଙ୍କ ମଧ୍ୟରୁ ଜଣେ ଥିଲେ। ଦୀର୍ଘ ୫୦ ବର୍ଷ ଧରି ଓଡ଼ିଶାର ରାଜନୈତିକ ଦୃଶ୍ୟପଟ ଓ ଜନମାନସକୁ ସେ ପ୍ରଭାବିତ କରି ରଖିଥିଲେ। ତାଙ୍କର ଦେଶପ୍ରେମ, ଦୁଃସାହସିକତା, ଓଡ଼ିଶା ପ୍ରତି ଗଭୀର ଅନୁରକ୍ତି ତାଙ୍କୁ ଲୋକଙ୍କ ମଧ୍ୟରେ ବାନ୍ଧି ରଖିଥିଲା। ଓଡ଼ିଆ ସୈନିକମାନଙ୍କୁ ଲକ୍ଷ୍ୟ କରି 'ଶାଳପ୍ରାଂଶୁ ବୀର ପାଇକ ପ୍ରଧାନ' ବୋଲି କବି ପଦ୍ମଚରଣ ଲେଖିଥିଲେ। ସେ ଥିଲେ ଶାଳପ୍ରାଂଶୁ; ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ। ବୀର ଓଡ଼ିଆ ଜାତିର ଏକ ଅପ୍ରିତମ ପ୍ରତୀକ। ମଝିରେ ମଝିରେ ରାଜନୈତିକ କାରଣରୁ ବିରକ୍ତିରେ ଜନଜୀବନରୁ ଅଲଗା ରହିଯିବା ପାଇଁ ସେ ଚେଷ୍ଟା କରିଛନ୍ତି, ମାତ୍ର ରହିପାରି ନାହାନ୍ତି। କାରଣ ଜନସାଧାରଣଙ୍କ ପ୍ରବଳ ଶ୍ରଦ୍ଧା ତାଙ୍କୁ ପୁଣି କର୍ମକ୍ଷେତ୍ରକୁ ଟାଣି ଆଣିଛି।

ତାଙ୍କ ରାଜନୈତିକ ଜୀବନରେ ପ୍ରଚୁର ଆତ୍ମବିଶ୍ୱାସ ଓ ଆତ୍ମାଭିମାନ ଭରି ରହିଥିଲା ଯାହା କମ୍ ଲୋକଙ୍କ ପାଖରେ ଦେଖିବାକୁ ମିଳେ। କର୍ମମୁଖର ଜୀବନ ମଧ୍ୟର ସେ କେବେ ପରାଜୟ ସ୍ୱୀକାର କରିନାହାନ୍ତି। ସେ ଯାହା ଠିକ୍ ବୋଲି ମନେ କରିଛନ୍ତି ସାରା ଦୁନିଆକୁ ସାମନା କଲେ ମଧ ସେ ଲଢ଼ିବା ପାଇଁ ପଛାଇ ନାହାନ୍ତି। ଏଣେ ଖଣି, ଖାଦାନ, ପ୍ରାକୃତିକ ବିଭବର ମାଲିକ ହୋଇ ଓଡ଼ିଆ ଜାତି ପଛରେ ପଡ଼ିଛି, ଗରିବ ହୋଇ ରହିଛି ତାହା ତାଙ୍କର ଆତ୍ମାକୁ ସବୁବେଳେ ଆନ୍ଦୋଳିତ କରିଛି ଏବଂ ଓଡ଼ିଶାକୁ ଉଠାଇବା ପାଇଁ ସେ ସବୁବେଳେ ଉଦ୍ୟମ କରିଆସିଛନ୍ତି। ସେ ଥିଲେ ଏକ ବିପୁଳ କର୍ମପ୍ରେରଣାର ସ୍ରୋତ ଏବଂ ସେ ପ୍ରବାହର ସମ୍ପର୍କରେ ଯେ ଆସିଛି ସେ ନିଜେ ପ୍ରବାହିତ ହୋଇଯାଇଛି। ଶିଳ୍ପପତି, ମାତ୍ର ଶିଳ୍ପର ଲାଭାଂଶରେ କଳିଙ୍ଗ ପୁରସ୍କାରର ପ୍ରତିଷ୍ଠାତା ବୈମାନିକ, ମାତ୍ର ଏକ ସନ୍ଧିକ୍ଷଣରେ ବିଦ୍ରୋହୀ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ଓ ଉପସଭାପତିଙ୍କୁ ଭାରତକୁ ଆଣିବାରେ ଏକ ଦୁଃସାହାସିକ ଦକ୍ଷତା, ରାଜନୈତିକ ନେତା, ମାତ୍ର ଅନ୍ୟର ଅନୁଗାମୀ ନ ହୋଇ କ୍ଷମତା ଓ ଶକ୍ତିର ଏକ ସ୍ୱତନ୍ତ୍ର ଅଧିକାରୀ ହୋଇ ରହିବା, ସ୍ୱପ୍ନଦ୍ରଷ୍ଟା, ମାତ୍ର ସ୍ୱପ୍ନକୁ କାର୍ଯ୍ୟକାରୀ କରିବା ପାଇଁ ଏକ ସମୟରେ ଅସମ୍ଭବ ମନେହେଉଥିବା ପାରଦ୍ୱୀପ ବନ୍ଦର, ଏକ୍ସପ୍ରେସ ହାଇୱେ ନିର୍ମାଣ, ସୁନାବେଡ଼ାରେ ମିଗ୍ କାରଖାନାର ପ୍ରତିଷ୍ଠା, ସ୍ୱପ୍ନର ଯେପରି ଅନ୍ତ ନାହିଁ, ଏକ ଅସୀମ ନୀଳାକାଶ ସ୍ୱପ୍ନ ସେହିପରି ଧରାପୃଷ୍ଠରେ ଦୃଢ଼ ଭାବରେ ରହି ନିଜର କାର୍ଯ୍ୟକ୍ରମ ପାଇଁ ଲଢ଼ିବାର ଶେଷ ନାହିଁ - ଏହା ହିଁ ଥିଲେ ବିଜୁ ପଟ୍ଟନାୟକ। ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର ବୋଲି ଜଣେ ଗାଳ୍ପିକ ଏକ ଗଳ୍ପର ଶିରୋନାମା ଦେଇଥିଲେ। ସେ ଥିଲେ ଝଡ଼ର ଇଗଲ୍ ଓ ମାଟିର ମୂର୍ତ୍ତିକାର।

ଦେଶର ମୁକ୍ତି ପାଇଁ ପ୍ରତ୍ୟେକ ଭାରତୀୟ ସାବାଳକଙ୍କୁ ଗାନ୍ଧିଜୀ ଦେଇଥିବା 'କର ବା ମର' ଆହ୍ୱାନ ଯାହାକି ସେ ସମୟର ପ୍ରତ୍ୟେକ ନରନାରୀଙ୍କ ପାଇଁ ଏକ ହୁକୁମନାମାରେ ପରିଣତ ହୋଇଥିଲା। ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରି ସାମ୍ନାକୁ ଆସିଥିବା ହଜାର ହଜାର ଯୁବକ ଯୁବତୀଙ୍କ ମଧ୍ୟରୁ ଡାଲ୍‌ମିଆ ଜୈନ୍ ଏୟାର ୱେଜ୍‌ରୁ ମୁଖ୍ୟ ପାଇଲଟ ବିଜୁ ପଟ୍ଟନାୟକ ଥିଲେ ନିର୍ଭିକତାର ଏକ ଜ୍ୱଳନ୍ତ ଉଦାହରଣ। ଜୟ ପ୍ରକାଶ ନାରାୟଣ, ଅଚ୍ୟୁତ ପଟ୍ଟବର୍ଦ୍ଧନ, ରାମ ମନୋହର ଲୋହିଆ ଏବଂ ମୋ ଭଳି ଆଉ କେତେଜଣଙ୍କୁ ନେଇ ଗଠିତ 'ଅଣ୍ଡର ଗ୍ରାଉଣ୍ଡ ଡିରେକ୍ଟୋରେଟ'କୁ ସାହାଯ୍ୟ ଯୋଗାଇବା ଲାଗି ସେ ତାଙ୍କର ସାଥି ପାଇଲଟ୍ ମାନଙ୍କୁ ନେତୃତ୍ୱ ଓ ପ୍ରେରଣା ପ୍ରଦାନ କରିଥିଲେ। ସେମାନଙ୍କ ସାହସ ଓ ନିର୍ଭିକତା ଯୋଗୁଁ ବମ୍ବେ, କଲିକତା, ମାଡ୍ରାସ ଓ ନୂଆଦିଲ୍ଲୀରେ ଥିବା କମ୍ରେଡମାନଙ୍କ ସହିତ ଯୋଗସୂତ୍ର ରକ୍ଷା କରାଯାଇ ପାରୁଥିଲା। ଯାହାଦ୍ୱାରା ସଂଗ୍ରାମୀ ମାନଙ୍କ ଯୋଜନା ସମ୍ପର୍କରେ ଦେଶର ଗୁପ୍ତ ସଂଗଠନମାନଙ୍କୁ ଖବର ଦେବାର ସମସ୍ୟା ଏହା ଫଳରେ ଦୂରେଇ ଯାଇଥିଲା। ସେତେବେଳେ ସଂଗ୍ରାମୀମାନେ ଭ୍ରମଣ ପାଇଁ ଛଦ୍ମ ନାମରେ ଏୟାର ଲାଇନ୍ସ ବିମାନ ବ୍ୟବହାର କରୁଥିଲେ। ଉଦାହରଣ ସ୍ୱରୂପ ବ୍ରିଟିଶ ଶାସନ ବିରୋଧରେ ଗୁପ୍ତ ବିଦ୍ରୋହ ପାଇଁ ଆରମ୍ଭ ହୋଇଥିବା ଯୋଜନାରୁ ସକ୍ରିୟ ସହଯୋଗ ଓ ପରାମର୍ଶ ପାଇଁ ସେ ସମୟରେ ଶ୍ରୀ ରାଜ ଗୋପାଳଚାରୀ ଭେଟିବାର ଅଭିପ୍ରାୟ ରହିଥିବାରୁ ବିଜୁ ବାବୁ ନିଜେ ରାଜାଜୀଙ୍କୁ ମାଡ୍ରାସରୁ ନୂଆଦିଲ୍ଲୀ ଉଡାଇ ଆଣି ୧୯୪୨-୪୩ ଡ଼ିସେମ୍ବର ଜାନୁଆରୀ ମାସରେ ଜୟ ପ୍ରକାଶ ନାରାୟଣ ଓ ଅଣ୍ଡର ଗ୍ରାଉଣ୍ଡ ଡିରେକ୍ଟୋରେଟ୍ ସହ ସାକ୍ଷାତ କରାଇ ଥିଲେ। ଏହି ତଥ୍ୟ ସେ ସମୟରେ ବିଜୁ ବାବୁଙ୍କ ସହ ସକ୍ରିୟ ଥିବା ନିର୍ଭୀକ ସଂଗ୍ରାମୀ ଅରୁଣ ଆସଫ୍ ଅଲ୍ଲୀ ତାଙ୍କ ଆତ୍ମଜୀବନୀରେ ଲେଖିବା ସହ ସେ ନିଜେ ମଧ ଏହି ଗୁପ୍ତ ବିମାନ ଯାତ୍ରାର ସୁବିଧା ନେଇଥିବା ନେଇ ଉଲ୍ଲେଖ କରିଛନ୍ତି। ମାତ୍ର ନୂଆଦିଲ୍ଲୀସ୍ଥିତ ବ୍ରିଟିଶ ଅମଲାମାନେ ଯେତେବେଳେ ଜାଣିଲେ ଭାରତର ଏକମାତ୍ର ଆଭ୍ୟନ୍ତରୀଣ ଏୟାର ମୁଖ୍ୟ ପାଇଲଟ୍‌ଙ୍କ ନେତୃତ୍ୱରେ ଏକ ପାଇଲଟ ଗୋଷ୍ଠୀ ସଂଗ୍ରାମୀ ମାନଙ୍କୁ ସହଯୋଗ କରୁଛନ୍ତି ସେମାନେ ଖୁବ୍ ତାତିଗଲେ। ଏହି ବିପଜ୍ଜନକ ପାଇଲଟ ଗୋଷ୍ଠୀକୁ ଧରିବା ପାଇଁ ସେମାନେ ବହୁ ସଂଖ୍ୟାରେ ଗୁପ୍ତଚର ନିଯୁକ୍ତି କରି ବିଜୁ ପଟ୍ଟନାୟକ ଓ ଆଉ କେତେ ସାଥୀ ପାଇଲଟଙ୍କୁ ଗିରଫ କରିଥିଲେ। ବ୍ରିଟିଶ ସାମ୍ରାଜ୍ୟ ସହିତ କାର୍ଯ୍ୟରତ ପୋଷାଦାରମାନେ ସତ୍ୟାଗ୍ରହ ଠାରୁ ମଧ ଦୂରେଇ ରହିଥିଲେ। ସେମାନେ ଉଚ୍ଚ ଚାକିରୀରେ ଥିବାରୁ ଏବଂ ଆର୍ଥିକ ଓ ଅନ୍ୟ କେତେକ ସୁବିଧା ସୁଯୋଗ ପାଉଥିବାରୁ ସେସବୁ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବାକୁ ପ୍ରସ୍ତୁତ ନଥିଲେ। ମୋଟାମୋଟି ଭାବେ କହିବାକୁ ଗଲେ ସେତେବେଳେ ଦେଶର ବୁଦ୍ଧିଜୀବୀ ଗୋଷ୍ଠୀ ବ୍ରିଟିଶ ପ୍ରଶାସନର ସ୍ତାବକ ହେବାକୁ ପସନ୍ଦ କରିଥିଲେ। କିନ୍ତୁ କିଛି ବୁଦ୍ଧିଜୀବୀ ଅବଶ୍ୟ ଯୁବ ସଂଗ୍ରାମୀ ମାନଙ୍କୁ ଅର୍ଥ ସାହାଯ୍ୟ ଓ ଲୁଚି ରହିବାପାଇଁ ସ୍ଥାନ ଯୋଗାଇ ଦେଇଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ଅବସରରେ ମୋର କୋଟି କୋଟି ଓଡ଼ିଆ ଭାଇ ଭଉଣୀ ମାନଙ୍କ ସହ ଭକ୍ତି ସୁମନ ଅର୍ପଣ କରୁଛି।

+ପଲାଇ, ବାଲିଚନ୍ଦ୍ରପୁର,
ଯାଜପୁର,
ମୋ : ୯୩୭୪୭୦୯୮୦,

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଯୁଦ୍ଧର ଭବିଷ୍ୟତ !!

ଯୁଦ୍ଧର ଅଷ୍ଟମ ଦିନରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଆହୁରି ତୀବ୍ର ହେବାରେ ଲାଗିଛି । ଇତିମଧ୍ୟରେ ରୁଷ୍ ସେନା ୟୁକ୍ରେନ୍‌ର ଦକ୍ଷିଣାଞ୍ଚଳ ସହର ଖେରସୋଁକୁ ସଂପୂର୍ଣ୍ଣ ରୂପେ ଅକ୍ତିଆର କରିନେଇଛନ୍ତି । ତେବେ ଦୀର୍ଘ ପାଞ୍ଚଦିନ ଧରି ଖାରକିଭ୍ ଏବଂ କିଭ୍ ଉପରେ ପ୍ରବଳ ଆକ୍ରମଣ ସତ୍ତ୍ୱେ ଏହା ରୁଷ୍ କବଳକୁ ଆସିପାରିନାହିଁ । ଏହା ସୂଚାଏ ଯେ, ଯେତେ ସହଜରେ ରୁଷ୍ ସେନା ୟୁକ୍ରେନ୍ ଉପରେ ସେମାନଙ୍କର ଆଧିପତ୍ୟ ବିସ୍ତାର କରିନେବେ ବୋଲି ଭାବିଥିଲେ ତାହା ଭୁଲ୍ ବୋଲି ପ୍ରମାଣିତ ହୋଇଛି । ତେଣୁ ଦିନକୁ ଦିନ ରୁଷିଆ ଆକ୍ରମଣକୁ ଅଧିକ ଘାତକ କରିବାରେ ଲାଗିଛି ଏବଂ ଅଧିକରୁ ଅଧିକ ଭାରି ଗୁଳିଗୋଳା, କ୍ଷେପଣାସ୍ତ୍ରମାନ ନିକ୍ଷେପ କରିବାରେ ଲାଗିଛି । ତେଣୁ ଏହା ସେଠାରେ ଧନଜୀବନ କ୍ଷୟକ୍ଷତି ମାତ୍ରାକୁ ବଢ଼ାଇ ଦେଇଛି । ରୁଷ୍ ସେନାଙ୍କ ଆକ୍ରମଣରେ ଏବେ ସୁଦ୍ଧା ଦୁଇ ହଜାରରୁ ଅଧିକ ସାଧାରଣ ନାଗରିକ ପ୍ରାଣ ହରାଇ ସାରିଲେଣି ବୋଲି ୟୁକ୍ରେନ୍ ସରକାରଙ୍କ ପକ୍ଷରୁ କୁହାଯାଇଛି । ଅପରପକ୍ଷେ ୟୁକ୍ରେନ୍ ଦାବି କରିଛି ଯେ ଆଠ ଦିନ ଭିତରେ ରୁଷିଆର ୭୦୦୦ରୁ ଅଧିକ ସୈନିକ ମୃତ୍ୟୁବରଣ କରିଛନ୍ତି ଏବଂ ହଜାର ହଜାର ଗୁରୁତର ଆହତ ସୈନିକଙ୍କୁ ଏବେ ରୁଷିଆ ଏବଂ ବେଲାରୁଷର ବିଭିନ୍ନ ହସପିଟାଲମାନଙ୍କରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । କିନ୍ତୁ ୟୁକ୍ରେନ୍ ପାଇଁ ଏବେ ଆହତମାନଙ୍କ ଚିକିତ୍ସା ଏକ କଠିନ ସମସ୍ୟାର ପରିଣତ ହୋଇଛି । କାରଣ, ଯୁଦ୍ଧର ତୀବ୍ରତା ଯେଉଁଭଳି ଭାବେ ବୃଦ୍ଧି ପାଇଚାଲିଛି ତାହା ଶୀଘ୍ର ଥମିବାର କୌଣସି ସୂଚନା ମିଳେନାହିଁ । ଏପରିକି ପାଶ୍ଚାତ୍ୟ ରାଷ୍ଟ୍ରଙ୍କ କଠୋର ଆର୍ଥିକ କଟକଣା ଏବଂ ଜାତିସଂଘ ସାଧାରଣ ପରିଷଦର ନିନ୍ଦା ପ୍ରସ୍ତାବ ଗ୍ରହଣ ପରେ ସୁଦ୍ଧା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନରମିବା ପରି ମନେ ହୁଏନାହିଁ । ବରଂ ଆବଶ୍ୟକ ହେଲେ ପରମାଣୁ ଅସ୍ତ୍ର ପ୍ରୟୋଗ କରିବାକୁ ସେ ପଛାଇବେ ନାହିଁ ବୋଲି ପୁଟିନ୍ ଧମକ ଦେଇଛନ୍ତି । ସେଥିପାଇଁ ଉଭୟ ରୁଷିଆ ଏବଂ ଆମେରିକା ସମେତ ନାଟୋ ଗୋଷ୍ଠୀର ଆଣବିକ ଅସ୍ତ୍ର ବ୍ୟବସ୍ଥାକୁ ଏବେ ସଜାଗ ରଖାଯାଇଛି । ଏହିଘଟଣା ବିଶ୍ୱରେ ଆଉ ଏକ ବିଶ୍ୱଯୁଦ୍ଧର ଭୟ ସୃଷ୍ଟି କରିଛି । କିନ୍ତା କରିବା କଥା, ଏହି ଯୁଦ୍ଧ ଆଉ ରୁଷିଆ-ୟୁକ୍ରେନ୍ ମଧ୍ୟରେ ସୀମିତ ହୋଇନାହିଁ । ବରଂ ରୁଷିଆ ଏବଂ ଆମେରିକା ନେତୃତ୍ୱାଧୀନ ନାଟୋ ଗୋଷ୍ଠୀ ମଧ୍ୟରେ ଏହା ଲାଗିଛି । ୟୁକ୍ରେନ୍ କେବଳ କାହା ମାତ୍ର । କିନ୍ତୁ ୟୁକ୍ରେନବାସୀଙ୍କୁ ହିଁ ଏହାର କୁଫଳ ଭୋଗ କରିବାକୁ ପଡୁଛି । ୟୁକ୍ରେନ୍ ଏବଂ ରୁଷିଆ ମଧ୍ୟରେ ଯେଉଁ ଶାନ୍ତି ଆଲୋଚନା ହେଉଛି, ସେଥିରୁ କୌଣସି ନିର୍ଯ୍ୟାସ ନବାହାରିବା ଏହାର ପ୍ରମାଣ । ରୁଷିଆର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରେଭଙ୍କ ସ୍ୱୀକାରୋକ୍ତି ଅନୁସାରେ ଭୋଲଡୋମିର ଜେଲେନସ୍କି ୟୁକ୍ରେନ୍‌ର ବିଧିବଦ୍ଧ ରାଷ୍ଟ୍ରପତି ବୋଲି ସ୍ୱୀକାର କରୁଥିଲେ ସୁଦ୍ଧା ରୁଷିଆର ଦାବି ଯେ, ୟୁକ୍ରେନ୍‌ରେ ନବ୍ୟ ନଜୀବାଦର ଚେର ମାଡ଼ିଚାଲିଛି । ତେଣୁ ଏହାକୁ ନାଜୀକରଣରୁ ମୁକ୍ତ କରିବା ରୁଷିଆର ଉଦ୍ଦେଶ୍ୟ । ଏହା ପଛରେ ଥିବା ଅଭିପ୍ରାୟଟି ହେଲା- ୟୁକ୍ରେନ୍‌କୁ ଯେକୌଣସି ମତେ ନାଟୋ ମେଣ୍ଟରୁ ମୁକ୍ତ ରଖିବା ହେଉଛି ପୁଟିନଙ୍କ ଅଭିପ୍ରାୟ । ୟୁକ୍ରେନ୍ ଚାରିପଟେ ଥିବା ନାଟୋମେଣ୍ଟମୁକ୍ତ ରାଷ୍ଟ୍ରମାନଙ୍କରେ ଏବେ ଯେଉଁ କ୍ଷେପଣାସ୍ତ୍ରମାନ ରହିଛି ତାହା ରୁଷିଆ ପାଇଁ ପ୍ରତ୍ୟକ୍ଷ ବିପଦ । ତେଣୁ ରୁଷିଆ ଅନେକ ଦିନୁ ୟୁକ୍ରେନ୍ ଉପରେ ତା'ର ସାମରିକ ଦାଉ ସାଧିଚାଲିଛି । ପ୍ରତ୍ୟେକ ଯୁଦ୍ଧ ପଛରେ ନେତୃତ୍ୱର ଅହଂକାର ଅଥବା କ୍ଷମତାର ମୋହ କିମ୍ବା ସାମରିକ ଔଦ୍ଧତ୍ୟ ରହିଥାଏ । ଇରାକ ହେଉ କି ଆଫଗାନିସ୍ତାନରେ ଆମେରିକା ସେହିଭଳି ଉଦାହରଣ ପ୍ରଦର୍ଶନ କରିସାରିଛି । ଏବେ ୟୁକ୍ରେନରେ ରୁଷିଆ ତାହା ପ୍ରଦର୍ଶନ କରୁଛି । ସେଥିରେ କେବଳ ୟୁକ୍ରେନ ନୁହେଁ ସମଗ୍ର ବିଶ୍ୱ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରଭାବିତ ହେଉଛି । ପ୍ରତି ମୁହୂର୍ତ୍ତରେ ୟୁକ୍ରେନ୍‌ର ସ୍ୱରୂପ ବଦଳି ଚାଲିଛି । ପ୍ରତି ମୁହୂର୍ତ୍ତରେ ୟୁକ୍ରେନ୍ ହେଉ କିମ୍ବା ରୁଷିଆ, ସେମାନଙ୍କର କୌଣସି ନା କୌଣସି ନାଗରିକଙ୍କୁ ହରାଉଛନ୍ତି । ଭାରତ ସମେତ ବିଶ୍ୱର କେଇ ଡଜନ ରାଷ୍ଟ୍ର ସେମାନଙ୍କର ନାଗରିକଙ୍କୁ ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ରୁ ଉଦ୍ଧାର କରିବା ସକାଶେ ଦିନରାତି ଏକାକାର କରିଦେଇଛନ୍ତି । ଲକ୍ଷ ଲକ୍ଷ ନାଗରିକ ଦିନ ଦିନ ଧରି ଭୋକ ଶୋଷରେ ଜୀବନ ବିତାଉଛନ୍ତି । ଆଉ ଲକ୍ଷ ଲକ୍ଷ ନାଗରିକ ସୀମା ପାର ହୋଇ ଅନ୍ୟ ଦେଶରେ ତମ୍ବୁତଳେ ଶରଣାର୍ଥୀ ଜୀବନ ଆରମ୍ଭ କରିଛନ୍ତି । ଏକବିଂଶ ଶତାବ୍ଦୀରେ ସଭ୍ୟ ମାନବ ତା'ର ଆଦିମ ପ୍ରବୃତ୍ତି ହିଂସାକୁ କେତେ ମାତ୍ରାରେ ପରିହାର କରିଛି ତାହା ଏବେ ସମସ୍ତଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ମୋ ସ୍ୱପ୍ନର ଓଡ଼ିଶା : ବିଜୟାନନ୍ଦ ପଟ୍ଟନାୟକ



ବିପିନ ବିହାରୀ ମହାନ୍ତି

ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ସଂକ୍ଷେପରେ ବିଜୁ ପଟ୍ଟନାୟକ ଆମ ଓଡ଼ିଶା ବା କଳିଙ୍ଗର ଶେଷ ସମ୍ରାଟ ବୋଲି କୁହାଯାଏ। ସେ କେବଳ ଜଣେ ପ୍ରବାଦ ପୁରୁଷ ନୁହଁନ୍ତି, ଜଣେ ବିଶ୍ୱ ପୁରୁଷ ଯାହାଙ୍କୁ ସାରା ବିଶ୍ୱ ସମ୍ମାନ ଜଣାଏ । ବିଶ୍ୱପାଇଁ, ଏ ଦେଶ ପାଇଁ ବା ଆଉ ଯାହା ପାଇଁ ସେ ଯାହା କରିଥିଲେ ବି ସ୍ୱପ୍ନ ଥିଲା ଏ ଓଡ଼ିଶାକୁ ବିଶ୍ୱଦରବାରରେ ନୂଆ କରି ଏବଂ ସ୍ୱତନ୍ତ୍ର ଭାବରେ ଗଢ଼ି ତୋଳିବା । ସେଥିପାଇଁ ସେ ତାଙ୍କ ଶାସନର ଅବଧି ଭିତରେ ତଥା ତାଙ୍କ ଜୀବନ କାଳରେ ଏବଂ ରାଜ୍ୟ ତଥା ଜାତୀୟ ସ୍ତରରେ ଆପ୍ରାଣ ଚେଷ୍ଟା କରିଛନ୍ତି। ସେ ଥିଲେ ଓଡ଼ିଆ ପ୍ରାଣ। ଓଡ଼ିଆ ଏବଂ ଓଡ଼ିଶା ପାଇଁ ତାଙ୍କ ହୃଦୟ ସଦାବେଳେ କାନ୍ଦି ଉଠୁଥିଲା। ଓଡ଼ିଶା ହିଁ ଥିଲା ତାଙ୍କର ସ୍ୱପ୍ନ। ଓଡ଼ିଶାକୁ ସେ ଯେଉଁ ଭାବରେ ଦେଖିବାକୁ ଚାହୁଁଥିଲେ ସେ ତାକୁ ନିଜେ ଅଭିହିତ କରିଛନ୍ତି 'ମୋ ସ୍ୱପ୍ନର ଓଡ଼ିଶା' । ତାଙ୍କ ସ୍ୱପ୍ନର ଓଡ଼ିଶା କ'ଣ ଥିଲା ସେ ଏକଥା ସ୍ୱର୍ଗତ ବିନୋଦ୍ କାନୁନ୍‌ଗୋଙ୍କ ସ୍ମୃତି ଚାରଣ ନିମନ୍ତେ ଭୁବନେଶ୍ୱରଠାରେ ଆୟୋଜିତ ହୋଇଥିବା ଏକ ସାଧାରଣ ସଭାରେ ଯେଉଁ ଭାଷଣ ଦେଇଥିଲେ ତାହାର କିୟଦ୍ ଅଂଶ ଏଠାରେ ଉପସ୍ଥାପନ କଲୁ। ପ୍ରକାଶ ଥାଉକି ସେତେବେଳେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ।

ତାଙ୍କ ସ୍ୱପ୍ନର ଓଡ଼ିଶା ବକ୍ତବ୍ୟଟି ଏହିପରି :

ମୁଁ ସ୍ଥିର କରିଛି ଆଜି ଆଉ କିଛି କହିବି ନାହିଁ, ସ୍ୱପ୍ନ ଖୋଜିବି। ଆଜି ମୋ ସ୍ୱପ୍ନର ଓଡ଼ିଶା ସମ୍ପର୍କରେ ଆଲୋଚନା କରିବାକୁ ମୋର ଇଚ୍ଛା। ଅତଏବ, ମୁଁ କ'ଣ ସ୍ୱପ୍ନ ଦେଖିବି? ଥରେ କବି ଗୁରୁ ରବିନ୍ଦ୍ରନାଥ ଠାକୁର କହିଥିଲେ, 'ଯେତେବେଳେ ତୁମେ ସ୍ୱପ୍ନ ଖୋଜିବ, ମହାନ୍ ସ୍ୱପ୍ନ ଦେଖିବା ଦ୍ୱାରା ମହାନ୍ କାର୍ଯ୍ୟ ସାଧିତ ହୋଇଥାଏ।' ଆମେ ସମସ୍ତେ ଧ୍ରୁବ ମୃତ୍ୟୁର ପଥରେ ଯିବା ପାଇଁ ଜନ୍ମଲାଭ କରିଛୁଁ। ତେଣୁ ସ୍ୱପ୍ନ ଦେଖିବା ବେଳେ ସବୁଠୁ ମହାନ୍ ସ୍ୱପ୍ନ ଦେଖ। ତାଙ୍କ କବିତାରେ ସେ କ'ଣ କହିଥିଲେ ? 'ସପନ ଦେଖେ ତୁଲ୍‌ବୋ ଆମି ଜାତି, ପ୍ରବାଲ୍ ଦ୍ୱୀପେ ମନି ମୁକ୍ତାର'। ଏଇ ସ୍ୱପ୍ନ ସେ ଦିନର ତରୁଣମାନଙ୍କୁ ସ୍ୱପ୍ନ ଦେଖିବା ପାଇଁ ଉଦ୍‌ବୁଦ୍ଧ କରିଥିଲା। ରବି ଠାକୁରଙ୍କର ସେଇ କବିତା ପଂକ୍ତି ମୁଁ ଭୁଲି ଯାଇନାହିଁ।

ମୁଁ ଯେତେବେଳେ ଓଡ଼ିଶାକୁ ନେଇ ସ୍ୱପ୍ନ ଦେଖେ, କ'ଣ ଦେଖିବି ? ଓଡ଼ିଶା ଆଜି କ୍ଷୁଦ୍ର ସ୍ଥାନଟିଏ। ଦିନେ ଏହା ଥିଲା ଭାରତର ମହାନ୍‌ତମ ସାମ୍ରାଜ୍ୟ। ଏହାର ସୈନ୍ୟ ଆଲେକ୍‌ଜାଣ୍ଡାରଙ୍କ ସୈନ୍ୟବାହିନୀକୁ ପରାସ୍ତ କରିଥିଲେ ଏବଂ ସେମାନଙ୍କୁ ଭାରତର ସୀମା ବାହାରକୁ ତଡ଼ି ଦେଇଥିଲେ। ପୃଥିବୀରେ, ଆଗରୁ ଯେତେ ଜଣାଶୁଣା ନୌ-ଶକ୍ତି ଥିଲା, କଳିଙ୍ଗ ଥିଲା ସେଥି ମଧ୍ୟରେ ବୃହତ୍ତମ।

ସେହି କଳିଙ୍ଗ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ତା'ର ସଭ୍ୟତା ବିସ୍ତାର କରିଥିଲା। ଏପରିକି ଆଜି ମଧ୍ୟ ସେଇ ଦେଶ ଗୁଡ଼ିକରେ କଳିଙ୍ଗ ଗୌରବର ମୂକସାକ୍ଷୀ ରୂପେ ଧ୍ୱଂସାବଶେଷମାନ ଦେଖିବାକୁ ମିଳେ। ସେ ଦିନର ଉଚ୍ଚକିତ ସ୍ୱପ୍ନଠାରୁ ସୁନ୍ଦର ସ୍ୱପ୍ନ ଆଉ ମୋ ପାଇଁ କାହିଁ? ଓଡ଼ିଶା ବା କଳିଙ୍ଗ ଯେତେବେଳେ ଥିଲା ପ୍ରାଣକେନ୍ଦ୍ର, ଯେତେବେଳେ କଳିଙ୍ଗ ଥିଲା ଭାରତର ମହାନତମ ସାମ୍ରାଜ୍ୟ, ଯେତେବେଳେ କଳିଙ୍ଗର ନାବିକମାନେ



ଭୟ କ'ଣ ଜାଣି ନଥିଲେ, କଳିଙ୍ଗର ମାତାମାନେ 'ବୀରାଙ୍ଗନା' ରୂପେ ଅଭିହିତ ଥିଲେ, ସେ ଦିନର କଳିଙ୍ଗ ସେମିତି ଥିଲା। ତେଣୁ ସେ କାଳର ସ୍ୱପ୍ନ ମଧ୍ୟ କଳିଙ୍ଗର ଶ୍ଲାଘ୍ୟ।

ମୋର ଏକ ବିଂଶ ଶତାବ୍ଦୀର ଓଡ଼ିଶା ସ୍ୱପ୍ନରେ ରାଜ୍ୟର ସ୍ୱାର୍ଥକୁ ନିଜର ମଣୁଥିବା ତରୁଣ - ତରୁଣୀ ଅନ୍ତର୍ଭୁକ୍ତ। ସେମାନେ ନିଜକୁ ମହିମାନ୍ୱିତ ମଣିବା, ନିଜ ଉପରେ ପ୍ରତ୍ୟୟ ରଖିବା ଆବଶ୍ୟକ। ସେମାନେ ନିଜ ଉପରେ ଆସ୍ଥା ରଖିଲେ କାହାର ଅନୁକମ୍ପା ଚାହିଁବେ ନାହିଁ। ସେମାନଙ୍କ ମସ୍ତିଷ୍କ ବୁଦ୍ଧି ଓ ଯୋଗ୍ୟତା ମାଧ୍ୟମରେ କଳିଙ୍ଗ ଇତିହାସ ସେମାନେ ପୁନରୁଦ୍ଧାର କରିବା ଉଚିତ। ମୋ ଏକ ବିଂଶ ଶତାବ୍ଦୀରେ ମୁଁ ଚାହେଁ ସୁଯୋଗ୍ୟ ଶିଳ୍ପୀ, ସୁନାମଧନ୍ୟ କାରିଗର ଏବଂ ଭାସ୍କର, ସୁମହାନ ସଂଗୀତଜ୍ଞ ଓ କବି। ଆମେ ହିଁ କୋଣାର୍କର ସ୍ରଷ୍ଟା। ଓଡ଼ିଶା ବା କଳିଙ୍ଗ ମାଟିରେ ଦିନେ 'ଗୀତ ଗୋବିନ୍ଦ' ରଚିତ ହୋଇଥିଲା। ଏଇ ମାଟିରେ ମହାନ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ ଭୂମିଷ୍ଠ ହୋଇଥିଲେ। ତାଙ୍କ ଗଣନା ମାଧ୍ୟମରେ ସେ ଆକାଶକୁ ଚାହିଁ ଜ୍ୟୋତିବିଜ୍ଞାନର ରହସ୍ୟ ଉଦ୍‌ଘାଟନ କରିଥିଲେ ଏବଂ ବିଶ୍ୱକୁ ବିଦିତ କରୁଥିଲେ। ଏଇ ମାଟିରେ ମହାନ ଗଣିତଜ୍ଞ ମହାନ ଭାସ୍କର ଓ ଶିଳ୍ପୀ, ମହାନ ସଂଗୀତଜ୍ଞ, ନର୍ତ୍ତକ-ନର୍ତ୍ତକୀ ଭୂମିଷ୍ଠ ହୋଇଛନ୍ତି। ମହାନ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ଜନ୍ମଲାଭ କରିଛନ୍ତି। ମୋ ସ୍ୱପ୍ନର ଓଡ଼ିଶାରେ ସେମାନଙ୍କର ପ୍ରତିଭା ଉନ୍ମୀଳିତ ହେବା ଉଚିତ୍।

'କରୁଣା'ଶବ୍ଦର ଇଂରାଜୀ ପ୍ରତିଶବ୍ଦ ନାହିଁ ଯେତେବେଳେ ଜଣେ ଯୁବତୀ ଯୋଡ଼ ହସ୍ତରେ ଭଗବାନଙ୍କୁ ପ୍ରାର୍ଥନା ଜଣାଏ, ସେ ଈଶ୍ୱରଙ୍କର ଗୋଟିଏ ଆର୍ଶୀବାଦ ଭିକ୍ଷା କରେ, 'ହେ ଭଗବାନ! ମୋ ଆତ୍ମାର ପାତ୍ର କରୁଣାରେ ପରିପୂର୍ଣ୍ଣ କର। ମୁଁ ଆଉ କିଛି ଚାହେଁ ନାହିଁ।' ମୋ ସ୍ୱପ୍ନର ଓଡ଼ିଶା ସଂସ୍କୃତିର ସେଇ କ୍ଷୁଦ୍ର ରୂପରେ ସାକାର ହେବ।

ଆମେ, ଆଜିର ନାରୀ ପୁରୁଷମାନେ, ଦାୟିତ୍ୱ ବହନ କରିବାକୁ ପଛଘୁଞ୍ଚା ଦେଉଛୁଁ। କାରଣ ଆମ ମନରେ ମହାନ୍ ସ୍ୱପ୍ନ ନାହିଁ। କ୍ଷୁଦ୍ର ସମସ୍ୟା, କ୍ଷୁଦ୍ର ପ୍ରବଞ୍ଚନା, କ୍ଷୁଦ୍ର ଅନୁରାଗ-ବିରାଗ, କ୍ଷୁଦ୍ର ଲାଭ ବା କ୍ଷତିର ଉତ୍ପୀଡ଼ିତ ହୋଇ ଆମେ କ୍ଷୁଦ୍ର ମଣିଷ ପାଲଟି ଯାଇଛୁଁ। ସାମୂହିକ ସଂକଳ୍ପରେ ଓଡ଼ିଶାର ସମୃଦ୍ଧି ସାଧିତ ହୋଇପାରିବ। ଆମେ ମହାନ୍ ପରମ୍ପରା ଦାୟାଦ। ପୂର୍ବ ପୁରୁଷଙ୍କ ରକ୍ତର ଝରଣା, ମନୋଜ୍ଞ ଗିରିପୁଞ୍ଜ, ସୁନ୍ଦର ନଦୀ ଧାରା, ରମଣୀୟ ସମୁଦ୍ର, ସମୃଦ୍ଧ ଅରଣ୍ୟ ସମ୍ପଦ ଆମ ରାଜ୍ୟବାସୀମାନଙ୍କ ପାଇଁ ଈଶ୍ୱରଙ୍କର ଉପହାର। ମୋ ରାଜ୍ୟବାସୀ, ମୋ ରାଜ୍ୟର ତରୁଣ- ତରୁଣୀମାନେ ଆଗାମୀ ବର୍ଷମାନଙ୍କରେ ଈଶ୍ୱରଙ୍କର ଏ ସବୁ ଉପହାର ବିନିଯୋଗ କରି ମହାର୍ଘ ଯନ୍ତ୍ରପାତି ନିର୍ମାଣ କରନ୍ତୁ । ସମସ୍ତଙ୍କ ପାଇଁ ସମ୍ପଦର ସ୍ୱର୍ଣ୍ଣଦୀଧାରା ଏଇ ମାଟିରେ ପ୍ରବାହିତ କରନ୍ତୁ। ସମସ୍ତଙ୍କୁ ନିଯୁକ୍ତି ଦିଅନ୍ତୁ ଓ ସର୍ଜନାତ୍ମକ କର୍ମରେ ପରିଚାଳନା କରନ୍ତୁ।

ମୋ ସ୍ୱପ୍ନର ଓଡ଼ିଶାରେ କୌଣସି କୃଷକର କ୍ଷେତ ଶୁଷ୍କ-ଶ୍ରୀହୀନ ରହିବ ନାହିଁ। ଆମ ମାଟିକୁ ସିକ୍ତ କରୁଥିବା ପ୍ରତିଟି ଜଳବିନ୍ଦୁ ସବୁଜ ସମ୍ଭାରର ଉପହାର ଅଜାଡ଼ି ଦେଉ। ମୋ ସ୍ୱପ୍ନର ଆଗାମୀ କାଲିର ଓଡ଼ିଶାରେ ମୁଁ ନାରୀ ନିର୍ଯ୍ୟାତନା ସମ୍ପର୍କରେ ପଦୁଟିଏ କାନକୁହା କଥା ବି ଶୁଣିବାକୁ ଚାହେଁନାହିଁ। ନାରୀ ପୁରୁଷ ସହିତ ସମାନ ଭୂମିକାରେ ଅବତୀର୍ଣ୍ଣା ହେବାର ସୁଦିନ ସହିତ କେମିତି ଶୀଘ୍ର ଆସିବ, ମୁଁ ଆଜି ସେଇ ସ୍ୱପ୍ନ ଦେଖୁଛି। ସେମାନେ ପୁରୁଷ ସହିତ ସମାନ ଅଧିକାର ଲାଭ କରିବେ। ସମାନ ସୁବିଧା ସୁଯୋଗ ଉପଭୋଗ କରିବେ। ଏହା ହିଁ ମୋର ଆଗାମୀ କାଲିର ସ୍ୱପ୍ନ, ଏକବିଂଶ ଶତାବ୍ଦୀର ସ୍ୱପ୍ନ। ସେତେବେଳକୁ ମୋ ରାଜ୍ୟର କୌଣସି ଶିଶୁ ଖାଦ୍ୟାଭାବର କ୍ଲେଶ ଭୋଗ କରିବା ନାହିଁ। କ୍ଷୁଧିତ ରହିବେ ନାହିଁ କିମ୍ବା ଅପୁଷ୍ଟିକର ଶିକାର ହେବ ନାହିଁ । ନିରକ୍ଷରତା ବା ଅଜ୍ଞତା ମୋ ରାଜ୍ୟର ସୀମା ମାଡ଼ିବ ନାହିଁ।

ମୋ କୃଷିଜୀବୀମାନଙ୍କ ପାଇଁ ମୁଁ ସ୍ୱପ୍ନ ଦେଖୁଛି ଯେ, ଜଳାଭାବରେ ସେମାନଙ୍କ କ୍ଷେତରୁ ଶସ୍ୟ କେବେ ନଷ୍ଟ ନହେଉ। ପ୍ରତିଟି ଜଳବିନ୍ଦୁ ସଂରକ୍ଷିତ ହେବ । ଉତ୍ପାଦନ ପାଇଁ ନିୟୋଜିତ ହେଉ। ପ୍ରାକୃତିକ ଦୁର୍ବିପାକ ଓଡ଼ିଶାର ଅଭିଶାପ । କିନ୍ତୁ ଏହା ହେଉ ଅତୀତର ଅଧ୍ୟାୟ। କବର ତଳେ ରହୁ। ଯେତେବେଳ ନଦୀଧାରା ନିୟନ୍ତ୍ରିତ ହେବ, ଜଳ ସଂରକ୍ଷଣ ନିର୍ମାଣ ପ୍ରକଳ୍ପମାନ କାର୍ଯ୍ୟକାରୀ ହେବ, ଆବଶ୍ୟକ ବେଳେ ଶୁଷ୍କ କ୍ଷେତରେ ଆଉ ଜଳାଭାବ ରହିବ ନାହିଁ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଝଡ଼ର ଇଗଲ୍ ବିଜୁ ବାବୁ



ମୀରା ବେଉରା

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେତେବେଳେ ଓଡ଼ିଆ ଭାଷା ସାହିତ୍ୟ ଓ ଓଡ଼ିଆଙ୍କ ଅସ୍ତିତ୍ୱ ଲୋପ ହେବାକୁ ଯାଉଥିଲା ଠିକ୍ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଶାର ଯେଉଁ ବରପୁତ୍ରମାନେ ହୃତ ଗୌରବ ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ ଏବଂ ଓଡ଼ିଶାର ସାମାଜିକ, ଅର୍ଥନୈତିକ ସ୍ତରରେ ଉନ୍ନତି ଆଣି ଓଡ଼ିଶାକୁ ଜାତୀୟସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେବାପରେ ଆପ୍ରାଣ ଉଦ୍ୟମ କରିଥିଲେ ସେମାନଙ୍କ ମଧ୍ୟରେ କଳିଙ୍ଗ ଗୌରବ ବିଜୁବାବୁ ଥିଲେ ଏକମାତ୍ର ଦୂରଦୃଷ୍ଟି ସମ୍ପନ୍ନ, ଜାତୀୟତାବାଦୀ, ଦୁଃସାହସିକ ପ୍ରଦର୍ଶନ ପୂର୍ବକ ବ୍ୟକ୍ତିତ୍ୱ। ଏକାଧାରରେ ସେ ଥିଲେ ଜଣେ ପ୍ରଚଣ୍ଡ ସ୍ୱାଭିମାନୀ, ସ୍ୱାଧୀନତା ସଂଗ୍ରାମୀ, ଜାତୀୟତା ଭାବର ମୂର୍ତ୍ତିମନ୍ତ ପ୍ରତୀକ, ନିଜର ଦୁଃସାହସିକତା ପ୍ରଦର୍ଶନ କରି ଓଡ଼ିଆମାନଙ୍କ ବୀରତ୍ୱ, ନିର୍ଭିକତା ଓ ସାହସିକତାର ପରିଚୟ ଦେଇଛନ୍ତି। ବିଶ୍ୱକର୍ମା ସାଜି ଓଡ଼ିଶାଭଳି ଏକ ପଛୁଆ, ଦରିଦ୍ର, ଅନୁନ୍ନତ ରାଜ୍ୟକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିପାରୁଥିବା ମହାନାୟକମାନଙ୍କ ମଧ୍ୟରେ ମହାପୁରୁଷ ଭୂମିପୁତ୍ର ବିଜୁବାବୁ ଥିଲେ ଅନ୍ୟତମ ସାରଥି। ଯଦିଓ ଆଜି ସେ ଓଡ଼ିଶା ମାଟିରେ ନାହାଁନ୍ତି ତଥାପି ତାଙ୍କର କୃତିତ୍ୱ ଏବଂ ବୀରତ୍ୱର କାହାଣୀ କେବଳ ଓଡ଼ିଶା ମାଟିରେ ନୁହେଁ ସମଗ୍ର ଭାରତବର୍ଷରେ ପ୍ରତିଧ୍ୱନିତ ହେଉଛି। ତାଙ୍କପରି ତ୍ୟାଗୀ, ସାହସୀ, ଦୟାଳୁ, କର୍ମନିଷ୍ଠ, ବୀରପୁରୁଷ ଆଜିର ସମାଜରେ ବିରଳ। ଆଜି କେବଳ ଓଡ଼ିଶା ଇତିହାସ ନୁହେଁ, ଭାରତ ଇତିହାସ ଓଡ଼ିଆମାନଙ୍କ ଗୌରବ ଗାଥା ବଖାଣୁଥିବାବେଳେ ଏବେ ତାଙ୍କର ସୁପୁତ୍ର ବିଶିଷ୍ଟ ଇଂରାଜୀ ଲେଖକ ତଥା ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ, ମୁଖ୍ୟମନ୍ତ୍ରୀ ଭାବରେ ୫ଥର ଆସନ ଅଳଙ୍କୃତ କରିଥିବା ନବୀନ ପଟ୍ଟନାୟକ ବିଜୁବାବୁଙ୍କ ନାମରେ ଅନେକ ଗୁଡ଼ିଏ ଯୋଜନା ଓଡ଼ିଶାବାସୀଙ୍କୁ ଯୋଗାଇଦେଇ ଓଡ଼ିଶାର ଘରେ ଘରେ ବିଜୁବାବୁଙ୍କ ନାମକୁ ଆହୁରି ଉଜ୍ଜୀବିତ କରିବାରେ ବେଶ୍ ସଫଳ ହୋଇଛନ୍ତି। ବିଜୁ ଗ୍ରାମୀଣ ପକ୍କାଘର ଯୋଜନା ହେଉ, ବିଜୁ କୃଷକ ଯୋଜନା, ବିଜୁ ଛାତ୍ରବୃତ୍ତି ଯୋଜନା, ବିଜୁ ଯୁବବାହିନୀ, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ହେଉ, ଇନ୍ଦିରା ଆବାସ ଯୋଜନା ହେଉ, ମଧୁବାବୁ ପେନସନ୍ ଯୋଜନା ହେଉ, ପିଠା ଯୋଜନା ହେଉ ବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଜନା ହେଉ, ଶକ୍ତି ମିଶନ ଯୋଜନା ହେଉ ଏହିପରି ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରି ଓଡ଼ିଶା ଇତିହାସରେ ଆଜି ବିସ୍ମୟ ସୃଷ୍ଟି କରି ବିକାଶର ମଙ୍ଗଧରିଛନ୍ତି ତାଙ୍କର ଉପଯୁକ୍ତ ଦାୟଦ ସୁପୁତ୍ର ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ। ଆଜିବି ତାଙ୍କପରି ଯୋଦ୍ଧା, ବୀରପୁରୁଷ, ଅଦ୍ୱିତୀୟ ନେତା, ସ୍ୱଷ୍ଟ ଓ ନିର୍ଭୀକ ବ୍ୟକ୍ତିତ୍ୱ, ଚତୁର ଶିଳ୍ପ ଉଦ୍ୟୋଗୀ, କର୍ମ ଓ ଜାତିପ୍ରେମୀ, ଦେଶପ୍ରେମୀ ମା' ମାଟିକୁ ଭଲ ପାଉଥିବା ମଣିଷ ଏହି ଓଡ଼ିଶା ମାଟିରେ ଜନ୍ମନେବା ପାଇଁ ପ୍ରତିଟି ଓଡ଼ିଆ ଇଚ୍ଛା ପ୍ରକାଶ କରି ସ୍ୱପ୍ନ ଦେଖନ୍ତି।

ଆଜି ଯଦି ଏ ଉତ୍କଳ ଭାଷାର ପ୍ରାଣ ପ୍ରାଚୁର୍ଯ୍ୟରେ, ସଂସ୍କୃତିରେ, କଳାରେ, ଶିଳ୍ପରେ, ଖଣି ଖାଦାନରେ, କୃଷିରେ, ପଶୁ ପାଳନରେ ଆଜି ଅର୍ଥନୈତିକ ବିକାଶରେ ସମୃଦ୍ଧ ହୋଇଛି ଏବଂ ଓଡ଼ିଶା ଏକ ସ୍ୱାଭିମାନୀ ରାଷ୍ଟ୍ରଭାବେ ମୁଣ୍ଡଟେକିଛି ତାହା କେବଳ ମାଟିପୁତ୍ର ବିଜୁବାବୁଙ୍କ ପାଇଁ ସମ୍ଭବ ହୋଇଛି।

କଟକ ତୁଳସୀପୁରସ୍ଥିତ ଆନନ୍ଦ ଭବନଠାରେ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ଜନ୍ମ। ତାଙ୍କର ପିତା ଥିଲେ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ମାତା ଥିଲେ ଆଶାଲତା ଦେବୀ। ତୁଳସୀ ଦୁଇପତ୍ରରୁ ବାସିଲା ଭଳି ପିଲାଟି ଦିନରୁ ବାରି ହୋଇପଡୁଥିଲା, ଏହି ବାଳକ ଦିନେ ବିରାଟ ବ୍ୟକ୍ତିତ୍ୱ ସାଜି ମହାନାୟକ ହେବ। ପିଲାଦିନେ ମା'ଙ୍କଠାରୁ ସଂଗ୍ରାମୀ ଏବଂ ବୀରତ୍ୱର କାହାଣୀ ତାଙ୍କ ମନରେ ଗଭୀର ରେଖାପାତ ମଧ୍ୟ କରିଥିଲା। ଦେଶ ପାଇଁ, ମାଟି ପାଇଁ, ଉତ୍କଳବାସୀଙ୍କ ପାଇଁ ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢ଼ି ବାରମ୍ବାର ଜେଲ୍ ଯାଇ ଦେଶମାତୃକା ପାଇଁ ଥିବା ଭଲ ପାଇବାକୁ ହିଁ ପ୍ରତିଭାନ କରୁଥିଲା। ପ୍ରଥମେ ସେ ମିଶନ ସ୍କୁଲ ପରେ ରେଭେନ୍ସା କଲିଜିଏଟ୍ ସ୍କୁଲ ଏବଂ ପରେ ରେଭେନ୍ସା ମହାବିଦ୍ୟାଳୟ ଏବଂ ତା'ପରେ ପାଟନା ବିଶ୍ୱବିଦ୍ୟାଳୟରେ ନିଜର ଶିକ୍ଷାପ୍ରାପ୍ତି ସମାପ୍ତି କରି ବେସାମରିକ ବିମାନସେବାରେ ଯୋଗ ଦେଇଥିଲେ। ବିଜୁବାବୁ ୧୯୩୨ ମସିହାରେ ପ୍ରଥମେ କଟକରୁ ପେଶାଓ୍ୱାରକୁ କିଛି ବନ୍ଧୁଙ୍କ ସହ ସାଇକେଲରେ ଯାତ୍ରା କରିଥିଲେ। ବାପାଙ୍କ ପ୍ରେରଣାରେ ବିଜୁବାବୁ ଏହାପରେ ବିମାନ ଚଳାଇବା ଟ୍ରେନିଂ ମଧ୍ୟ ନେଇଥିଲେ ଏବଂ ଇଣ୍ଡିଆନ ଏୟାରଓ୍ୱେଜ୍‌ର ଜଣେ ପାଇଲଟ୍ ଭାବେ ଯୋଗଦେଇଥିଲେ। ପ୍ରକୃତରେ ବିଜୁ ବାବୁ ଏଭଳି ବ୍ୟକ୍ତିତ୍ୱ ଥିଲେ ଯିଏ ଓଡ଼ିଶାର ଚିତ୍ରକୁ ସମଗ୍ର ବିଶ୍ୱରେ ପହଞ୍ଚାଇ ପାରିଥିଲେ। ଜାତିର ପିତା ମହାତ୍ମାଗାନ୍ଧୀ ଯେତେବେଳେ ସ୍ୱରାଜ ଆଶ୍ରମ ଆସିଥିଲେ, ପୋଲିସ୍‌ର ନାଲିଆଖି ଏବଂ ଲାଠିମାଡ଼ ତାଙ୍କୁ ଅଟକାଇ ପାରିନଥିଲା। ସେ ଲାଠିମାଡ଼ ଖାଇ ମଧ୍ୟ ଦୌଡ଼ିଯାଇ ଗାନ୍ଧୀଙ୍କ ସହିତ କରମର୍ଦ୍ଦନ କରିଥିଲେ। ଏହି ଜାତୀୟତା ମନୋଭାବ ହିଁ ଭବିଷ୍ୟତରେ ତାଙ୍କୁ ଓଡ଼ିଶାର ରାଜନୀତିରେ ଯୋଗଦେବା ପାଇଁ ପ୍ରେରଣା ଯୋଗାଇଥିଲେ। ୧୯୩୮ରେ ବିଜୁବାବୁଙ୍କ ବିବାହ ହୋଇଥିଲା କାଶ୍ମିରୀର ଏକ ସମ୍ଭ୍ରାନ୍ତ ପରିବାରର ଝିଅ ଜ୍ଞାନଦେବୀଙ୍କ ସହିତ। ଜ୍ଞାନଦେବୀ ପ୍ରକୃତରେ ଏଭଳି ଜଣେ ମହୀୟସୀ ମହିଳା ଥିଲେ ଯାହାଙ୍କର ଧନର ଗର୍ବ ନଥିଲା, ପ୍ରାଚୁର୍ଯ୍ୟର ଅହଙ୍କାର ନଥିଲା, ପଦପଦବୀର ଅମର୍ଯ୍ୟାଦା ନଥିଲା। ସତରେ ତାଙ୍କପରି ସ୍ନେହୀ, ଶ୍ରଦ୍ଧାବାନ କରୁଣାର ଏକ ମୂର୍ତ୍ତିମନ୍ତ ପ୍ରତୀକ, ବାତ୍ସଲ୍ୟ ମମତାର ସମ୍ମିଶ୍ରଣ ଆଦର୍ଶ ମହିଳା ଆଜିର ସମାଜରେ ବିରଳ। ସ୍ୱାଧୀନତା ସଂଗ୍ରାମର ସୈନିକମାନଙ୍କୁ



ଗୁପ୍ତ ସହଯୋଗ ପ୍ରଦାନ କରୁଥିବା ଅଭିଯୋଗରେ ବ୍ରିଟିଶ୍ ଗୁଇନ୍ଦା ବିଭାଗ ଦ୍ୱାରା ବିଜୁବାବୁ ଗିରଫ ହେଲାପରେ ମଧ୍ୟ ସେ ଆଦୌ ବ୍ରିଟିଶ ସରକାରଙ୍କୁ ଖାତିର କରୁନଥିଲେ। ୧୯୬୦ ମସିହାରେ ବିଜୁବାବୁ କଂଗ୍ରେସକୁ ମଜଭୁତ କରି ୧୪୦ ସଭ୍ୟ ବିଶିଷ୍ଟ ବିଧାନସଭା ନିର୍ବାଚନରେ ୪୩ ଜଣ କଂଗ୍ରେସ ବିଧାୟକଙ୍କୁ ନିର୍ବାଚିତ କରି ଦୃଢ଼ ସରକାର ଗଠନ କରି ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ।

ଯେତେବେଳେ ପଣ୍ଡିତ ଜବାହର ଲାଲ ନେହେରୁଙ୍କ ଭଳି ଦୂରଦ୍ରଷ୍ଟା, ରାଷ୍ଟ୍ରନୀତିଜ୍ଞ, ବିଦ୍ୱାନ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ ସେତେବେଳେ ସେ ବିଜୁ ପଟ୍ଟନାୟକଙ୍କ ଦୁଃସାହସ, ଦୂରଦୃଷ୍ଟି, ସ୍ୱାଭିମାନ ଦେଶପ୍ରୀତିରେ ଥିଲେ ଜଣେ ଉଚ୍ଚ ପ୍ରଶଂସକ। ୧୯୬୨ ମସିହାରେ ବିଜୁବାବୁ ଜାନୁଆରୀ ୩ ତାରିଖରେ ପାରାଦ୍ୱୀପ ବନ୍ଦର ଶୁଭ ଦେବା ପାଇଁ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କୁ ସେ ଆମନ୍ତ୍ରଣ କଲେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## 'ମୁଁ ବିଜୁ ପଟ୍ଟନାୟକ କହୁଛି'

(ନବଗ୍ରହ ଭାବେ ଏକତ୍ରିତ ହୋଇ ଓଡ଼ିଶାର ବିକାଶ ପାଇଁ ବିଜୁବାବୁଙ୍କ ପରି ଦୃଢ଼ ଇଚ୍ଛାଶକ୍ତି ହିଁ ଏକମାତ୍ର ପନ୍ଥା ବୋଲି ମୋର ମତ)



ପ୍ରଦୀପ ସେନାପତି

ମୁଁ ବିଜୁ ପଟ୍ଟନାୟକ କହୁଛି। ଓଡ଼ିଶା କହିଲେ ବିଜୁ ପଟ୍ଟନାୟକ। ବିଜୁ ପଟ୍ଟନାୟକ କହିଲେ ଓଡ଼ିଶା। ଏହି ଗର୍ବ, ଏହି ବା ୀ, ଏଭଳି ମନ୍ତବ୍ୟ ପାଇଁ ବିଜୁ ପଟ୍ଟନାୟକ ଆଜି ଆଉଜଣେ ରାଜନୈତିକ ବ୍ୟକ୍ତି ହୋଇ ରହିନାହାଁନ୍ତି। ସେ 'ବିଜୁ ତ ୍ୱ'ରେ ପରିଣତ ହୋଇଯାଇଛନ୍ତି। ବିଜୁ ପଟ୍ଟନାୟକଙ୍କର ବ୍ୟକ୍ତିତ୍ୱକୁ 'ବିଜୁ ତ ୍ୱ' କହିବାର କାରଣ ହେଲା, ସେ ରାଷ୍ଟ୍ରବାଦୀ ଓ ଜାତୀୟବାଦୀ 'ବିଜୁ' ଥିଲେ। ବିଜୁ ପଟ୍ଟନାୟକ ବ୍ୟକ୍ତିକୁ ଗୁରୁତ୍ୱ ନଦେଇ, ରାଷ୍ଟ୍ର ବା ଜାତିକୁ ଗୁରୁତ୍ୱ ଦେଉଥିଲେ। ଖାରବେଳଙ୍କ ଶାସନ କାଳରେ ଆଜିର ଓଡ଼ିଶା ଯେତେବେଳେ କଳିଙ୍ଗ ନାମରେ ଖ୍ୟାତି ଅର୍ଜନ କରି ସମଗ୍ର ବିଶ୍ୱରେ ପ୍ରତିଷ୍ଠା ଲାଭ କରିଥିଲା-ସେଦିନର ବିକାଶକୁ ଓଡ଼ିଶାକୁ ଫେରାଇ ଆଣିବାକୁ ସେ ସ୍ୱପ୍ନ ଦେଖିଥିଲେ। ସେଦିନର ବିକାଶକୁ ମନେ ପକାଇବା ପାଇଁ ଯୁବାବସ୍ଥାରେ ସେ ପ୍ରତିଷ୍ଠା କରିଥିଲେ ଆନ୍ତର୍ଜାତୀୟ 'କଳିଙ୍ଗ ପୁରସ୍କାର'। ନିଜ ଆକାଶମାର୍ଗ ପରିବହନ ସଂସ୍ଥାର ନାମ ଦେଇଥିଲେ 'କଳିଙ୍ଗ ଏୟାର ଓ୍ୱେଜ'। ନିଜ ଲୁହା ପାଇପ୍ କାରଖାନାର ନାମ ଦେଇଥିଲେ 'କଳିଙ୍ଗ ଟ୍ୟୁବ୍‌ସ'। ନିଜ ପ୍ରକାଶିତ ସମ୍ବାଦପତ୍ରର ନାମ ରଖିଥିଲେ 'କଳିଙ୍ଗ' ଇତ୍ୟାଦି ଇତ୍ୟାଦି।

କଳିଙ୍ଗ ନାମକରଣ ମୂଳରେ ତାଙ୍କର ରାଷ୍ଟ୍ରବାଦୀ ଓ ଜାତୀୟତାବାଦୀ ଚେତନା ଲୁକ୍କାୟିତ ଥିଲା। କୌଣସି କାମ ଓଡ଼ିଶାର ବିକାଶ ପାଇଁ ଉପଯୁକ୍ତ ମନେ କଲେ ତାକୁ କାର୍ଯ୍ୟକାରୀ କରିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ। ଯେତେ ବିରୋଧ, ବାଧାବିଘ୍ନ ଆସୁପଛେ, କୌଣସି ପରିସ୍ଥିତିରେ ତାଙ୍କର ଖାତିର ନଥିଲା। ଗୋଟିଏ ଉଦାହରଣସ୍ୱରୂପ ପାରାଦ୍ୱୀପ ବନ୍ଦର କଥା। ସେ ହୃଦୟଙ୍ଗମ କଲେ ଯେ, ପାରାଦ୍ୱୀପ ବନ୍ଦର ଓଡ଼ିଶାର ବିକାଶ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ। ପଣ୍ଡିତ ନେହେରୁଙ୍କୁ ପ୍ରବ ାଇ, ବନ୍ଦରର ଶୁଭ ଦେଲେ। ତତ୍କାଳୀନ ତୁଙ୍ଗନେତା ମାନଙ୍କର ପ୍ରବଳ ବିରୋଧ ସ ୍ୱେ ସେତେବେଳେ ଏଥିପାଇଁ ତାଙ୍କୁ ଅନେକ ମୂଲ୍ୟ ଦେବାକୁ ପଡ଼ିଥିଲା। କିନ୍ତୁ ଆଜି ଦେଖନ୍ତୁ ଓଡ଼ିଶାର ଅର୍ଥନୈତିକ ବିକାଶରେ ପାରାଦ୍ୱୀପ ବନ୍ଦର କିପରି ମୁଖ୍ୟ ଭୂମିକା ଗ୍ରହଣ କରିଛି।

୧୯୬୧ ମସିହାରେ ରାଜ୍ୟରେ କଂଗ୍ରେସ ଦଳର ନେତୃତ୍ୱ ନେଲେ। ପ୍ରଥମଥର ପାଇଁ ଶାସନ କ୍ଷମତାକୁ ଆସିଲେ ବିଜୁ ପଟ୍ଟନାୟକ। ମାତ୍ର ୨ବର୍ଷ ୩ ମାସ ୮ ଦିନ ମୁଖ୍ୟମନ୍ତ୍ରୀ ଗାଦିରେ ରହିପାରିଥିଲେ। କାମରାଜ ଯୋଜନା ଅନୁଯାୟୀ ୧୯୬୩ ମସିହା ସେପ୍ଟେମ୍ବର ମାସରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିଥିଲା। କିନ୍ତୁ ୧୯୯୦ ମସିହାରେ ଜନତା ଦଳର ସରକାରରେ ନେତୃତ୍ୱ ନେଇ ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ପୁଣି କ୍ଷମତାସୀନ ହୋଇଥିବା 'ବିଜୁ ପଟ୍ଟନାୟକ' ପୁରା ପା ବର୍ଷ ନିରଙ୍କୁଶ କ୍ଷମତା ଉପଭୋଗ କରିବାରେ ସୁଯୋଗ ଲାଭ କରିଥିଲେ। ଏହା ପୂର୍ବରୁ ଆମ୍ଭେ ରାଜ୍ୟ ଛାତ୍ର ଜନତା ଦଳର ନେତୃତ୍ୱ ନେଇ ବୁର୍ଲା ଇଞ୍ଜିନିୟରିଂ ଛାତ୍ର ହତ୍ୟା ଆନ୍ଦୋଳନକୁ ବ୍ୟାପକ ତଥା ତୀବ୍ର ଆକାରରେ ସାରା ରାଜ୍ୟରେ ବ୍ୟାପକ କରିଥିଲୁ। ସଭାପତି ଉମାବଲ୍ଲଭ ରଥ ଏହାର ନେତୃତ୍ୱ ନେଉଥିବା ବେଳେ, ମୁଁ ରାଜ୍ୟର ସାଧାରଣ ସମ୍ପାଦକ ଭାବରେ ରାଜ୍ୟର ହୃଦ୍‌ଗୌରବକୁ ଫେରାଇ ଆଣିବା ପାଇଁ ଯତ୍‌ପରନାସ୍ତି ଚେଷ୍ଟା କରିଥିଲୁ। ସେହି ସମୟରେ ଉମା ରଥ ଓ ଅଶୋକ ଦାସଙ୍କ ଜରିଆରେ 'ବିଜୁ ବାବୁ' ମୋତେ ଜାଣିବା ପରେ ମୋତେ ରାଜ୍ୟ ଛାତ୍ର ଜନତା ଦଳରେ ସାମିଲ୍ କରିଥିଲେ। ତେବେ ଏହି ସମୟରେ ତାଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କଲାଭଳି ବ୍ୟକ୍ତିତ୍ୱ ନିଜର ଦଳ ଭିତରେ କିମ୍ବା ବିଧାନସଭାରେ ନଥିବାରୁ ବିଜୁବାବୁ ରାଜ୍ୟର ଅପ୍ରତିଦ୍ୱନ୍ଦୀ ନେତା ଭାବରେ ଜନସାଧାରଣଙ୍କ ଦ୍ୱାରା ଗ୍ରହଣୀୟ ଓ ଆଦରଣୀୟ ହୋଇପାରିଥିଲେ। ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀତ୍ୱ କାଳରେ ନିଜର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ମନର ଉଦ୍ଦୀପନା ବଳରେ ଆଗକୁ ମାଡ଼ି ଚାଲିବାର ମନୋବଳ ତାଙ୍କ ବକ୍ତିତ୍ୱ ଓ କାର୍ଯ୍ୟକଳାପରେ ପ୍ରତିଫଳିତ ହୋଇଥିଲା। ୧୯୯୦ ମାର୍ଚ୍ଚରୁ ୧୯୯୫ ମାର୍ଚ୍ଚ ମଧ୍ୟରେ ସୀମିତ ଥିବା ତାଙ୍କର ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଜୁ ପଟ୍ଟନାୟକ ଏଭଳି କେତେକ ପଦକ୍ଷେପ ଗ୍ରହଣ କରିଥିଲେ କିମ୍ବା ମନ୍ତବ୍ୟ ଦେଇଥିଲେ, ଯାହା କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ଚର୍ଚ୍ଚିତ, ବିତର୍କିତ ଏବଂ ବିବାଦୀୟ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଗାଦିକୁ ଆସିବା ମାତ୍ରେ ଓଡ଼ିଶା ଗଠନ ହେବା ପରଠାରୁ କେହି ୧୩ରୁ ୧୪ଟି ଜିଲ୍ଲା କରିପାରି ନଥିଲେ। ସେ ଗୋଟିଏ କଲମ ଗାରରେ ୧୩ରୁ ୩୦ଟି ଜିଲ୍ଲା କରିଦେଲେ। ସେଥିପାଇଁ କେତେକ ସମାଲୋଚନା ମଧ୍ୟ କଲେ। କିନ୍ତୁ ଆଜି ସମଗ୍ର ଦେଶରେ ଆଇନ୍ ଶୃଙ୍ଖଳାର ଯେପରି ଅବନତି ହୋଇଚାଲିଛି, ୧୩ଟି ଜିଲ୍ଲା କ'ଣ ଏହାକୁ ସମ୍ଭାଳି ପାରିଥାନ୍ତେ? ରାଜ୍ୟର ସର୍ବନିମ୍ନ ଦୈନିକ ମଜୁରୀ ୧୧ ଟଙ୍କାରୁ ୨୫ ଟଙ୍କାକୁ ବୃଦ୍ଧି କରି ବିଜୁ ପଟ୍ଟନାୟକ ଯେତିକି ପ୍ରଶଂସିତ ହୋଇଥିଲେ, କଟକ ସହରର ଭୟାବହ ମଦମୃତ୍ୟୁ ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କୁ ଦେଖିବାକୁ ନଯିବା ଓ ସେମାନଙ୍କ ପରିବାରକୁ ସମବେଦନା ନ ଜଣାଇବା ଯୋଗୁ ସେତିକି ସମାଲୋଚିତ ହୋଇଥିଲେ। ମଦ୍ୟପମାନଙ୍କ ପ୍ରତି ମୋର ଦରଦ ନାହିଁ, ମୁଁ କ'ଣ ଖାଲି ଶବ ଦେଖିବାକୁ ଯାଇଥାନ୍ତି ବୋଲି 'ବିଜୁ'ଙ୍କ ମନ୍ତବ୍ୟ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ସେ ଶାସନରେ ଥିଲାବେଳେ ଅନୁଭବ କଲେ ଯେ, ଅମଲାତନ୍ତ୍ର ସାଧାରଣ ଲୋକଙ୍କ ସମସ୍ୟା ବୁଝୁ ନାହିଁ ଏବଂ ଅନେକ କ୍ଷେତ୍ରରେ ଶୋଷଣ କରୁଛି। ସେ ଏହା ଲକ୍ଷ୍ୟ କରି ବିରକ୍ତ ହୋଇ ସର୍ବସାଧାରଣରେ କହିଦେଲେ, ଦୁର୍ନୀତି କଲେ ଏବଂ କାମ ନକଲେ ଅମଲାତନ୍ତ୍ରର କାର୍ଯ୍ୟକ ୀଙ୍କୁ ମାରିଦିଅ। ମୁଁ ଏହି ଆହ୍ୱାନକୁ ସହୃଦୟତାର ସହ ଗ୍ରହଣ କରି ପ୍ରଥମ ପଦକ୍ଷେପ ଭାବେ ପୁରୁଣା ଭୁବନେଶ୍ୱର, ଲିଙ୍ଗରାଜ ଥାନାରେ ଥିବା ସେତେବେଳର ଆଇ.ଆଇ.ସି. ସୁବାଷ ମହାପାତ୍ରଙ୍କୁ ୧୯୯୪ ମସିହା ଜୁଲାଇ ୧୩ ତାରିଖ, ରାତ୍ର ୧୨ଟା ସମୟରେ ଜଣେ ଗରୀବ ଲୋକଙ୍କ ଉପରେ ଶୋଷଣ, ଭକ୍ଷଣ, ଦୁର୍ନୀତି ଓ ଅତ୍ୟାଚାର ଅଭିଯୋଗରେ ଏହି କ୍ରମେ ତାଙ୍କୁ ମାଡ଼ ମାରି ଗିରଫ ହୋଇଥିଲି। ଏକଥା ମୁଁ ବିଜୁ ବାବୁଙ୍କୁ ନଜଣାଇ ଦୀର୍ଘ ୯ ବର୍ଷ ପର୍ଯ୍ୟନ୍ତ କେସ୍ ଲଢ଼ି ନିର୍ଦ୍ଦୋଷରେ ୨୦୦୪ ସାଧାରଣ ନର୍ବାଚନ ସରିବା ପରେ ଖଲାସ ହୋଇଥିଲି। ଯାହା ସେତେବେଳେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେଥିପାଇଁ ମୁଁ, ମୋ ସରକାର ଓ ସେ ସମାଲୋଚିତ ହେଲୁ। ଯାହା ହେଲେ ବି ସାଧାରଣ ଲୋକଙ୍କ ମନୋଭାବ ସର୍ବସାଧାରଣ ପ୍ରକାଶ କରି ଅମଲାତନ୍ତ୍ରକୁ ସତର୍କ କରାଇ ଦେଇପାରିଲେ। ସେଥିରୁ ଯେ ସୁଫଳ ନ ମିଳିଲା ତାହା ନୁହେଁ, ସେହିପରି ଦେଶର ବିଶୃଙ୍ଖଳିତ ସ୍ଥିତିକୁ ଲକ୍ଷ୍ୟ କରି ସେ କହିଲେ, କିଛିଦିନ ମିଲିଟାରୀ ଶାସନ ଦେଶରେ ହେଲେ, ଦେଶ ସୁଧୁରି ଯାଆନ୍ତା। ସମସ୍ତେ ଏକଥା ଡ୍ରଇଁରୁମ୍‌ରେ ବିଲୁଆ ବିଚାର ପରି କହନ୍ତି। କିନ୍ତୁ ସେ ସର୍ବସାଧାରଣରେ ଏହା କହିଦେଲେ। ଯେଉଁ କଥାକୁ ତାଙ୍କର ଏକତା ଅବୁଝା ପୁଅ କହୁଥିବା ଜଣେ ନେତା ନିଜେ ମନ୍ତ୍ରୀ ହେବା ପାଇଁ କେନ୍ଦ୍ର ନେତୃତ୍ୱ ପାଖରେ ଏକଥା ପ୍ରକାଶ କରିଦେଇ 'ବିଜୁ ପଟ୍ଟନାୟକ'ଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବ ୍ତ କରିବା ପାଇଁ ଉଦ୍ୟମ କରିଥିବା ଦେଶରେ ଆଲୋଚିତ ହୋଇଥିଲା।

ସେ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ରଖୁଥିଲେ। ନିର୍ଭୀକ ଓ ସ୍ପଷ୍ଟବାଦୀ ଭାବରେ ମୁଁ ଜାଣେ, ବିଜୁ ପଟ୍ଟନାୟକ ଟେଲିଫୋନ ନିଜେ ଧରନ୍ତି। କାହା ଦ୍ୱାରା ଧରାଇ ବାବୁ ଘରେ ନାହାଁନ୍ତି ଅବା ବାଥରୁମ୍‌ରେ ଅଛନ୍ତି ବୋଲି କହି ଏଡ଼ାଇ ଯାଆନ୍ତି ନାହିଁ। ଲୋକମାନଙ୍କ ସମସ୍ୟା ଜାଣିବା ପାଇଁ ସେମାନଙ୍କ ସହ ମିଶନ୍ତି। ସେମାନଙ୍କର ଦେବା ପ୍ରସ୍ତାବ ମନକୁ ପାଇଲେ, ତାହା କାର୍ଯ୍ୟକାରୀ କରନ୍ତି। ଦୈନିକ ମଜୁରୀକୁ ହଠାତ୍ ୧୧ଟଙ୍କାରୁ ୨୫ ଟଙ୍କା କରିବା ମୂଳରେ ଜନୈକ ଆଦିବାସୀ ବୃଦ୍ଧାଙ୍କର ପ୍ରସ୍ତାବ ଥିଲା। ଓଡ଼ିଶାରେ ଯେତେବେଳେ ଦୈନିକ ମଜୁରୀ ୨୫ ଟଙ୍କା ବୃଦ୍ଧି କରିଦେଲେ। ଭାରତରେ ଅନ୍ୟ କୌଣସି ରାଜ୍ୟରେ ୨୫ଟଙ୍କା ନଥିଲା। ପରେ ଅନ୍ୟମାନେ 'ବିଜୁ'ଙ୍କ ପଦାଙ୍କ ଅନୁସରଣ କରି ମଜୁରୀକୁ ୨୫ ଟଙ୍କା ବୃଦ୍ଧି କଲେ। ସଫଳତାର ସହ କାର୍ଯ୍ୟ କରିବା ପ୍ରଣାଳୀ ସ୍ଥୂଳ ଭାବରେ ବିଜୁ ପଟ୍ଟନାୟକଙ୍କର ବ୍ୟକ୍ତିତ୍ୱର ମୂଳତ ୍ୱ ଥିଲା। ବିଜୁଙ୍କ ମୃତ୍ୟୁ ପରେ ତାଙ୍କର ଶୋଭାଯାତ୍ରା ଯେତେବେଳେ ଭୁବନେଶ୍ୱରରୁ ପୁରୀ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ହେଲା, (ଅବଶିଷ୍ଟାଂଶ ପୃଷ୍ଠା-୭ରେ)



## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୩୨)
# ରାମ ବନବାସ (ଖ)


କାର୍ତ୍ତିକ ସାଇଁ




(ପୂର୍ବ ପ୍ରକାଶିତ ଉତ୍ତାରୁ)

ରାମଚନ୍ଦ୍ରଙ୍କ ବନବାସ ଯିବା ଏତେ ସହଜ କଥା ନଥିଲା। ତାଙ୍କ ବନବାସ ଯିବା କଥା ଧୀରେ ଧୀରେ ସମସ୍ତେ ଜାଣିଲେ। ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ମାତା କୌଶଲ୍ୟା ରାମଙ୍କ ବନବାସ ଯିବା କଥା ଶୁଣି ଭୋ ଭୋ କରି କାନ୍ଦି ପକେଇଲେ। ରାମଚନ୍ଦ୍ର ମାତାଙ୍କୁ ସବୁ କଥା ବୁଝେଇ କହିଲେ। କୌଶଲ୍ୟା ଶ୍ରୀରାମଙ୍କ କଥା ବୁଝିଲେ। ମାଆ ମନ। ମାତ୍ର କଣ କରାଯିବ। କୌଶଲ୍ୟା ଜାଣିଥିଲେ- ରାମ ପିତୃଭକ୍ତ। ତେଣୁ ସେ ପିତୃସତ୍ୟ ପାଳନ କରିବେ।

ମାତା କୌଶଲ୍ୟାଙ୍କୁ ଦେଖା କରି ରାମ ପତ୍ନୀ ସୀତାଙ୍କୁ ସବୁ କଥା କହିଲେ। ତାଙ୍କର ବିଭିନ୍ନ କଥାବାର୍ତ୍ତା ହେଲା। ଶେଷକୁ ରାମ ସୀତାଙ୍କୁ ସାଂଗରେ ନେଇ ବଣକୁ ଯିବା ଲାଗି ସମ୍ମତି ପ୍ରଦାନ କଲେ।

ସେହିପରି ଅନୁଜ ଲକ୍ଷ୍ମଣ ମଧ୍ୟ ରାମଙ୍କ ସାଂଗରେ ବଣକୁ ଯିବା କଥା ରାମ ଗ୍ରହଣ କଲେ।

କୁଳଗୁରୁ ବଶିଷ୍ଠ, ଦଶରଥଙ୍କ ମନ୍ତ୍ରୀ ସୁମନ୍ତ ଓ ରାଜ୍ୟର ଅନ୍ୟ ବଶିଷ୍ଟ ଲୋକମାନେ ରାମ ଲକ୍ଷ୍ମଣ ଓ ଜାନକୀଙ୍କ ବନବାସ ଯିବା କଥା ଜାଣିଲେ। ରାଜ୍ୟର ପ୍ରଜାମାନେ ମଧ୍ୟ ଏ କଥା ଜାଣିଲେ। ସେମାନେ ଦୁଃଖରେ କାନ୍ଦିବା ଆରମ୍ଭ କଲେ।

କୈକେୟୀଙ୍କୁ ଅନେକ ଲୋକ ଭର୍ତ୍ସନା କଲେ। ମନ୍ତ୍ରୀ ସୁମନ୍ତ, କୁଳଗୁରୁ ବଶିଷ୍ଠ କୈକେୟୀଙ୍କୁ ବୁଝାଇଲେ। ମାତ୍ର ସେଥିରେ କୈକେୟୀଙ୍କର ମନ ବଦଳିଲା ନାହିଁ।

ପିଲାମାନେ- ରାଣୀ କୈକେୟୀ କାଳର କବଳିତ ହୋଇ ଯାଇଥିଲେ। ସେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ନିଜ ପିଲା ପରି ଭଲ ପାଉଥିଲେ। ମାତ୍ର କାଳର କବଳିତ ହୋଇ ନିଜ ଜିଦରେ ଅଟଳ ରହିଲେ। ଦଶରଥଙ୍କ ଅବସ୍ଥା ଦେଖି ମଧ୍ୟ ତାଙ୍କ ମନରେ ଟିକେ ପରିବର୍ତ୍ତନ ହେଲାନାହିଁ।

ଧୀରେ ଧୀରେ ସମସ୍ତେ ରାମଙ୍କ ବନବାସ କଥାକୁ ଗ୍ରହଣ କରିବା ଆରମ୍ଭ କଲେ।

ରାମ ଲକ୍ଷ୍ମଣ ସୀତା ବଡ଼ମାନଙ୍କଠାରୁ ଆଶୀର୍ବାଦ ନେବା ଆରମ୍ଭ କଲେ। ପ୍ରଥମେ ସେମାନେ ମାତା ମାନଙ୍କୁ ଦେଖାକଲେ। କୈକେୟୀ ସେମାନଙ୍କୁ ବନବାସ ଲାଗି ବସ୍ତ୍ର ପ୍ରଦାନ କଲେ। ତାଙ୍କ ମନରେ ଟିକେ ବି ଦୁଃଖ ନଥିଲା। ସେ ଖୁସି ବି ନଥିଲେ।



ମାତା କୌଶଲ୍ୟା ଓ ସୁମିତ୍ରା ରାମ ଲକ୍ଷ୍ମଣ ଓ ସୀତାଙ୍କ ବିଦାୟ ଦେଲାବେଳେ କାନ୍ଦି ପକେଇଲେ। କୌଶଲ୍ୟା ମାତା ସୀତାଙ୍କ ବହୁତ ଉପଦେଶ ଦେଲେ ଓ ବଣ ଜଙ୍ଗଲରେ ହୁସିଆର ହୋଇ ଚଳିବାକୁ କହିଲେ।

ମାତା ସୁମିତ୍ରା ଲକ୍ଷ୍ମଣଙ୍କୁ କହିଲେ- ରାମ ଓ ସୀତାଙ୍କୁ ସର୍ବଦା ଜଗି ରହିଥିବୁ। ସେମାନଙ୍କୁ ଯେପରି କିଛି ବି କଷ୍ଟ ନହୁଏ ସେଥିଲାଗି ଧ୍ୟାନ ଦେବୁ।

ଲକ୍ଷ୍ମଣ ପତ୍ନୀ ଉର୍ମିଳାଙ୍କଠାରୁ ବିଦାୟ ନେଲେ। ଉର୍ମିଳା ନିହାତି ନାଚାର ଥିଲେ। ସେ କହି ପାରିଲେନି ଯେ ସେ ବି ତାଙ୍କ ସ୍ୱାମୀଙ୍କ ସାଂଗରେ ଯିବେ। ମାତ୍ର ସେ ଲକ୍ଷ୍ମଣଙ୍କୁ କଥା ଦେଲେ ଯେ ସେ ଅଯୋଧ୍ୟାରେ ରହି ଶାଶୁ ଶଶୁରଙ୍କ ସେବା କରିବେ ଓ ଲକ୍ଷ୍ମଣଙ୍କ ପରି ଚଉଦବର୍ଷ ସନ୍ୟାସିନୀ ହୋଇ ରହିବେ।

ରାମାୟଣରେ ଲକ୍ଷ୍ମଣ ଓ ଉର୍ମିଳାଙ୍କ ତ୍ୟାଗ ଅତୁଳନୀୟ। ଆମେ ଏ ପର୍ଯ୍ୟନ୍ତ ଭରତଙ୍କ କଥା ପଢ଼ିନେ। ପରେ ତାଙ୍କ ତ୍ୟାଗ କଥା ଜାଣିବା।

ରାମଙ୍କ ବନବାସ ସମୟ ସ୍ଥିର ହୋଇଗଲା। ତାଙ୍କ ବନବାସ ଆଗରୁ ସେ ବଡ଼ମାନଙ୍କ ଆଶୀର୍ବାଦ ନେଲେ। ଗରିବ ପ୍ରଜା ଓ ବ୍ରାହ୍ମଣମାନଙ୍କ ଧନ ଓ ବସ୍ତ୍ର ଦାନ କଲେ। ବିଧି ମୁତାବକ ବିଭିନ୍ନ ପୂଜାର୍ଚ୍ଚନା କଲେ।

ରାମ, ଲକ୍ଷ୍ମଣ ଓ ସୀତାଙ୍କ ବିଦାୟ ସମୟ ବହୁତ କାରୁଣିକ ହୋଇ ଉଠିଲା। ମାତାମାନେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଆଶୀର୍ବାଦ ଦେବା ସାଥେ ସାଥେ ଅନେକ ଉପଦେଶ ଦେଲେ। ରାଜା ଦଶରଥ ପୁତ୍ର ଓ ପୁତ୍ରବଧୂଙ୍କୁ ବନସ୍ତ ନିକଟେ ଛାଡ଼ିବାକୁ ମନ୍ତ୍ରୀ ସୁମନ୍ତଙ୍କୁ ଆଜ୍ଞା ଦେଲେ। ସୁମନ୍ତ ରଥ ଆଣି ପ୍ରସ୍ତୁତ ରହିଲେ।

ରାମ ଜାଣିଥିଲେ ସେ ରାଜ ନବରରୁ ଚାଲି ଚାଲିଗଲେ ଲୋକଙ୍କୁ ସମ୍ଭାଳିବା କଷ୍ଟକର ହେବ। ସେଥିଲାଗି ମନ୍ତ୍ରୀ ସୁମନ୍ତ ଆଣିଥିବା ରଥରେ ଯିବାକୁ ଠିକ୍ ମଣିଲେ।

ପ୍ରଥମେ ମା' ସୀତା ରଥରେ ବସିଲେ। ତାଙ୍କ ପରେ ରାମ ଓ ଲକ୍ଷ୍ମଣ ରଥାରୋହଣ କଲେ। ମନ୍ତ୍ରୀ ସୁମନ୍ତ ସାଜିଥିଲେ ସାରଥି। କି ଭାଗ୍ୟ ତାଙ୍କର ସତେ। ବିଷ୍ଣୁଙ୍କ ଅବତାର ଶ୍ରୀରାମ, ମା' ଲକ୍ଷ୍ମୀଙ୍କ ଅବତାର ସୀତା ଓ ଶେଷନାଗଙ୍କ ଅବତାର ଲକ୍ଷ୍ମଣଙ୍କୁ ରଥରେ ବସାଇ ବନସ୍ତ ନିକଟକୁ ନେବା ଭାଗ୍ୟର କଥା ଓ ଦୁଃଖର କଥା ମଧ୍ୟ।

ଅଯୋଧ୍ୟା ନବରରୁ ବାହାରି ଆସିଲେ ରାଜା ଦଶରଥ। ରାଣୀ କୌଶଲ୍ୟା ଓ ସୁମିତ୍ରା ମଧ୍ୟ ବାହାରି ଆସିଲେ ଅନ୍ତଃପୁରରୁ। ସମସ୍ତଙ୍କ ଇଚ୍ଛା ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଆଉଥରେ ଆଖି ପୁରେଇ ଦେଖିନେବେ। କିଏ ଜାଣେ, ଚଉଦ ବର୍ଷ ପରେ କଣ ହେବ।

ରଥ ପରେ ସମ୍ମିଳିତ ହେଲେ ଅଯୋଧ୍ୟା ନରନାରୀ। ସମସ୍ତଙ୍କ ଆଖିରେ ଲୁହ, ତୁଣ୍ଡରେ ହାହାକାର।

ରାମଚନ୍ଦ୍ର ସବୁ କଥା ଦେଖିପାରିଲେ। ସେ ଜାଣିଥିଲେ- ତାଙ୍କ ରଥ ଧୀରେ ଧୀରେ ଗଡ଼ିଲେ ବୃଦ୍ଧ ପିତା, ମାତା ଅନ୍ୟମାନେ ରଥ ପଛରେ ଚାଲିବେ। ସେଥିଲାଗି ରାମଚନ୍ଦ୍ର ସୁମନ୍ତଙ୍କୁ ଅନୁରୋଧ କଲେ- ରଥର ବେଗ ଅଧିକ କର। ଆମେ ଶୀଘ୍ର ଅଯୋଧ୍ୟା ନଗରୀ ବାହାରକୁ ଯିବା ଉଚିତ୍।

ସୁମନ୍ତ ତାହା ହିଁ କରିଥିଲେ।

ରଥର ବେଗ ଦ୍ରୁତ ହେଲା।

(କ୍ରମଶଃ)


♥ (ମୋ) ୯୯୮୦୩୦୦୭୫୧


# ସବୁଠାରୁ ସାନଲୋକ


ରାମଚନ୍ଦ୍ର ସେଠୀ




ଆଫ୍ରିକା ମହାଦେଶର ତିନୋଟି ମରୁଭୂମି ଦେଖାଯାଏ। ପୃଥିବୀର ସବୁଠାରୁ ବଡ଼ ମରୁଭୂମି ସାହାରା ଏହି ଦେଶରେ ଅବସ୍ଥିତ। ଏହାର କ୍ଷେତ୍ରଫଳ ପ୍ରାୟ ୯୦୬୫୦୦୦ ବର୍ଗ କିଲୋମିଟର। ଏଠାରୁ ପ୍ରତିବର୍ଷ ବାଲି ଉଡ଼ି ଉଡ଼ି ଏହାକୁ ଆହୁରି ବଡ଼ କରିବାରେ ଲାଗିଛି। ଆଉ ଦୁଇଟି ଛୋଟ ଛୋଟ ମରୁଭୂମି ନାମ୍ବିଆ ଓ କାଲାହାରୀ। ଏହି କାଲାହାରୀ ମରୁଭୂମିରେ ବାସ କରନ୍ତି ସାନ୍ ଆଦିବାସୀ (ସାନ୍)। ଏମାନଙ୍କୁ ଆଗ କୁହାଯାଉଥିଲା ବୁସ୍‌ମ୍ୟାନ (ବୁସ୍‌ମ୍ୟାନ୍) । କାରଣ, ଏମାନଙ୍କ ଉଚ୍ଚତା ପ୍ରାୟ ଚାରିଫୁଟ୍ ଭିତରେ। ଏମାନଙ୍କ ସଂଖ୍ୟା ବର୍ତ୍ତମାନ ପ୍ରାୟ ୫୦୦୦ ହେଲେ ମଧ୍ୟ ସେଥିରୁ ପ୍ରାୟ ଅଧିକାଂଶ ବୁସ୍‌ମ୍ୟାନଙ୍କ ବର୍ତ୍ତମାନର ଜୀବିକା ହେଲା ଶିକାର ଓ ବିଭିନ୍ନ ଡାଳପତ୍ର, ଫଳମୂଳ ଖାଇ ବଂଚିବା।

ଏବେ ଏମାନଙ୍କ ଚଳନିରେ କିଛି ପରିବର୍ତ୍ତନ ଆସିଥିଲେ ମଧ୍ୟ ଆଗେ ବୁସ୍‌ମ୍ୟାନମାନେ ଅଂଟାରେ ଗୋଟେ ଦଉଡ଼ି ବାନ୍ଧି ଖଣ୍ଡେ କନାକୁ ଲେଙ୍ଗୁଟି ବା କଉପୁନି କରି ଝୁଲୋଉଥିଲେ। ମାଇପି ଲୋକମାନଙ୍କର ଛାତି ମୁକୁଳା ରହିଥିଲା। ଏମାନଙ୍କର ପରିବାର ଯେତେ ବଡ଼ ହେଲେ ମଧ୍ୟ ଘର ଥିଲା। ଗୋଟିଏ ଦେଉଳ ଆକୃତିର। ଭିତରକୁ ପଶିବା ପାଇଁ ଓ ବାହାରକୁ ବାହାରିବା ପାଇଁ ଗୋଟିଏ ମାତ୍ର ଦ୍ୱାର।

ସବୁଦିନ ସକାଳ ହେଲେ ଏମାନେ ବାହାରୁ ଥିଲେ ଶିକାର ଖୋଜି। ଏମାନଙ୍କର ଅମୋଘ ଅସ୍ତ୍ର ଥିଲା ଧନୁ ଓ ତୀର। ଛୋଟଛୋଟ ସେମାନଙ୍କ ଅଂଚଳରେ ମିଳୁଥିବା ଏକ ଗଛର ବକଳରେ ଥିଲା ଭୟଙ୍କର ବିଷ। ସେହି ବକଳକୁ ଏମାନେ ଛେଚି ତାର ରସ କାଢ଼ି ତୀରର ଆଗରେ ବୋଳି ଦେଉଥିଲେ। ତୀରଟି ପ୍ରାୟ ପଚାଶଫୁଟ ଦୂରଠାରୁ ଅଧିକ ଦୂର ଯାଇପାରୁନଥିଲା। ଏହାର ଦକ୍ଷିଣ ପଶ୍ଚିମ ଦିଗରେ ଥିବା ବୁଟ୍‌ସ ୱାନାରେ ଜୀବଜନ୍ତୁ ପ୍ରବଳ ଥିଲେ। ସେମାନେ ବେଳେବେଳେ କାଲାହାରୀ ମରୁଭୂମିରେ ପେଶି ଯାଉଥିଲେ। ବୁସ୍‌ମ୍ୟାନ୍ ମାନଙ୍କର ଏଇ ବିଷବୋଳା ଶର ସେମାନଙ୍କ ଦେହରେ ଗଳିଗଲେ ଛୋଟଛୋଟ ଶିକାର କାହିଁକି ବଡ଼ ବଡ଼ ଆଂଟିଲୋପ୍ ଓ ଓଟପକ୍ଷୀମାନେ ବି ପଂଚଦଶ ମିନିଟରେ ଟଳି ପଡୁଥିଲେ। ଯେଉଁଦିନ ଗୋଟାଏ ବଡ଼ ଶିକାର ମିଳି ଯାଉଥିଲା ନାଚଗୀତରେ ସେମାନଙ୍କ ବସ୍ତି ଉଛୁଳି ଉଠୁଥିଲା। ତରକାରୀ ପତ୍ର ରାନ୍ଧିବା ପ୍ରଣାଳୀ ଏମାନଙ୍କୁ ଜଣା ନଥିଲା। ଶିକାରକୁ ଖଣ୍ଡ ଖଣ୍ଡ କରି କାଟି ତାକୁ ପୋଡ଼ି ଏମାନେ ଖାଉଥିଲେ। ସ୍ତ୍ରୀ ଲୋକମାନେ ରାତି ପାହିଲେ ଫଳମୂଳ ଖୋଜି ଖୋଜି ବୁଲୁଥିଲେ। ଏମାନେ ପ୍ରାୟ ସବୁ ପ୍ରକାର ପୋକଜୋକ ଖାଉଥିଲେ।

ମରୁଭୂମୀମାନଙ୍କରେ ସାଧାରଣତଃ ଦିନର ତାପମାତ୍ରା ୫୦ ଡିଗ୍ରୀ। ପାଣିର ଅଭାବଯୋଗୁଁ ବୁସ୍‌ମ୍ୟାନ୍‌ମାନେ ପ୍ରାୟ କେବେ ଗାଧୋଇ ନଥିଲେ କି ଘରର ଉପକରଣ କି ପୋଷାକପତ୍ର କେବେ ସଫା କରୁନଥିଲେ। ତେଣୁ, ସେମାନେ ପରିସ୍କାର ରହୁନଥିବାରୁ ସବୁବେଳେ ଅପରିଷ୍କାର ଓ ପ୍ରଚଣ୍ଡ ଖରାରେ ତାତି ତାତି କଳା। ମରୁଭୂମିରେ ଓଲୁଅ ଜାତୀୟ ଏକପ୍ରକାର ଫଳ ବାଲିତଳେ ଫଳେ। ତାହା ଦେଖିବାକୁ ଗୋଲ ଓ ଧଳା। ଏଥିରେ ପ୍ରଚୁର ପାଣିଥାଏ। ଶୋଷ ହେଲେ ବୁସ୍‌ମ୍ୟାନମାନେ ଏହାକୁ ଖୋଳି ଚିପୁଡ଼ି ପାଣି ପିଅନ୍ତି ଓ ଫଳଟିକୁ ପୁଣି ସେଇ ବାଲିରେ ପୋତି ଦିଅନ୍ତି। ଫଳଟି ପୁଣି ବଢ଼େ।

ଦୂରରୁ ଦେଖିଲେ ବୁସ୍‌ମ୍ୟାନମାନେ ଆଠଦଶ ବର୍ଷର ଛୋଟ ଛୋଟ ଛୁଆପରି ଦିଶନ୍ତି। ଗୋଟିଏ ଗୋଟିଏ ପଡ଼ାରେ ଏମାନଙ୍କର ସାତ ଆଠଟି ଗୋଜିଆ ଗୋଜିଆ ଘର ଥିଲେ ମଧ୍ୟ ଗୋଠ ଗୋଠ ଛୁଆ। ଜନ୍ମରୁ ପିଲାମାନେ ଧନୁତୀର କରିବା ଓ ଶିକାର କରିବା କୌଶଳ ଶିଖନ୍ତି। ଶିକ୍ଷା ସଭ୍ୟତାଠାରୁ ଏମାନେ ବହୁତ ଦୂର ମରୁଭୂମୀର ବାସିନ୍ଦା। ବାହାର ଦୁନିଆଁ ଲୋକଙ୍କ ସାଙ୍ଗରେ ଏମାନଙ୍କର ପରିଚ ପ୍ରାୟ ନଥିଲା। ସୁଷମ ଖାଦ୍ୟର ଅଭାବ ଉଉପ୍ତ ଜଳବାୟୁ ଓ ସ୍ୱାସ୍ଥ୍ୟପ୍ରତି ଅଚେତନତା ଯୋଗୁ ଏମାନଙ୍କୁ ବାର୍ଦ୍ଧକ୍ୟ ଜଲଦି ମାଡ଼ି ବସେ। ପ୍ରାୟ ୪୫ ବର୍ଷ ବେଳକୁ ଏମାନେ ବୁଢ଼ାହେଇ ଯାଆନ୍ତି।

ଏବେ ଅନେକ ବୁସ୍‌ମ୍ୟାନ୍ ଦୂରାଂଚଳକୁ ଯାଇ ବିଭିନ୍ନ କଳକାରଖାନା ଓ ଗୋଶାଳାରେ କାମ କରୁଥିଲେ ମଧ୍ୟ ଯେଉଁମାନେ ସେଇ କୁଡ଼କୁଡ଼ ବାଲିର କାଲାହାରୀରେ ରହୁଚନ୍ତି, ସେମାନେ ରାତି ପାହିଲେ ଆଜିବି ତିଆରି କରୁଛନ୍ତି ଧନୁ ଆଉ ତୀର। ଖୋଜୁଛନ୍ତି ଶିକାର।


+ହାତୀମୁଣ୍ଡା, ବାଣପୁର, ଖୋର୍ଦ୍ଧା


## କବିତା
ତୁମ ପାଇଁ

### ସ୍ୱଚ୍ଛତା

ଝରଣା ମଲ୍ଲିକ


ତୋ ସାଥେ କରୋନା ମିତ ବସିଥିଲି
ଗଲା ଥର ଫଗୁଣର ମାସେ
ସାରା ପରିବାର ମନ ଜିଣି ନେଲୁ
ଫସେଇଲୁ ତୋର ଫାଶେ।

ଦୟା ମାୟା ଟିକେ ତୋ ହୃଦୟେ ନାହିଁ
କରୁ ତୁହି ନାରଖାର
ସରଳ ମଣିଷ ହୃଦୟରେ ଯାଇ
ତିଆରି କରିଲୁ ଘର।

ମାସ ମାସ ଧରି କି' ଯାତରା କଲୁ
ଜାଣିନୁ ଗାନ୍ଧିଙ୍କ ପଥ
ଦେଶେ ଦେଶେ ପରା ହାଟ ଯେ ବସିଛି
ନେଲେ ସଭିଁଏ ଶପଥ।

ପରିବେଶ ସଫା ସୁତୁରା ରଖିବା
ନିଜେ ହେବା ପରିଷ୍କାର
ହାତ ଧୋଇ ଆମେ ଦୂରତା ରଖିବା
ସତର୍କ, ସଚେତନର।

ସ୍ୱଚ୍ଛତାର ଭାବ ରଖିଲେ ମନରେ
ହସିବ ଆମ ସଂସାର
ଆଶାର କିରଣ ବୁଣି ବୁଣି ଯିବା
କରୋନା ହୋଇବ ଦୂର।


ମାଣିଖମ୍ଭ, ମୋତିଗଂଜ, ବାଲେଶ୍ୱର
ମୋ: ୯୨୩୮୫୭୪୫୦୩




### କୁନି ସରଗ

ଅରୂପ କୁମାର ବିଶ୍ୱାଳ


ଏଇ ମୋ ଗାଆଁ କୁନି ସରଗ
ଏଇ ମୋ ଜନ୍ମଭୂଇଁ,
ସକଳ ତୀର୍ଥ ଏଇ ଯେ ମୋର
ଅତି ପବିତ୍ର ଏଇ।

କୋଳେ ରଖିଛି କେତେ ଦରବ
ଯାହା ସବୁ ମୋ ଲୋଡ଼ା,
ପାଦ ପକେଇ ଚାଲି ଶିଖିଛି
ହୋଇଛି ଆଜି ଛିଡ଼ା।

ଦୁଃଖ ସୁଖର ଭରଷା ମୋର
ବିପଦେ ମୋର ସାହା,
ପଣତେ ପରି ତା ବୃକ୍ଷଲତା
ଦେଇଛି ମୋତେ ରାହା।

ସୁଲୁସୁଲିଆ ପବନ ବହେ
ମନ ମୋ ଯାଏ ଛୁଇଁ,
ମାଟି ତାହାର ଚନ୍ଦନ ତୁଲ
ଆଶିଷ ମୋଅ ପାଇଁ।

ତା ବଣ ବିଲ ଲଟା ଗହଳ
ଫୁଲ ଫଳରେ ଭରା,
ସକାଳ ସଞ୍ଜେ ସୂର୍ଯ୍ୟ କିରଣ
ଦିଶଇ କେଡେ ତୋରା।

ନଈ ଝରଣା ବଣ ପାହାଡ
ମନ ମୋ ନିଏ ମୋହି,
ହାତ ଠାରି ସେ ଡାକନ୍ତି ମୋତେ
ଯାଏ ମୁଁ ତେଣୁ ଧାଇଁ।

ଆସେ ବରଷା ଆସଇ ଶୀତ
ଆକାଶ ସଜ ହୁଏ,
ବାରମାସରେ ତେର ପରବ
ଏଠି ପାଳନ ହୁଏ।

ଆସଇ ରଜ, ଦୋଳ ପୂର୍ଣ୍ଣିମା
ଆସଇ ଦୀପାବଳି,
ଭାରି ସୁନ୍ଦର ଗାଆଁଟି ମୋର
ପାରିବ କିଏ କଳି।


+ସହକାରୀ ଶିକ୍ଷକ ଏନ୍.ଏ.ସି
ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ,
ମୋ-୯୦୪୦୮୭୦୧୦୦


### ଚାଲ ଆମେ ସ୍ୱଚ୍ଛ ଭାରତ ଗଢ଼ିବା

ସତ୍ୟବ୍ରତ ମିଶ୍ର


ଚାଲ ଆମେ ସ୍ୱଚ୍ଛ ଭାରତ ଗଢ଼ିବା
ଚାଲ ଆମେ ସ୍ୱଚ୍ଛ ଭାରତ ଗଢ଼ିବା।

ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛଭାରତ ଆହ୍ୱାନକୁ
ସାଦରେ ଗ୍ରହଣ କରିବା।

ଚାଲ ଆମେ ସ୍ୱଚ୍ଛ ଭାରତ ଗଢ଼ିବା
ଚାଲ ଆମେ ସ୍ୱଚ୍ଛ ଭାରତ ଗଢ଼ିବା।

ପରିବେଶ ଆମ ସୁସ୍ଥ ରହିଲେ
ଆମେ ସଭିଁଏ ସୁସ୍ଥ ରହିବା।

ଆସ ଏ କଥା ସଭିଙ୍କୁ କହିବା
ଚାଲ ଆମେ ସ୍ୱଚ୍ଛ ଭାରତ ଗଢ଼ିବା।

ଆମର ମାତୃଭାଷାକୁ ଭଲ ପାଇବା
ଜାତିର ଏକତାକୁ ବଜାଇ ରଖିବା।

ବାହାରେ ମଳତ୍ୟାଗ ନକରି
ପାଇଖାନା ବ୍ୟବହାର କରିବା
ଚାଲ ଆମେ ସ୍ୱଚ୍ଛ ଭାରତ ଗଢ଼ିବା।

ଭାରତ ଅଟେ ଦେବଭୂମି
ଆମେ ତା ସନ୍ତାନ
ସେ ଆମ ଜନନୀ

କାଶ୍ମୀରଠାରୁ କୁମାରୀକା ଯାଏଁ
ତା'ର ଗୌରବ
କେ ନପାରେ ବଖାଣି
ଜନ୍ମ ନେଇଛୁ ଏହି ଦେଶେ ଆମେ
ତାର ମହତ ରଖିବା।

ଚାଲ ଆମେ ସ୍ୱଚ୍ଛ ଭାରତ ଗଢ଼ିବା
ଚାଲ ଆମେ ସ୍ୱଚ୍ଛ ଭାରତ ଗଢ଼ିବା।

ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛଭାରତ ଅଭିଯାନକୁ
ମିଳିମିଶି ଆମେ ସାକାର କରିବା
ଦେଶର ସମ୍ମାନ ରଖିବା।

ଚାଲ ଆମେ ସ୍ୱଚ୍ଛ ଭାରତ ଗଢ଼ିବା
ଚାଲ ଆମେ ସ୍ୱଚ୍ଛ ଭାରତ ଗଢ଼ିବା।


+ଆଇନଜୀବୀ ଉଦଳା, ମୟୂରଭଂଜ
ମୋ: ୯୫୮୩୨୭୦୭୬୮


# ମନୋକାମନା




ମୂଳହିନ୍ଦୀ- ମଧୁ ଜୈନ
ଅନୁବାଦ- ବିନୟ କୁମାର ଦାସ




"ଆରେ ମୁନ୍ନା, ସକାଳୁ ସକାଳୁ ଆଜି ସେ ଗୋଟିକୁ ଭାଙ୍ଗୁଛୁ କଣ ପାଇଁ ?"

"ଜେଜିମା, ସେଥିରୁ କଏନ୍ ବାହାର କରିବି। ଯେତେ ଚେଷ୍ଟା କଲେ ବି ସେଥିରୁ କଏନ ବାହାର କରି ପାରୁନାହିଁ। ତେଣୁ ଭାଙ୍ଗି ଦେଲେ କଏନ ପାଇଯିବି । "

"ମାଟିରେ ତିଆରି ଏହି ଗୋଟିରେ ପଇସା ସଂଚୟ କରି ରଖାଯାଇଥାଏ, ଦରକାର ବେଳେ କିଛି କାମରେ ଲାଗିବ ବୋଲି । ତୁ ସେଥିରେ ପଇସା ରଖୁଥିଲୁ , ସେଇଟା ଭରି ଯାଇଥିଲେ ସିନା ଭାଙ୍ଗିଥାଆନ୍ତୁ..."

"ମୋର ପରା ଏବେ ଦରକାର ଅଛି ।"

"ଦରକାର ଅଛି ? କିରେ... ତୋର ପୁଣି ପଇସା କଣ ଦରକାର? ଯାହା ଦରକାର କହୁନୁ, ବାପା ଆଣିଦେବେ ।"

"ନା ଜେଜିମା , ମୋର ଯାହା ଦରକାର ସେ କଥା କହିଲେ ବାପା ଦେବେନାହିଁ। ଓଲଟି ଗାଳି ଦେବେ ।"

"ଏମିତି କି କଥା ଯେ ବାପା ଜାଣିଲେ ତୋତେ ଗାଳି ଦେବେ? ମୋତେ କହ ମୁଁ କହିବି, ମୁଁ କହିଲେ ସେ ତୋତେ ନିଶ୍ଚୟ ଦେବେ ।"

"ସେକଥା ପରା ମୁଁ ତାଙ୍କୁ କହି ପାରିବିନି ।"

"କଣ ସବୁ ଏମିତି ଏଣୁତେଣୁ କହୁଛୁ ..ଅସଲ କଥା କଣ ମୋତେ କହ ।"

"ଜେଜିମା, ବାପା ମୋତେ ତାଗିଦ କରି କହି ଦେଇଛନ୍ତି ଏଥର ପରୀକ୍ଷାରେ ଭଲ ନମ୍ବର ଆଣିବା ପାଇଁ । ସେଇଥିପାଇଁ ପରା.."

"ପରୀକ୍ଷାରେ ଭଲ ନମ୍ବର ଆଣିବା ସହିତ ପଇସାର କି କାମ ?"

"ଅଛି ଜେଜିମା । ମୁଁ ମାନସିକ କରିଛି । ନଦୀରେ କଏନ୍ ପକାଇ ଯାହା ମାନସିକ କରିବି ସେତକ ନିଶ୍ଚୟ ହେବ । ମୋ ପାଖରେ ତ କଏନ ନାହିଁ । ତେଣୁ ଏ ଗୋଟିକୁ ଭାଙ୍ଗି ସେଥିରୁ..."

"ସକାଳୁ ସକାଳୁ ତୁ ମୋତେ ହସାଇବାକୁ ଚେଷ୍ଟା କରୁଛୁ କିରେ..."

"ଏଥିରେ ହସାଇବା କଥା କଣ ରହିଲା କହିଲ?"

"ସେମିତି କଲେ ମାନସିକ ପୂରଣ ହୁଏ ବୋଲି ତୋତେ କିଏ କହିଲା?"

"ବୋଉ କହିଛି । ମୁଁ ବି ଦେଖିଛି , ବୋଉ ସହିତ ମୁଁ ଯେତେଥର ମାମୁ ଘରକୁ ଯାଇଛି, ବାଟରେ ଯେଉଁ ନଦୀ ପଡେ , ସେଥିରେ ବୋଉ କଏନ କାଢି ମୁଣ୍ଡରେ ମାରି ଟ୍ରେନ୍ ଝରକା ବାଟେ ନଦୀକୁ ପକାଏ । "

"ତୋ ବୋଉ କହିଛି ତାହାଲେ ଏ କଥା ? ହଉ, ତୁ ଗଲୁ ତୋ ବୋଉକୁ ମୋ ପାଖକୁ ଟିକେ ଡାକି ଆଣିବୁ ।"

ମୁନ୍ନା ଯାଇ ତା ବୋଉକୁ ଡାକି ଆଣିଲା ।

"ମୋତେ ଡାକିଲ କି ମାଆ?" ବୋଉ ପଚାରିଲେ ।

"ତୁ ମୁନ୍ନାକୁ କହିଛୁ ନା ନଦୀରେ କଏନ ପକାଇଲେ ମାନସିକ କରିଥିବା ପୂରଣ ହୁଏ ବୋଲି?"

"ହଁ.."

"ତୁ ବି ଗୋଟେ ଅଜବ ମାଆ ହୋଇଛୁ? ଆଲୋ ଏମିତି ଭୁଲ କଥାଗୁଡା ଛୋଟ ପିଲାଙ୍କୁ କହିବା ଉଚିତ ନୁହେଁ ।"

" ଏଇଟା କଣ ଭୁଲ କଥା କି ? ପିଲାଟି ଦିନରୁ ତ ଆମେ ଏଇ କଥା ଶୁଣି ଆସୁଛୁ... ପାଳନ ବି କରୁଛୁ । ଭୁଲ ହେଲା କେମିତି?"

"ଭୁଲ..ନିହାତି ଭୁଲ । ଏଥିରେ ସେମିତି କିଛି ବିଜ୍ଞାନସମ୍ମତ କାରଣ ନାହିଁ । ତୁ ତ ଦିନରାତି ମୋବାଇଲରେ ବ୍ୟସ୍ତ ରହୁଛୁ । ଥରେ ଗୁଗୁଲକୁ ଯାଇ ଏକଥାର ସତ୍ୟତା ଦେଖିଲେ ଜାଣି ପାରିବୁ..। ତୋ ଧାରଣା କେତେ ସତ?"

" ତୁମେ ଜେଜିମା କଣ ଗୁଗୁଲରୁ ଏହାର ସତ୍ୟତା ଜାଣିଛ କି? ଆମକୁ କହୁନ ଟିକେ କଣ ସତ କଥା ?" ମୁନ୍ନା ପଚାରିଦେଲା ।

" ତେବେ ଶୁଣ , ଆଗ କାଳରେ ଯେଉଁ ମୁଦ୍ରା ତିଆରି ହେଉଥିଲା , ସେଥିରେ ସୁନା, ରୂପା, ତମ୍ବା ଧାତୁର ବ୍ୟବହାର କରା ଯାଉଥିଲା । ତମ୍ବାରେ ନିର୍ମିତ କଏନ ପ୍ରାୟ ସମସ୍ତଙ୍କ ପାଖରେ ରହୁଥିଲା । ତମ୍ବାର ଏକ ବିଶେଷ ଗୁଣ ହେଲା ତାହା ଜଳକୁ ଶୁଦ୍ଧ କରିଦେଇପାରେ । ସେଇଥିପାଇଁ କିଛି ଲୋକ ପ୍ରତିଦିନ ତମ୍ବା ଗ୍ଲାସ୍‌ରେ ପାଣି ପିଅନ୍ତି । ସେହି ଧାତୁ ନଦୀରେ ପଡିଲେ ତାହା ନଦୀ ଜଳକୁ ବି ଶୁଦ୍ଧ କରିଦିଏ । ଲୋକେ ସେଇଥିପାଇଁ ସେ କାଳରେ ନଦୀରେ କଏନ ପକାଉ ଥିଲେ । ଏହାଦ୍ୱାରା ଜଳ ଶୁଦ୍ଧ ହେଉଥିଲା । ହେଲେ ଆଜିକାଲି ଯେଉଁ ମୁଦ୍ରା ତିଆରି ହେଉଛି , ସେ ସବୁରେ ଏ ଧରଣର ଧାତୁ କିଛି ନାହିଁ । ବହୁ ସମୟ ଧରି ଆଜିକାଲି ମୁଦ୍ରା ପାଣିରେ ରହିଲେ ତାହା ଜଙ୍କ୍ ଲାଗି ଯାଉଛି । ଏହା ଜଳକୁ ଆହୁରି ଖରାପ କରିଦେଇପାରେ । "

" ଓ...କଥା ତାହେଲେ ଯାଇ ଏଇଠି । ତେଣୁ ନଦୀରେ ଅଯଥାରେ କଏନ୍ ପକାଇବା ଉଚିତ ନୁହେଁ । ଭଲ କଥାଟିଏ ତୁମେ ଆଜି ଆମକୁ କହିଲ ଜେଜିମା । ଏ କଥା ମୁଁ ମୋ ସାଙ୍ଗମାନଙ୍କୁ ବି କହିବି ।"

" ହଁ , ଏଇଠି ତୋତେ ଆଉ ଗୋଟିଏ କଥା ବି କହି ଦେଉଛି, ପରୀକ୍ଷାରେ ଭଲ ନମ୍ବର ଆଣିବା ପାଇଁ କିଛି ମାନସିକ କରିବା ଦରକାର ନାହିଁ। ମନ ଦେଇ ପାଠ ପଢିଲେ, ଭଲ ନମ୍ବର ଆସିବ । ଏ ମାନସିକତାକୁ ମନ ଭିତରେ ଦୃଢ କର ଆଉ ସେହି ଅନୁସାରେ ନିୟମିତ ପାଠ ପଢିଚାଲ । ଦେଖିବୁ ତୋ ନମ୍ବର ଦେଖି ବାପା ନିଶ୍ଚୟ ଖୁସି ହେବେ । "

||| ୦ |||


♥ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

# ନବନିଯୁକ୍ତ ଉପ-ନିବନ୍ଧକମାନଙ୍କ ଅନ୍‌ଲାଇନ ପ୍ରଶିକ୍ଷଣ

## ସମୟାନୁବର୍ତ୍ତିତା ଓ ଜନସାଧାରଣଙ୍କ ପ୍ରତି ସମ୍ବେଦନଶୀଳତା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୦୪/୦୩ (ନି.ପ୍ର): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ନବନିଯୁକ୍ତ ଉପ-ନିବନ୍ଧକମାନଙ୍କ ଅନ୍ ଲାଇନ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରିବା ସହ ସମସ୍ତଙ୍କୁ ୫-'ଟି' ଆଧାରରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗରେ ସବ୍-ରେଜିଷ୍ଟ୍ରାରଙ୍କ ପରି ଅଧିକାରୀଙ୍କ ଭୂମିକା ଏବଂ ସାଧାରଣ ଲୋକଙ୍କ ପାଇଁ ପଞ୍ଜୀକରଣ ସେବାର ଗୁରୁତ୍ୱ ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ରେଜିଷ୍ଟ୍ରେସନ୍ ଅଫିସ୍ ଗୁଡିକର କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଏହି ଅଧିକାରୀମାନଙ୍କର ସକ୍ରିୟ ଯୋଗଦାନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଭୟ କିମ୍ବା ଅନୁଗ୍ରହ ବିନା ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହିତ କାର୍ଯ୍ୟ କରିବା, ନାଗରିକମାନଙ୍କୁ ପଞ୍ଜୀକରଣ ସେବାଗୁଡିକ ଠିକ୍ ସମୟରେ ପହଂଚାଇବା, ଟିମ୍‌ୱାର୍କ ଓ ସମୟ ସହିତ ଟେକ୍ନୋଲୋଜିର ବ୍ୟବହାର କରିବା ପାଇଁ ଉତ୍ସାହିତ କରାଯାଇଥିଲା ଏବଂ ଏହା ଦ୍ୱାରା ସେମାନେ ନିଜ ନିଜ କାର୍ଯ୍ୟାଳୟରେ ପରିବର୍ତ୍ତନର ବାର୍ତାବହ ଭାବରେ କାର୍ଯ୍ୟ କରିବେ ବୋଲି ସେ ପ୍ରକାଶ କରିଥିଲେ। ଏହାପରେ ଉପ-ନିବନ୍ଧକଙ୍କ ଆଚରଣ, ନୈତିକତା ଓ ଲୋକମାନଙ୍କ ପ୍ରତି ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ସେବା ପ୍ରଦାନ କରିବାକୁ ପ୍ରଯୁଜ୍ୟ ନିୟମ ସହିତ ପାରଦର୍ଶୀ ହେବା ପାଇଁ ଏବଂ ସେହି ଅନୁଯାୟୀ ସେମାନଙ୍କ ସହାୟକ କର୍ମଚାରୀଙ୍କୁ ମଧ୍ୟ ଜନସାଧାରଣଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ ନେଇ କାର୍ଯ୍ୟ କରିବାକୁ ଉପନିବନ୍ଧକମାନଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କୌଣସି ବ୍ୟତିକ୍ରମ ନ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତାଗିଦ କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆହୁରି ମଧ ପରାମର୍ଶ ଦେଇଥିଲେ ଯେ ବିଭାଗରେ ହୋଇଥିବା ବିଭିନ୍ନ ସରଳୀକରଣ ଓ ଅନ୍‌ଲାଇନ କାର୍ଯ୍ୟକୁ ଆହୁରି ଭଲ ଓ ଉନ୍ନତ କରିବାକୁ ହେବ। ସେ ପ୍ରତ୍ୟେକ ସବ୍-ରେଜିଷ୍ଟ୍ରାରଙ୍କୁ ନିଜ କାର୍ଯ୍ୟାଳୟରେ ବିଭିନ୍ନ ଦେୟ ଡିଜିଟାଲ୍ ପେମେଂଟ ମାଧ୍ୟମରେ ପ୍ରୋତ୍ସାହିତ କରିବାକୁ ଏବଂ ନଗଦ କାରବାର ନକରିବାକୁ କହିଥିଲେ । ସେହିଭଳି, ନାଗରିକମାନଙ୍କୁ ଆଇଜିଆର ୱେବ୍‌ସାଇଟ୍‌ର ସୁବିଧା ବ୍ୟବହାର କରି ଦଲିଲ ପ୍ରସ୍ତୁତ କରିବାକୁ ଉତ୍ସାହିତ କରିବାକୁ କୁହାଯାଇଥିଲା । ଜନସାଧାରଣମାନଙ୍କୁ ତୁରନ୍ତ ସେବା ପ୍ରଦାନ ଓ ବେଶୀ ସମୟ ଅପେକ୍ଷା ନ କରେଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଧାନିକ କାରଣ ବ୍ୟତୀତ ନିବନ୍ଧନ କାର୍ଯ୍ୟାଳୟରେ ସମସ୍ତ ସେବା ଅନ୍‌ଲାଇନ ମାଧ୍ୟମରେ ପ୍ରଦାନ କରାଯାଇଥାଏ। ତେଣୁ ଜନସାଧାରଣମାନଙ୍କୁ ଏହି ସବୁ ସେବା ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିବନ୍ଧନ ଓ ଉପ-ନିବନ୍ଧନ କାର୍ଯ୍ୟାଳୟମାନଙ୍କରେ ହୋଇଥିବା ବିଭିନ୍ନ ଅନ୍‌ଲାଇନ ସେବା ଯଥା ଅନ୍‌ଲାଇନ ମାଧ୍ୟମରେ ଏନକ୍ୟୁମ୍ବ୍ରାନ୍ସ ସାର୍ଟିଫିକେଟ୍ ଏବଂ ପଞ୍ଜୀକୃତ ଡକ୍ୟୁମେଂଟର ସାର୍ଟିଫିକେଟ୍ କପି , ଆଜିଆର ୱେବ୍‌ସାଇଟ୍ ରେ ବିକ୍ରୟ, ଉପହାର, ଲିଜ୍, ବନ୍ଧକ ଏବଂ ଭଡା ଦଲିଲ ପ୍ରସ୍ତୁତିକରଣ, ପାର୍ଟନରସିପ୍ ଫାର୍ମ ଏବଂ ରାଜ୍ୟସ୍ତରରେ ଏବଂ ଜିଲ୍ଲାସ୍ତରରେ ସୋସାଇଟି ଅନଲାଇନ୍ ପଞ୍ଜୀକରଣ, ଆଧାର ଏବଂ ପାନ୍ ଡାଟାବେସ୍ ସହ ସଂଯୋଗୀକରଣ, ଗୋଟିଏ କାଉଂଟରରେ ସମସ୍ତ ପ୍ରକାରର ମ୍ୟୁଟେସନ୍ ଫି ସଂଗ୍ରହ କରିବା, ମ୍ୟୁଟେସନ୍ କେସ୍ ସ୍ୱତଃ ଆରମ୍ଭ ପାଇଁ ବିକ୍ରୟ କାରବାର ରିପୋର୍ଟ ତହସିଲ ଅଫିସକୁ ସ୍ୱତଃପୂର୍ତ ଭାବେ ପ୍ରେରଣ, ଡିଜି ଲକର୍ ଓ ଆଇଜିଆର ୱେବ୍‌ସାଇଟ୍ ସହିତ ସଂଯୋଗୀକରଣ ଯାହା ଦ୍ୱାରା ନାଗରିକମାନେ ସେମାନଙ୍କର ଡକ୍ୟୁମେଣ୍ଟକୁ ଡିଜିଲକରରୁ ଡାଉନଲୋଡ୍ କରିବାକୁ ସକ୍ଷମ ହେବେ ଏବଂ ପଞ୍ଜୀକୃତ ଡକ୍ୟୁମେଂଟ ଗୁଡିକର ଡାକ ବିତରଣ, ଅନଲାଇନ୍ ପେମେଂଟର ପ୍ରୋତ୍ସାହନ ପାଇଁ ପେମେଂଟ ଗେଟୱେ ସଂଯୋଗୀକରଣ ଉପରେ ଆଲୋକପାତ କରିଥିଲେ।

ଉପ-ନିବନ୍ଧନ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ଜନସାଧାରଣଙ୍କୁ ସମ୍ମାନର ସହିତ ବ୍ୟବହାର କରିବାକୁ ଏବଂ ସେମାନଙ୍କୁ ସ୍ୱଚ୍ଛ ଭାବରେ ଏବଂ ଠିକ୍ ସମୟରେ ସେବା ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହି ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରିଥିବାରୁ ଆଇଜିଆର, ଓଡିଶା ଗଭୀର କୃତଜ୍ଞତା ଜଣାଇଥିଲେ ଏବଂ ଡେପୁଟି ଆଇଜିଆର ଓ ଡିଏସଆର, ଜଗତସିଂହପୁର ଏବଂ କଟକ ନୂତନ ସବ୍-ରେଜିଷ୍ଟ୍ରାରମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

# ସାଇବର ଠକେଇ: ୨୨ ରାଜ୍ୟର ଶହେରୁ ଅଧିକ ସହରରେ ସାଇବର ଅପରାଧୀଙ୍କ ଆଡ୍ଡା

ଭୁବନେଶ୍ୱର,୦୪/୦୩(ନି.ପ୍ର): ଗୋଆ, ଜମ୍ମୁ-କଶ୍ମୀର ଭଳି ହାତଗଣତି କେତୋଟି ରାଜ୍ୟକୁ ଛାଡ଼ିଦେଲେ, ପ୍ରାୟ ୨୨ଟି ରାଜ୍ୟରେ ରହିଛି ସାଇବର ଅପରାଧୀଙ୍କ ନେଟ୍‌ୱର୍କ। ଏଭଳି କିଛି ଚମକାଇ ଦେଲା ଭଳି ତଥ୍ୟ ପୁଲିସ ହାତରେ ଲାଗିଛି। ସେହି ସବୁ ରାଜ୍ୟର ପ୍ରାୟ ଶହେରୁ ଅଧିକ ସହରରେ ରହି ସାଇବର ଠକ ଅପରାଧ ଘଟାଇ ଚାଲିଛନ୍ତି। ଲୋକଙ୍କ ପାଖକୁ ଆସୁଥିବା ଠକଙ୍କ ମୋବାଇଲ ଫୋନ୍ ନମ୍ବରକୁ ଆଧାର କରି ପୁଲିସ ଏହି ତଥ୍ୟ ପାଇଛି। ମୋବାଇଲ ଫୋନ୍‌ରୁ ଓଡ଼ିଶାର କୌଣସି ଲୋକେସନ୍ ମିଳି ନଥିଲେ ମଧ୍ୟ ଏଠାରେ ସାଇବର ଠକ ଲୁଚି ଅପରାଧ ଘଟାଉଛନ୍ତି। ନିକଟରେ ଭୁବନେଶ୍ୱରରୁ କ୍ରାଇମବ୍ରାଞ୍ଚ ସାଇବର ଥାନା ହାତରେ ଜମତରା ଗ୍ୟାଙ୍ଗ ସଦସ୍ୟ ଓ ସମ୍ବଲପୁର ପୁଲିସ ହାତରେ ଇଞ୍ଜିନିୟରିଂ ଛାତ୍ର ଗିରଫ ଘଟଣାରୁ ଏହା ସ୍ପଷ୍ଟ ହୋଇଯାଇଛି। ଜମତରା ଗ୍ୟାଙ୍ଗର ଆହୁରି ଏକାଧିକ ସଦସ୍ୟ ଲୁଚି ରହିଥିବା ସନ୍ଦେହ କରାଯାଉଥିବା ବେଳେ ଲୋକେସନ୍ ନ ମିଳିବା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମାନଚିତ୍ରରେ ସ୍ଥାନ ପାଇଥିବା ପ୍ରମୁଖ ରାଜ୍ୟ ଓ ସହରଗୁଡ଼ିକ ହେଲା, ପଶ୍ଚିମବଙ୍ଗର କୋଲକାତା ଓ ମାଲଦା, ଝାଡ଼ଖଣ୍ଡର ରାଞ୍ଚି, ଧାନବାଦ ଓ ଦେଓଘର, ବିହାରର ପାଟଣା, ଭାଗଲପୁର, ହଜାରିବାଗ, ଗୟା, ଜଗଦଲପୁର, ସିକ୍କିମ୍, ଉତ୍ତରପ୍ରଦେଶର ଲକ୍ଷ୍ନୌ, ଆଗ୍ରା, ବୁଲନ୍ଦସହର, ରାମଗଡ଼, ଅଲୱାର, ଫିରୋଜପୁର, ସୋହନା, ବିହାରର ପାଟନା, ଭାଗଲପୁର, ହଜାରିବାଗ, ଗୟା, ଜଗଦଲପୁର, ନୂଆଦିଲ୍ଲୀ, ନଏଡା, ଗାଜିଆବାଦ, ଗୁରୁଗ୍ରାମ, ଫରିଦାବାଦ, ପଞ୍ଜାବ, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ହରିୟାଣା, ଗୁଜରାଟର ଅହମ୍ମଦାବାଦ, ସୁରଟ, ରାଜସ୍ଥାନର ଜୟପୁର, ମଧ୍ୟପ୍ରଦେଶର ଇନ୍ଦୋର, ଛତିଶଗଡ଼ର ଭିଲାଇ, ମହାରାଷ୍ଟ୍ରର ମୁମ୍ବାଇ, ତେଲେଙ୍ଗାନାର ହାଇଦ୍ରାବାଦ, କର୍ଣ୍ଣାଟକର ବେଙ୍ଗାଲୁରୁ, କେରଳର କୋଚି, ତାମିଲନାଡୁର ଚେନ୍ନାଇ, ଆନ୍ଧ୍ରପ୍ରଦେଶ, ବିଶାଖାପାଟଣା ଭଳି ସହରରେ ଲୁଚି ରହିଛନ୍ତି ସାଇବର ଅପରାଧୀ। ମୋବାଇଲ ଫୋନ୍‌ରେ ଏହି ସବୁ ଅଞ୍ଚଳର ଅଜଣା ନମ୍ବରରୁ କଲ୍ ଆସୁଥିଲେ, ତାହାକୁ ରିସିଭ୍ କରନ୍ତୁ ନାହିଁ କିମ୍ବା କୌଣସି ବ୍ୟକ୍ତିଗତ ତଥ୍ୟ ନ ଦେବାକୁ ପରାମର୍ଶ ଦିଆଯାଇଛି। ଯେଉଁ ମୋବାଇଲ ଫୋନରୁ ସାଇବର ଠକ କଲ୍ କରୁଛନ୍ତି, ତାହାର ଲୋକେସନ୍‌କୁ ପ୍ରଥମେ ଟ୍ରାକ୍ କରାଯାଉଛି। ସେହିପରି ଟାୱାର ଡମ୍ପିଂ ସହାୟତାରେ ତଥ୍ୟ ସଂଗ୍ରହ କରାଯାଏ। ଗୁଗୁଲ୍ ମ୍ୟାପ୍ ସୁପର ଇମ୍ପୋଜ୍ କରାଇବା ପରେ ମାନଚିତ୍ରରେ ଲୋକେସନ୍ ଦେଖାଇଥାଏ।

# ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ସିପିଆଇ ପ୍ରାର୍ଥୀମାନଙ୍କ ପ୍ରାର୍ଥିପତ୍ର ଦାଖଲ

ଭୁବନେଶ୍ୱର,୦୪/୦୩ (ନି.ପ୍ର): ଆଗାମୀ ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ପାଇଁ ଆଜି ସିପିଆଇର ଦୁଇଜଣ କର୍ପୋରେଟର ପ୍ରାର୍ଥିନୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ୯ନମ୍ବର ୱାର୍ଡର ପ୍ରାର୍ଥିନୀ ପାର୍ବତୀ ବାରିକ ଓ ୪୧ନମ୍ବର ୱାର୍ଡର ପ୍ରାର୍ଥିନୀ ମିନତୀ ବେହେରା ସେମାନଙ୍କ ସମର୍ଥକ, ପ୍ରସ୍ତାବକ ଓ ସିପିଆଇର ନେତା ତଥା କର୍ମୀମାନଙ୍କ ସହ ଏକ ଶୋଭାଯାତ୍ରାରେ ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ବାହାରି ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଂଚିଥିଲେ।

ସେଠାରେ ସେମାନେ ନିର୍ବାଚନ ଅଧିକାରୀଙ୍କ ନିକଟରେ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କଲା ପରେ ଉପସ୍ଥିତ ସାଥୀ ଓ ସମର୍ଥକମାନଙ୍କୁ ସିପିଆଇର ଭୁବନେଶ୍ୱର ଜୋନ ସମ୍ପାଦକ ସୁର ଜେନା, ଜିଲ୍ଲା ସହସମ୍ପାଦକ ସତୀଶ ମିଶ୍ର, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଜୟନ୍ତ ଦାସ, ଅଖିଳ ଭାରତ ଯୁବସଂଘର ନେତା ଗୋହିଗୋବିନ୍ଦ ବେଶ୍ରା, କମ୍ୟୁନିଷ୍ଟ ନେତା ବିଜୟ ମହାନ୍ତି, ଅଶୋକ ସାହୁ, ପଟିଆ ଜୋନ ସମ୍ପାଦକ ଅରକ୍ଷିତ ବେହେରା ଉଦ୍‌ବୋଧନ ଦେଇ ଭୁବନେଶ୍ୱର ମହାନଗର ନିଗମର ସର୍ବାଙ୍ଗୀନ ବିକାଶ ପାଇଁ ସିପିଆଇ ପ୍ରାର୍ଥୀମାନଙ୍କୁ ଦା' ଧାନକେଣ୍ଡା ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ।

# କଥକ ନୃତ୍ୟଶିଳ୍ପୀ ଆଦିତି ମଙ୍ଗଳଦାସ ପାଇବେ 'ମାହାରୀ ସମ୍ମାନ'

ଭୁବନେଶ୍ୱର ,୦୪/୦୩ (ନି.ପ୍ର): ଚଳିତ ବର୍ଷ ବିଶିଷ୍ଟ କଥକ ନୃତ୍ୟଶିଳ୍ପୀ ନୂଆଦିଲ୍ଲୀର ଆଦିତି ମଙ୍ଗଳଦାସ ପାଇବେ ସମ୍ମାନଜନକ 'ମାହାରୀ ସମ୍ମାନ'। ଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପ୍ରତିବର୍ଷ ଏହି ସମ୍ମାନ ଶାସ୍ତ୍ରୀୟ ନୃତ୍ୟ କ୍ଷେତ୍ରରେ ପେସାଦାର ନୃତ୍ୟଶିଳ୍ପୀ ଭାବେ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ନୃତ୍ୟଶିଳ୍ପୀଙ୍କୁ ପ୍ରଦାନ କରାଯାଇଥାଏ। ମାହାରୀ ସମ୍ମାନ ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ କ୍ଷେତ୍ରରେ ଏକମାତ୍ର ସମ୍ମାନ, ଯାହାକି ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହି ସମ୍ମାନ ବାବଦକୁ ନଗଦ ୫୦ ହଜାର ଟଙ୍କା ସହ ଏକ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ 'ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ'ର ୨୮ତମ ଅଧିବେଶନ ଆସନ୍ତା ୧୫ରୁ ୧୭ ତାରିଖ ଯାଏ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। ଗୁରୁ ପଙ୍କଜ ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ମାର୍ଚ୍ଚ ୧୭ ତାରିଖ ତଥା ଉତ୍ସବର ଶେଷ ଦିନରେ ଅନୁଷ୍ଠାନ ପକ୍ଷରୁ ରାଜ୍ୟ ସଂସ୍କୃତି ବିଭାଗ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ମିଳିତ ସହଯୋଗରେ 'ମାହାରୀ ସମ୍ମାନ' ପ୍ରଦାନ କରାଯିବ। ଏଥିସହ ଏହି ଅବସରରେ ବିଶିଷ୍ଟ ସିତାର ବାଦକ ଗୁରୁ ରବିଶଙ୍କର ପ୍ରଧାନଙ୍କୁ 'ବୀଣାକାର', ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଦିବାକାର ପରିଡ଼ାଙ୍କୁ 'ମାଦେଳୀ', କୋଲକାତାର ପୋଶାଳି ମୁଖାର୍ଜୀଙ୍କୁ 'ନାଚୁଣୀ ସମ୍ପ୍ରଦା' ଓ ସ୍ୱନାମଧନ୍ୟ ଗାୟକ ସଚ୍ଚିକାନ୍ତ ନାୟକଙ୍କୁ 'ଗାଉଣୀ ସମ୍ପ୍ରଦା' ଉପାଧି ପ୍ରଦାନ ପୂର୍ବକ ସମ୍ମାନିତ କରାଯିବ ବୋଲି ଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଶରତ ଦାସ ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି, ଆଦିତି କଥକ ନୃତ୍ୟ କ୍ଷେତ୍ରରେ ଏକ ପ୍ରତିଷ୍ଠିତ ନାମ। ସେ ସାମ୍ପ୍ରତିକ ସମୟର ଏକ ବିଶିଷ୍ଟ କଥକ ନୃତ୍ୟଶିଳ୍ପୀ ଓ ଗୁରୁ ଭାବେ ଦେଶ ବିଦେଶରେ ପ୍ରତିଷ୍ଠା ଲାଭ କରିଛନ୍ତି। ସମଗ୍ର ଭାରତବର୍ଷର ତଥା ପୃଥିବୀର ବିଭିନ୍ନ ପ୍ରତିଷ୍ଠିତ ମଞ୍ଚରେ ନୃତ୍ୟ ପରିବେଷଣ କରି ଭାରତର ଶାସ୍ତ୍ରୀୟ ନୃତ୍ୟ ଗରିମାକୁ ସୁଦୂରପ୍ରସାର କରିବାରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି।

# ବୋମା ନୁହେଁ ହସ ଫୁଟାଇବା ଜରୁରୀ

ଭୁବନେଶ୍ୱର,୦୪/୦୩ (ନି.ପ୍ର): ୟୁକ୍ରେନ୍ ଉପରେ ରୁଷିଆର ବର୍ବରୋଚିତ ଆକ୍ରମଣ ବିରୁଦ୍ଧରେ ଏବଂ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦାବିରେ ଆଜି ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଂଟିନ୍ ଛକରେ ୟୁଥ୍ ଫର୍ ଭଲ୍ୟୁଂଟାରି ୱାର୍କର ଅଧକ୍ଷ ମୀର ଅହମ୍ମଦ ଅଲ୍ଲୀଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭରେ ବ୍ରେନସ୍ ଏଜୁକେସନ୍ ଓ କର ଫାଉଣ୍ଡେସନ୍‌ର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ। ପୁଟିନ୍ ସରକାରର ସାମ୍ରାଜ୍ୟବାଦୀ ଓ ବିସ୍ତାରବାଦୀ ନୀତି ବିଶ୍ୱକୁ ଯୁଦ୍ଧ ମୁହଁକୁ ଠେଲିଦେଇଛି ଏବଂ ସାଧାରଣ ଜନତାଙ୍କ ଜୀବନ ବିପନ୍ନ ହୋଇଯାଇଛି। ଏହା ମାନବତା ଉପରେ ଜଘନ୍ୟ ଆକ୍ରମଣ ବୋଲି ନିନ୍ଦା କରିବା ସହ ଯୁଦ୍ଧ ବିରୁଦ୍ଧରେ ଓ ଶାନ୍ତି ସପକ୍ଷରେ ବିଶ୍ୱବାସୀ ଏକହୁଅ ସ୍ଲୋଗାନ୍ ଦେଇ ଆଜି ଏକ ପ୍ରତୀକାତ୍ମକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ "ବୋମା ନୁହେଁ ହସ ଫୁଟାଇବା" ବୋଲି ଶ୍ରୀ ଅଲ୍ଲୀ ଆହ୍ୱାନ ଦେଇଥିଲେ। ଆଜି ଏହି ବିକ୍ଷୋଭରେ ପ୍ରଦେଶ କଂଗ୍ରେସର ମୁଖପାତ୍ର ଅମିୟ ପାଣ୍ଡବ, ସମାଜବାଦୀ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ବ୍ରେନ୍‌ସ ଏଜୁକେସନ୍‌ର ପ୍ରତିଷ୍ଠାତା ଅଶ୍ୱିନୀ ପାଢ଼ୀ, ସମାଜସେବୀ ବିନ୍ଦୁଜା ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଖାଇବା ତେଲର କୃତ୍ରିମ ସଙ୍କଟ ଓ କଳାବଜାରୀ ରୋକିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି: ମନ୍ତ୍ରୀ

ଭୁବନେଶ୍ୱର,୦୪/୦୩ (ନି.ପ୍ର): ସାଂପ୍ରତିକ ୟୁକ୍ରେନ ଓ ରୁଷିଆ ଯୁଦ୍ଧ ପରିସ୍ଥିତିରେ ଖାଇବା ତେଲର ଦରବୃଦ୍ଧିକୁ ନେଇ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚିନ୍ତା ପ୍ରକଟ କରିଛନ୍ତି। ଏଣୁ ସେ ନିଜର ଟୁଇଟରରେ ଲେଖିଛନ୍ତି, କେନ୍ଦ୍ର ସରକାର ଖାଇବା ତେଲ ଉପରେ ସଂଗ୍ରହ କରୁଥିବା ଆମଦାନୀ ଏବଂ ଅନ୍ୟାନ୍ୟ ଶୁଳ୍କ ଅତିକମରେ ସାମୟିକ ଭାବେ ହ୍ରାସ କରିବା ଉଚିତ। ନ ହେଲେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଦରବୃଦ୍ଧି ସହ ଖାଇବା ତେଲର ଦରବୃଦ୍ଧି ଗରିବ, ଚାଷୀ, ମୁଲିଆ, ଖଟିଖିଆ ଏପରିକି ମଧ୍ୟବିତ୍ତ ପରିବାରଙ୍କ ପାଇଁ ଦୁର୍ବିସହ ହୋଇଯିବ।

ରାଜ୍ୟ ସରକାରଙ୍କ ସୀମିତ କ୍ଷମତା ମଧ୍ୟରେ କୃତ୍ରିମ ସଙ୍କଟ କିମ୍ବା କଳାବଜାରୀ ରୋକିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆ ଯାଇଛି।

ମନ୍ତ୍ରୀ ଆହୁରି ମଧ ଲେଖିଛନ୍ତି, ସାଂପ୍ରତିକ ଯୁଦ୍ଧ ପରିସ୍ଥିତିରେ ଅନେକ ଦେଶ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରଭାବିତ ହେଉଛନ୍ତି ଏବଂ ଆଗାମୀ ଦିନରେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ଦେଶରେ ଖାଇବା ତେଲ, ବିଶେଷ ଭାବେ ସୂର୍ଯ୍ୟମୁଖ୍ୟ ତେଲର ଦର ବଢିବା ଆଶଙ୍କା ରହିଛି। ବଜାରରେ ଏହାର ପ୍ରଭାବ ଅନୁଭୂତ ହେବା ଆରମ୍ଭ ହୋଇଛି। ୟୁକ୍ରେନ ଓ ରୁଷିଆ ଯୁଦ୍ଧ ପରିପେକ୍ଷୀରେ ଖାଇବା ତେଲ, ବିଶେଷ ଭାବେ ସୂର୍ଯ୍ୟମୁଖ୍ୟ ତେଲର ମୂଲ୍ୟବୃଦ୍ଧିର ଆଶଙ୍କା ରହିଛି। ତେଣୁ କୃତ୍ରିମ ସଙ୍କଟ ଏବଂ କଳାବଜାରୀ ରୋକିବା ସହ ଖାଇବା ତେଲର ଅନବରତ ଯୋଗାଣ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି।

# ଗତ ୨୪ ଘଣ୍ଟା ମଧ୍ୟରେ ୧୨୮ କରୋନା ପଜିଟିଭ ଚିହ୍ନଟ: ୨୨ ଜଣ ୧୮ ବର୍ଷରୁ କମ୍ ବର୍ଗର



ଭୁବନେଶ୍ୱର,୦୪/୦୩(ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୫୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୨୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଝାରସୁଗୁଡ଼ା ଜିଲ୍ଲାରୁ ସର୍ବାଧିକ ୨୨ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ୧୩୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୪ ଜଣ, ବାଲେଶ୍ୱରରୁ ୮ ଜଣ, କଟକରୁ ୪ ଜଣ, ଦେବଗଡ଼ରୁ ୫ ଜଣ, ଗଜପତିରୁ ୧୯, ଯାଜପୁରରୁ ୨ ଜଣ, ଝାରସୁଗୁଡ଼ାରୁ ୨୨ ଜଣ, କଳାହାଣ୍ଡି ଜିଲ୍ଲାରୁ ୨ ଜଣ, କନ୍ଧମାଳ ଜିଲ୍ଲାରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୮ ଜଣ, ଖୋର୍ଦ୍ଧାରୁ ୧୩ ଜଣ, କୋରାପୁଟରୁ ୭ ଜଣ, ମୟୂରଭଞ୍ଜରୁ ୮ ଜଣ, ମାଲକାନଗିରିରୁ ୧ ଜଣ, ନବରଙ୍ଗପୁରରୁ ୫ ଜଣ, ନୟାଗଡ଼ରୁ ୧, ନୂଆପଡ଼ା ଜିଲ୍ଲାରୁ ୩ ଜଣ, ପୁରୀରୁ ୧ ଜଣ, ସମ୍ବଲପୁରରୁ ୭ ଜଣ, ସୁନ୍ଦରଗଡ଼ରୁ ୧୧ ଜଣ ଓ ଷ୍ଟେଟ ପୁଲରୁ ୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୫, ୬୧୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୪, ୭୫୬ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧, ୭୧୫ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ମିଲର୍ସଙ୍କଠାରୁ ମାତ୍ରାଧିକ ଭିଟାମିନ ଚାଉଳ କ୍ରୟ: ନିଲମ୍ବିତ ହୋଇପାରନ୍ତି ବରଗଡ଼ ମୁଖ୍ୟ ସିଏସଓ



ଭୁବନେଶ୍ୱର ,୦୪/୦୩ (ନି.ପ୍ର): ବରଗଡ଼ ଜିଲ୍ଲାରେ ୨୪ ହଜାର ୪୧୨ ମେଟ୍ରିକ୍ ଟନ୍‌ର ମାତ୍ରାଧିକ ଭିଟାମିନ୍‌ଯୁକ୍ତ ଚାଉଳ କ୍ରୟ ନେଇ ବରଗଡ଼ ଜିଲ୍ଲା ମୁଖ୍ୟ ସିଏସଓ ରଜନୀକାନ୍ତ ଦାସଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ହୋଇଛି। ଏ ସଂକ୍ରାନ୍ତରେ ପରିଚାଳକ ନିର୍ଦ୍ଦେଶକ ରାଜ୍ୟ ଖାଦ୍ୟ ଏବଂ ଯୋଗାଣ ବିଭାଗର ଅତିରିକ୍ତ ସଚିବଙ୍କୁ ଚିଠି କରିଛନ୍ତି। ଏହାପରେ ଖୁବ୍‌ଶୀଘ୍ର ବରଗଡ଼ ମୁଖ୍ୟ ସିଏସ୍‌ଓ ନିଲମ୍ବିତ ହୋଇପାରନ୍ତି ବୋଲି କୁହାଯାଉଛି।

ରକ୍ତହୀନତା ଏବଂ ଅପପୁଷ୍ଟିର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ସ୍କୁଲ ମଧ୍ୟାହ୍ନ ଭୋଜନ ଏବଂ ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାଙ୍କୁ ଭିଟାମିନଯୁକ୍ତ ଯୋଗାଣ କରାଯାଉଛି। ଏଥି ଅନ୍ତର୍ଗତରେ ବରଗଡ଼ ଜିଲ୍ଲାର ଯୋଗାଣ ଅଧିକାରୀଙ୍କୁ ୨୪୦୦୦ ମେଟ୍ରିକ୍ ଟନ୍‌ର ଭିଟାମିନଯୁକ୍ତ ଚାଉଳ ଅତାବିରାସ୍ଥିତ ରାଇସ ମିଲ୍ ?ରୁ କ୍ରୟ ପାଇଁ କୁହାଯାଇଥିଲା। ଏହି ଚାଉଳ ନିଜ ଜିଲ୍ଲାର ପିଲାଙ୍କ ମଧ୍ୟାହ୍ନ ଭୋଜନ ସହ ଜଗତ୍‌ସିଂହପୁର, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାର ଉପଯୋଗରେ ଆସିଥାଆନ୍ତା। ଏଥି ଅନ୍ତର୍ଗତରେ ଦୁଇଟି କ୍ୱାଟର ପାଇଁ ବରଗଡ଼ ଜିଲ୍ଲାର ଆବଶ୍ୟକତା ୧୧୪୨.୬୫ ମେଟ୍ରିକ ଟନ ଏବଂ ୨୭୫.୪୦ ମେଟ୍ରିକ ଟନ ଥିଲା। କିନ୍ତୁ ବରଗଡ଼ ଜିଲ୍ଲାର ଯୋଗାଣ ବିଭାଗ ନିଜ ଆବଶ୍ୟକତା ଅନୁସାରେ ୧୪୧୮.୦୫ ମେଟ୍ରିକ ଟନ କ୍ରୟ କରିବା ପରିବର୍ତ୍ତେ ୨୫୮୩୦.୬୧୯ ମେଟ୍ରିକ ଟନ ଭିଟାମିନଯୁକ୍ତ ଚାଉଳ ମିଲଠାରୁ କ୍ରୟ କରିଥିଲେ। ପିଡିଏସ୍ ଯୋଜନା ପାଇଁ ଏହି ଚାଉଳ ବ୍ୟବହାର ସଂକ୍ରାନ୍ତରେ କୌଣସି ନିର୍ଦ୍ଦେଶ ନ ଥିବା ବେଳେ ପିଡିଏସ୍‌ରେ ବ୍ୟବହାର କରିଥିବା କହିଥିଲେ।

ରାଜ୍ୟ ଖାଦ୍ୟ ଏବଂ ଯୋଗାଣ ବିଭାଗ ଏ ସଂକ୍ରାନ୍ତରେ ଅବଗତ ହେବା ପରେ ରିପୋର୍ଟ ଦାଖଲ ପାଇଁ ବରଗଡ଼ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ କୁହାଯାଇଥିଲା। ତାଙ୍କରି ନିର୍ଦ୍ଦେଶରେ ମାତ୍ରାଧିକ ଚାଉଳ କ୍ରୟ ହୋଇଥିବା ଜଣାପଡ଼ିଥିଲା। ସାଧାରଣ ଚାଉଳଠାରୁ ଭିଟାମିନଯୁକ୍ତ ଚାଉଳ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କ୍ୱିଣ୍ଟାଲ ହିସାବରେ ଅଧିକ ଖର୍ଚ୍ଚ ହେଉଛି। ଏତେ ଅଧିକ ଚାଉଳ କ୍ରୟ କରାଯିବାରୁ କେନ୍ଦ୍ର ସରକାରଙ୍କୁ କ୍ଷତି ସହିବାକୁ ପଡ଼ିଲା। ଯାହାର ଲାଭ ମିଲ୍ ମାଲିକ ନେଲେ।

# ଏମ୍‌ସରେ ବାର୍ଦ୍ଧକ୍ୟ ରୋଗ ଚିକିତ୍ସା ପାଇଁ ସ୍ୱତନ୍ତ୍ର କ୍ଲିନିକ୍: ପ୍ରତି ମଙ୍ଗଳବାର ଅପରାହ୍ନ ୨ରୁ ୫ ପର୍ଯ୍ୟନ୍ତ ଚିକିତ୍ସା




ଭୁବନେଶ୍ୱର ,୦୪/୦୩ (ନି.ପ୍ର): ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ବାର୍ଦ୍ଧକ୍ୟ ରୋଗ ଜନିତ ଚିକିତ୍ସା ନିମନ୍ତେ ଏମ୍‌ସ ଭୁବନେଶ୍ୱରର ମେଡିସିନ୍ (ଭେଷଜ) ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଜେରିଆଟିକ୍ କେୟାର କ୍ଲିନିକ୍ ସେବା ଆରମ୍ଭ ହୋଇଛି। ପ୍ରତି ମଙ୍ଗଳବାର ଅପରାହ୍ନ ୨ ଟାରୁ ୫ ଟା ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ। ମେଡିସିନ୍ ବିଭାଗର ଅତିରିକ୍ତ ପ୍ରଫେସର ଡ. ରଶ୍ମି ରଂଜନ ମହାନ୍ତି ଏହାର ମୁଖ୍ୟ ଭାବେ କାର୍ଯ୍ୟ ତୁଲାଉଛନ୍ତି। ଏହି କ୍ଲିନିକ୍ ମାଧ୍ୟମରେ ବରିଷ୍ଠ ନାଗରିକଙ୍କର ମଧୁମେହ, ଉଚ୍ଚ ରକ୍ତଚାପ, ମୋଟାପଣ, କୋଷ୍ଠକାଠିନ୍ୟ, ସିଓପିଡି, ବିଭିନ୍ନ ହୃଦ୍, ବୃକକ୍ ଏବଂ ମାନସିକ ରୋଗ ଭଳି ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ପାରିବ ବୋଲି ଡ. ମହାନ୍ତି ସୂଚନା ଦେଇଛନ୍ତି।

ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବାକୁ ଆଦୌ ଅଣଦେଖା କରିବା ଉଚିତ୍ ନୁହେଁ ବୋଲି କୋଭିଡ୍ ମହାମାରୀ ସମୟରେ ଏହା ସ୍ପଷ୍ଟ ହୋଇଛି। ଆସନ୍ତା ୨୦୩୧ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ପ୍ରାୟ ୧୩.୧ ପ୍ରତିଶତ ବରିଷ୍ଠ ନାଗରିକଙ୍କ ଦ୍ୱାରା ପୂର୍ଣ୍ଣ ହେବ। ତେଣୁ ସେମାନଙ୍କର ଚିକିତ୍ସା ତଥା ସ୍ୱାସ୍ଥ୍ୟସେବାକୁ ଏମ୍‌ସ ଭୁବନେଶ୍ୱର ଗୁରୁତର ସହ ନେଇ ଏପରି ସେବା ଆରମ୍ଭ କରିଥିବା ଏହାର ମୁଖ୍ୟ ଡ. ମହାନ୍ତି କହିଛନ୍ତି। ସହରୀକରଣ ଏବଂ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ବାର୍ଦ୍ଧକ୍ୟଜନିତ ରୋଗର ଚିକିତ୍ସା କ୍ଷେତ୍ରରେ ଏକ ପ୍ରମୁଖ ଆହ୍ୱାନ ପାଲଟିଛି। ଏମ୍‌ସ ଭୁବନେଶ୍ୱରରେ ଏହି ସ୍ୱତନ୍ତ୍ର କ୍ଲିନିକର ଲାଭ ଉଠାଇବାକୁ ପରାମର୍ଶ ଦିଆଯାଇଛି।

## ମୋ ସ୍ୱପ୍ନର ଓଡ଼ିଶା : ବିଜୟାନନ୍ଦ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ମୁଁ ଦେଖାଇବାକୁ ଚାହେଁ, ମୋ ରାଜ୍ୟର ପ୍ରତ୍ୟେକ ନାଗରିକ ମୁଣ୍ଡ ଗୁଂଜିବା ପାଇଁ ସୁନ୍ଦର ଛାତ ଛପର ପାଇବ, ପ୍ରତ୍ୟେକ ପରିବାର ପାନୀୟ ଜଳ ପାଇବ ଏବଂ ସବୁ ଋତୁରେ ସେ ନିରାପଦରେ ରହିପାରିବ। ସବୁଦିନିଆ ରାସ୍ତା ଓ ସେତୁ ଗମନାଗମନର ଅସୁବିଧା ଦୂର କରିବ। ବିଦ୍ୟାଳୟଗୁଡ଼ିକ ସୁଦକ୍ଷ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପରିଚାଳିତ ହେବ। ଡାକ୍ତରଖାନା ଗୁଡ଼ିକରେ ଯଥା ସଂଖ୍ୟକ ଅଭିଜ୍ଞ ଚିକିତ୍ସିତ ରହିବେ। ମୋ ରାଜ୍ୟର ପ୍ରତିଟି ଗଳି-କନ୍ଦିରେ ପ୍ରକୃଷ୍ଟ ସ୍ୱାସ୍ଥ୍ୟ ସେବା, ସମୁଚିତ ଶିକ୍ଷା ବ୍ୟବସ୍ଥା, ଟେଲିଫୋନ୍, ଇଲେକ୍ଟ୍ରୋନିକ୍ସ ଭଳି ଦ୍ରୁତ ଯୋଗାଯୋଗ ବ୍ୟବସ୍ଥା ରହିବ। ଆଧୁନିକ ବିଜ୍ଞାନ ଯାହା ଦେଇଛି, ଜଣେ ସାଧାରଣ ଗ୍ରାମବାସୀ ମଧ୍ୟ ସେ ସବୁରୁ ବଞ୍ଚିତ ହେବ ନାହିଁ।

ପ୍ରକୃତି ଯେଉଁ ଖଣିଜ ସମ୍ପଦରେ ଆମକୁ ସମୃଦ୍ଧ କରିଛି, ବହୁ ବର୍ଷ ପର୍ଯ୍ୟନ୍ତ ଅନେକ ବଡ଼ ଶିଳ୍ପକୁ ତାହା ପୁଷ୍ଟ କରିପାରିବ। ତାହା ଇସ୍ପାତ ହେଉ କି କୋଇଲାରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉ। ଆଲୁମିନିୟମ୍ ହେଉ ବା ତୈଳ ଶୋଧନାଗାର ହେଉ, ପେଟ୍ରୋକେମିକାଲ୍ ହେଉ - ଏ ସବୁ ଆମର ଉତ୍ପାଦନ ଧାରା ପ୍ରବର୍ତ୍ତିତ କରିବ। ଆମ ରାଜ୍ୟକୁ ଆମେ ବିଶ୍ୱର ସବୁ ଦେଶର ଲୋକଙ୍କ ପାଇଁ ଆକର୍ଷଣୀୟ କରିପାରିବା । ଆଜିର ଭାରତରେ ସାମାଜିକ ସମନ୍ୱୟ ନାହିଁ, ଧର୍ମୀୟ ସହନଶୀଳତା ନାହିଁ, ସାମ୍ପ୍ରଦାୟିକ ସମ୍ପ୍ରୀତି ନାହିଁ। ସତକଥା ଯେ, ଏପରି ବିଭାଜନ ଆମକୁ ସମୃଦ୍ଧ କରିପାରିବ ନାହିଁ। ମୋ ସ୍ୱପ୍ନର ଓଡ଼ିଶାରେ ସମନ୍ୱୟ , ପ୍ରଶସ୍ତ ମନୋଭାବ ଅଧିକ ମହନୀୟ ସହିଷ୍ଣୁତା ଚତୁର୍ଦ୍ଦିଗରେ ଧରି ରହୁ। ପଡ଼ୋଶୀ, ପଡ଼ୋଶୀ ମଧ୍ୟରେ ଭାତୃଭାବ ରହୁ। ଉପସଂହାରରେ ମୁଁ ବହୁ ଦିନ ତଳେ ମେକ୍ସମୁଲାର୍ କହିଥିବା ବାକ୍ୟ ଉଦ୍ଧାର କରୁଛି - ଓଲ ଓ ଷବଙ୍ଗର ଗ୍ରକ୍ଟ କ୍ଷକ୍ଟକ୍ଟଳ ବଲଗ୍ରରକ୍ସ ଗ୍ରଷର ଙ୍ଗଷକ୍ଟକ୍ଷର ଙ୍ଗକ୍ଟକ୍ସକ୍ଷୟ ଗ୍ରକ୍ଟ ଲସଭୟ କ୍ଟଙ୍କଗ୍ର ଗ୍ରଷର ମକ୍ଟଙ୍କଭଗ୍ରକ୍ସଚ ଗ୍ରଷବଗ୍ର ଭବଗ୍ରଙ୍କକ୍ସର ଷବଗ୍ନ ଭରଗ୍ନଗ୍ରକ୍ଟଙ୍ଗରୟ ସଗ୍ରଗ୍ନ ଭରଗ୍ନଗ୍ର, ଓ ଙ୍ଗକ୍ଟଙ୍କକ୍ଷୟ କ୍ଟକ୍ଟସଭଗ୍ର ଗ୍ରକ୍ଟ ଓଭୟସବ” ମୁଁ ଯଦି ସମଗ୍ର ପୃଥିବୀ ଉପରେ ଦୃଷ୍ଟିପାତ କରେ, ପ୍ରକୃତି କେଉଁ ଦେଶକୁ ଶ୍ରେଷ୍ଠ ରୂପେ ଗଢ଼ିଛି ବୋଲି ଅନୁସନ୍ଧାନ କରେ, ମୁଁ ଆଙ୍ଗୁଠି ନିର୍ଦ୍ଦେଶ କରି ଦେଖାଇବି ଭାରତବର୍ଷକୁ।” ଆମେ ସମସ୍ତେ ଆମ ରାଜ୍ୟକୁ ମିଳିମିଶି ଏପରି ଗଢ଼ିବା ଯେ ସମଗ୍ର ପୃଥିବୀ ଦିନେ କହିବ “ଓଡ଼ିଶା ଆମ ସ୍ୱପ୍ନର ରାଜ୍ୟ।” । ବିଜୁବାବୁ ଆଜି ନାହାନ୍ତି। ତାଙ୍କ ଓଡ଼ିଶା ଅଛି ଅଥଚ ତାଙ୍କ ସ୍ୱପ୍ନର ଓଡ଼ିଶା ଏବେ ସ୍ୱପ୍ନରେ ରହିଯାଇଛି। ତାଙ୍କର ଦାୟାଦ ଏବଂ ତାଙ୍କୁ ଈର୍ଷା କରୁଥିବା ବିରୋଧୀ ମାନେ, ତାଙ୍କୁ ଭଲ ପାଉଥିବା ଓଡ଼ିଶା ମାଟିର ଅଧିବାସୀମାନେ , ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ତାଙ୍କ ନାଁ ନେଇ ଏଠି ବାହାସ୍ଫୋଟ ମାରୁଥିବା ନେତୃବର୍ଗ, ଯିଏ ତାଙ୍କୁ ଯେମିତି ଜାଣନ୍ତି ଏବଂ ତାଙ୍କ ସଂପର୍କରେ କୁହନ୍ତି ତଥା ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଚେଷ୍ଟିତ ଅଛନ୍ତି, ସେଇ ମାନଙ୍କୁ ଆମର ପ୍ରଶ୍ନ ସେମାନେ ତାଙ୍କ ଅନ୍ତରରୁ କୁହନ୍ତୁ ସତରେ କ’ଣ ସେମାନେ ବିଜୁ ବାବୁଙ୍କ ଆଦର୍ଶର ଅନୁପ୍ରାଣିତ ଏବଂ ଅନୁଗାମୀ ! ନ’। ତାଙ୍କ ନାମକୁ ସମ୍ବଳ କରି ଏ ଓଡ଼ିଶାକୁ ଶୋଷଣ କରି କେବଳ ବଂଚିବାର ସ୍ୱପ୍ନ ଦେଖନ୍ତି ।

ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ,
ଦୂରଭାଷ : ୯୯୩୮୩୪୪୧୩୮

## ଝଡ଼ର ଇଗଲ୍ ବିଜୁ ବାବୁ

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଅନେକ ଘାତ ପ୍ରତିଘାତ ସତ୍ତ୍ୱେ ସେ ପାରାଦ୍ୱୀପରେ ବନ୍ଦର, ରାଉରକେଲାରେ ଇଞ୍ଜିନିୟରିଂ କଲେଜ, ସମ୍ବଲପୁର ଓ ବ୍ରହ୍ମପୁରରେ ଦୁଇଟି ମେଡିକାଲ କଲେଜ, ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଓ ସୈନିକ ସ୍କୁଲ, ବିମାନ ଇଞ୍ଜିନ କାରଖାନା, ସିମେଣ୍ଟ କାରଖାନା, ଚାରବାଟିଆ ମିଲିଟାରୀ ବିମାନ ଅବତରଣ କେନ୍ଦ୍ର ନିର୍ମାଣ କରିବାରେ ଖୁବ୍ କମ୍ ସମୟ ମଧ୍ୟରେ ସକ୍ଷମ ହୋଇଥିଲା। ୧୯୪୬ରେ ଇଣ୍ଡୋନେସିଆର ରାଷ୍ଟ୍ରପତି କର୍ଣ୍ଣେଲ ହଟ୍ଟା ଓ ପ୍ରଧାନମନ୍ତ୍ରୀ ମହମ୍ମଦ ସାହାରିୟାରଙ୍କୁ ତାଙ୍କ ଡାକୋଟା ବିମାନରେ ଡଚ୍‌ମାନଙ୍କ କବଳରୁ ଦିଲ୍ଲୀ ନେଇ ଆସିଥିଲେ। ଏହି ଦୁଃସାହସିକ କାର୍ଯ୍ୟ ପାଇଁ ୧୯୫୦ ମସିହାରେ ଇଣ୍ଡୋନେସିଆ ସରକାରଙ୍କ ଦ୍ୱାରା ସେ ଭୂମିପୁତ୍ର ଉପାଧିରେ ସମ୍ମାନିତ ହୋଇଥିଲେ। ମହାତ୍ମାଗାନ୍ଧୀଙ୍କ କଟକସ୍ଥିତ ସ୍ୱରାଜ ଆଗମନ ସମୟରେ ତତ୍କାଳୀନ ଗୋରା ସାହେବ ଏସ୍.ପି. ହାରଗ୍ରୀବଙ୍କ ଲାଠି ପ୍ରହାରରେ ବିଜୁବାବୁଙ୍କ ମୁଣ୍ଡଫାଟି ଝରୁଥିବା ରକ୍ତକୁ ସେ ଦିନ ମହାତ୍ମାଗାନ୍ଧୀଙ୍କ ନିଜ ହାତରେ ପୋଛି ଦେଇଥିଲେ। ଯାହା କେବଳ ସ୍ପର୍ଶ ନ ଥିଲା ମନ୍ତ୍ର ଥିଲା ବିଜୁ ବାବୁଙ୍କ ପାଇଁ। ପିଲାଦିନୁ ଗାନ୍ଧୀ ଏବଂ ଜୟ ପ୍ରକାଶ ନାରାୟଣଙ୍କ ଆଦର୍ଶରେ ସେ ଅନୁପ୍ରାଣିତ ହୋଇଥିଲେ। ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ନିଜକୁ ଉତ୍ତର ଦାୟାଦ ମନେକରି ଦାୟିତ୍ୱବଦ୍ଧତାର ପରିକର ଗ୍ରହଣ କରିଥିଲେ। ସେ କଦାପି ଭୁଲିଯାଇ ନଥିଲେ; ମା’ ମାଟି ମମତାର ଅନ୍ତର୍ନିହିତ କଥା ବ୍ୟଥାକୁ, ବ୍ରିଟିଶ ନିର୍ଯାତନାର ସ୍ୱୀକାରଣକୁ। ସେ ବିଶ୍ୱାସ କରିଥିଲେ ଯେ ଜନଗଣମାନଙ୍କର ଅର୍ଥନୈତିକ, ଶିକ୍ଷାନୈତିକ ଓ ସ୍ୱାସ୍ଥ୍ୟଗତ ପରିବର୍ତ୍ତନ ଆସିଲେ ଦେଶର ବିକାଶ ଅବଶ୍ୟମ୍ଭାବୀ।

୧୯୩୦ ମସିହାର କଥା। ଯେତେବେଳେ ପ୍ରଳୟଙ୍କାରୀ ବନ୍ୟା ଓଡ଼ିଶାର ପୁରପଲ୍ଲୀରେ ବିଶେଷ କରି ବରୀ ଅଞ୍ଚଳରେ ନାହିଁ ନ ଥିବା ଦୁର୍ଦ୍ଦଶା ଦେଖାଯାଇଥିଲା। ସେହି ବନ୍ୟା ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳରେ ଉତ୍କଳମଣୀ ନିଜେ ତାଙ୍କର କିଛି ଛାତ୍ରମାନଙ୍କ ସହ ବନ୍ୟାଞ୍ଚଳକୁ ବାହାରିଲେ। ହଠାତ୍ ଦଲକାଇ ପବନ ଆସି ଦାସେଙ୍କ ହାତରୁ ଛତାଟିକୁ ଉଡ଼ାଇ ନେଲା। ଠିକ୍ ଏହି ସମୟରେ ଅନ୍ୟ ଛାତ୍ରମାନେ ଜାଣିବା ପୂର୍ବରୁ ବିଜୁବାବୁ ପାଣିକୁ କୁଦି ପଡ଼ି ପ୍ରବଳ ସ୍ରୋତରେ ଭାସିଯାଉଥିବା ଛତା ଆଡ଼କୁ ଛୁଟି ଚାଲିଲେ। ଗୋପବନ୍ଧୁ ମଧ ନିର୍ବାକ ଓ ନିଷ୍ପ୍ରଭ ହୋଇ ଚାହିଁ ରହିଥାନ୍ତି। କିଶୋର ପିଲାଟିର ପାଣିକୁ ଖାତିର ନଥାଏ। ଛତାଟିକୁ ପାଣିରୁ ଆଣି ଗୋପବନ୍ଧୁଙ୍କ ହାତକୁ ବଢ଼ାଇ ଦେଲେ। ପଛରେ ସେହି ପିଲାଟିର ପରିଚୟ ପାଇଲେ ସେ ତାଙ୍କ ବନ୍ଧୁ ଲକ୍ଷ୍ମୀ ନାରାୟଣ ଦେବଙ୍କ ପୁଅ ବିଜୟା ନନ୍ଦ ପଟ୍ଟନାୟକ। ଯେତେବେଳେ ଗୋପବନ୍ଧୁ କହି ଉଠିଲେ ସାମାନ୍ୟ ଛତାଟିକୁ ଆଣିବାକୁ ଯାଇ ଆଜି ଯଦି ତୋର ଜୀବନ ଚାଲିଯାଇଥାନ୍ତା ତେବେ ମୁଁ ତୋ ବାପାଙ୍କୁ ମୁହଁ କିପରି ଦେଖାଇଥାନ୍ତି? ବିଜୁ ବାବୁ ସେଦିନ ଅତି ବିନମ୍ରତାର ସହ କହିଲେ, ମୁଁ ଯଦି ପାଣିରେ ଏଭଳି ମରିଥାନ୍ତି ମୋ ବାପା ନିଶ୍ଚିତ ଗର୍ବ କରିଥାନ୍ତେ। ଆଉ ଆପଣଙ୍କ ଛତା ଗୋଟିଏ ମାମୁଲି ଛତା ନୁହେଁ। ଏହା ଓଡ଼ିଆ ଜାତିର ଅମୂଲ୍ୟ ସମ୍ପଦ। ଏହି କଥାପଦକ ଶୁଣି ଗୋପବନ୍ଧୁ ସେ ଦିନ କାନ୍ଦି ପକାଇଲେ। ଆଉ କହିଥିଲେ, “ତୁ ଏତେ ବକଟେ ପିଲା ତୋ’ ମୁଣ୍ଡରେ ପୁଣି ଏ ଓଡ଼ିଆ ଜାତି ପାଇଁ ଏତେ ଭାବନା। ତୁ ନିଶ୍ଚିତ ଜଣେ ବଡ଼ ମଣିଷ ହେବୁ, ଆଉ ଦେଶବିଦେଶରେ ନା ରଖିବୁ। ସେଦିନ ଗୋପବନ୍ଧୁଙ୍କ କଥା ସତ ହେଲା। ବିଜୁ ବାବୁ କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶ ବିଦେଶରେ ମଧ ଖୁବ୍ ପରିଚିତ ହେଲେ। ୧୯୯୭ ମସିହା ଏପ୍ରିଲ ମାସ ୧୭ ତାରିଖରେ ୮୧ ବର୍ଷ ବୟସରେ ସେ ଇହଲୀଳା ସମ୍ବରଣ କଲେ। ମାତ୍ର ଏକ ସତ୍ୟ ନିଚ୍ଛକ କାହାଣୀଟିଏ ହୋଇ ରହିଲା। ତାଙ୍କର ମୃତ୍ୟୁ ଥିଲା ଏ ଓଡ଼ିଆ ଜାତି ପାଇଁ ଏକ ଅପୂରଣୀୟ ଜାତୀୟ କ୍ଷତି। ପ୍ରକୃତରେ ସେ ହିଁ ଥିଲେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଭାଷାରେ ଏ ମାଟିର ଝଡ଼ର ଇଗଲ୍ ଏବଂ କଳିଙ୍ଗବୀର। ତାଙ୍କ ଭଳି ଦୁର୍ଦ୍ଧର୍ଷ ସଂଗ୍ରାମୀ ମହାନ୍‌ବ୍ୟକ୍ତିତ୍ୱ ଏବେ ମଧ ଓଡ଼ିଶା ଇତିହାସରେ ବିରଳ। ସବୁଠାରୁ ଓଡ଼ିଶାର ସଫଳ ଯୋଜନା ହେଉଛି ଓଡ଼ିଶାର ପ୍ରଗତିର ମୁଖଶାଳା ପାରାଦ୍ୱୀପ ବନ୍ଦର। ଆଜି ବିଜୁବାବୁ ନାହାଁନ୍ତି ସତ ମାତ୍ର ତାଙ୍କ ଶିଳ୍ପ ସମୃଦ୍ଧର ଓଡ଼ିଶା ଆଜି ବିକାଶ ପଥରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଯଦି ତାଙ୍କରି ଆଦର୍ଶରେ ଆଜିର ଯୁବଗୋଷ୍ଠୀ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବେ ତେବେ ତାହାହିଁ ହେବ ବିଜୁବାବୁଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି।

ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି,
ତୁଳସୀପୁର, କଟକ
ଫୋନ୍- ୯୮୬୩୩୫୦୩୮୪

## ‘ମୁଁ ବିଜୁ ପଟ୍ଟନାୟକ କହୁଛି’

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଲକ୍ଷ ଲକ୍ଷ ଲୋକଙ୍କ ସନ୍ଧ୍ୟାରେ ଶୋକାକୁଳ ହୋଇ ଶୋଭାଯାତ୍ରାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ। ଅନୁଭୂତ ହେଲା ଯେ ଯେ ସତେ ଯେପରି ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେଉଛି। ବିଜୁ ପଟ୍ଟନାୟକ ଯେତେବେଳେ ରାଜ୍ୟସ୍ତରୀୟ ଦଳ ଗଢିଥିଲେ ତାହାର ନାମ ରଖିଥିଲେ ‘ଉତ୍କଳ କଂଗ୍ରେସ’। ଯଦି ‘ବିଜୁତତ୍ତ୍ୱ’ ବା ବିଗ୍ରହଧାରାକୁ ଲୋକମାନଙ୍କ ନିକଟରେ ଓ ନୂତନ ପୀଢି ପାଖରେ ପହଞ୍ଚାଇବାକୁ ହେବ, ତାହେଲେ ଏକ ଅଣରାଜନୈତିକ ଅନୁଷ୍ଠାନ ଗଢି ଗବେଷଣା ଆରମ୍ଭ ହେବା ଉଚିତ୍ ଏବଂ ତା’ର ସାରମର୍ମ ଲୋକଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ। ଏହାକୁ ଏକ ଅଣରାଜନୈତିକ ଆନ୍ଦୋଳନରେ ପରିଣତ କରାଯାଉ। ବିଜୁ ପଟ୍ଟନାୟକଙ୍କ ନାମରେ ଭୋଟ ଭିକ୍ଷା କରୁଥିବା ଦୁର୍ନୀତିଗ୍ରସ୍ତ ନେତାଙ୍କର ମୁଖା ଖୋଲାଯାଉ। ଯେଉଁମାନଙ୍କର ବିଜୁବାବୁଙ୍କର ଜୀବଦଶାରେ ସମର୍ଥନ କରି ସୁଦିନ, ଦୁର୍ଦ୍ଦିନରେ ପାଖେପାଖେ ଥିଲେ ଆଉ ବିଜୁ ଜନତା ଦଳ ଗଠନରେ ମୁଖ୍ୟଭୂମିକା ନେଇଥିଲେ, ସେମାନେ ଆଜି ପ୍ରାୟ ଦଳରେ ନାହାଁନ୍ତି। ସେମାନେ ତଡା ଖାଇଛନ୍ତି ଅବା ଛାଏଁ ଛାଏଁ ଅପସରି ଯାଇଛନ୍ତି। ସେମାନେ କହନ୍ତି, ‘ବିଜୁତତ୍ତ୍ୱ’ର ଦାୟାଦ ସେମାନେ। ସେମାନଙ୍କ ମଧ୍ୟରୁ କେତେକ ଉପରେ ତ ଅନ୍ୟ କେତେକ ତଳେ ରହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ସର୍ବଶେଷରେ ମୁଁ ସେମାନଙ୍କୁ ଏବେ ବି ଆହ୍ୱାନ କରୁଛି, ବିଜୁବାବୁଙ୍କର ସେମାନଙ୍କ ପ୍ରତି ଆଶୀର୍ବାଦ ଅଛି ଏବଂ ବର୍ତ୍ତମାନ ରାଜ୍ୟରେ ଯେଉଁଭଳି ଭାବରେ ରାଜନୈତିକ କ୍ଷେତ୍ରରେ, ସାଂସ୍କୃତିକ ସ୍ଥିତିରେ ଶୂନ୍ୟସ୍ଥାନ ହୋଇଗଲାଣି, ତାକୁ ପ୍ରତିହତ କରିବା ପାଇଁ ବିକଳ୍ପ ଭାବରେ ବିଜୁ ପଟ୍ଟନାୟକଙ୍କର ଗଭୀର ଆଶୀର୍ବାଦ ଥିବା ତାଙ୍କର ଅବୁଝା ପୁଅ ଶ୍ରୀକାନ୍ତ ଭାଇ, ଦିଲ୍ଲୀପ ଭାଇ, ବିଜୟ ଭାଇ, ବ୍ରଜ ତ୍ରିପାଠୀ, ଦାମ ଭାଇ, ବାବା ପ୍ରସନ୍ନ ଭାଇ, ପଞ୍ଚୁଭାଇ, ଲୁଲୁଭାଇ (ଉମାରଥ), କମଳା ଦାସ ପ୍ରମୁଖ ‘ନବଗ୍ରହ’ ଭାବରେ ଏକତ୍ରିତ ହୋଇ ରାଜ୍ୟବାସୀଙ୍କର ଅକୁଣ୍ଠ ସମର୍ଥନ ପାଇବା ପାଇଁ ଏକ ଦ୍ୱିତୀୟ ସାଙ୍ଖ୍ୟ ବା ଦ୍ୱିତୀୟ ବିଜୁ ଜନତା ପାର୍ଟି (ବିଜେପି) ଦଳ ନାମରେ ଗଠନ କରି ଏହାର ନେତୃତ୍ୱ ନେବାକୁ ଯେତେଶୀଘ୍ର ଆଗେଇ ଆସିବା ଉଚିତ୍। ସେମାନେ ଆଜି ଦିଗହରା ଓ ହତାଶଭାବ ନହୋଇ ‘ବିଜୁବାବୁ’ ଆଜି ସ୍ୱର୍ଗରେ ଥାଇ ତାଙ୍କର ଅମର ଆତ୍ମା, ତାଙ୍କର ଉପଯୁକ୍ତ ଦାୟଦମାନଙ୍କୁ ଆଶୀର୍ବାଦ ଢାଳିଦିଅନ୍ତୁ, ଏତିକି ବାବା ଶ୍ରୀ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା କରିବା ସହିତ ମୋର ହୃଦୟରେ ଭରି ରହିଥିବା ତାଙ୍କ ପ୍ରତି ଗଭୀର ଭକ୍ତି ଶ୍ରଦ୍ଧା ସୁମନ ଅର୍ପଣ କରୁଛି।

## ଅଗ୍ନିକାଣ୍ଡରେ ୬ବଖରା ନଷ୍ଟ,ଜଣେ ଗୁରୁତର

ଖଇରା,୦୪/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଜଳଦା ଗ୍ରାମ ପଞ୍ଚାୟତ ଅଧୀନ ତୁଟୋ ଗ୍ରାମରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଅନ୍ତର୍ଯାମୀ ପଣ୍ଡା ଓ ଚକ୍ରଧର ପଣ୍ଡାଙ୍କର ୬ବଖରା ବାସଗୃହ ପୋଡି ଯାଇଛି । ଉଭୟଙ୍କ ଘରେ କେହି ନଥିବା ବେଳେ ଘରୁ ଧୂଆଁବାହାରୁଥିବା ଦେଖି ଗ୍ରାମବାସୀ ମାନେ ସେମାନଙ୍କୁ ଖବର ଦେଇଥିଲେ । ସେମାନେ ପହଞ୍ଚିବା ବେଳକୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ବିଶେଷ କରି ଝିଅ ବାହାଘର ପାଇଂ ରଖାଯାଇଥିବା ଆସବାବପତ୍ର ପୋଡି ଯାଇଛି । ନିଆଁଲିଭାଇବାକୁ ଉଦ୍ୟମ କରୁଥିବା ବେଳେ ଚକ୍ରଧରଙ୍କୁ ପୁଅ ନରୋତ୍ତମ ଗୁରୁତର ଆହତ ହୋଇଥିବା ବେଳେ ଚିକିତ୍ସାପାଇଁ ସୋର ପଠାଯାଇଛି । ରୋଷେଇ ଚୁଲିରୁ ନିଆଁ ଉଠି ଏହି ଅଗ୍ନିକାଣ୍ଡ ଘଟିଥିବାର କୁହାଯାଉଥିବା ବେଳେ ଖବର ପାଇ ଖଇରା ଦମକଳ କେନ୍ଦ୍ରର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ନାବାଳିକା ବିବାହକୁ ବନ୍ଦ କଲା ପ୍ରଶାସନ

ନୀଳଗିରି, ୦୪/୦୩ (ନି.ପ୍ର): ନୀଳଗିରି ବରହମପୁର ଥାନା ଅଧିନସ୍ଥ ଆରବନ୍ଧ ପଂଚାୟତର ଧଅପଡ଼ା ଗାଁରେ ଏକ ନାବାଳିକା ବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଖଇରା ଚାଇଲ୍ଡ ଲାଇନ ନୀଳଗିରି ସି.ଡି.ପି.ଓ. କାର୍ଯ୍ୟାଳୟର କର୍ମଚାରୀ ଏବଂ ବରହମପୁର ପୋଲିସ ପହଂଚି ବିବାହକୁ ବନ୍ଦ କରିଛନ୍ତି । ପୁଅ ଘର ମୟୂରଭଂଜ ଜିଲ୍ଲାର ବୋଲିଜଣାପଡିଥିବା ବେଳେ ଝିଅର ୧୮ବର୍ଷ ହେବା ପରେ ବିବାହ କରାଯିବାର ଏକ ଲିଖିତ ପ୍ରତିଶ୍ରୁତି ନାବାଳିକାର ବାପା ଦେଇଛନ୍ତି । ଖଇରା ଚାଇଲ୍ଡ ଲାଇନର ସଦସ୍ୟ ପଂଚାନନ ତ୍ରିପାଠୀ, ତପସ୍ୱିନୀ ରାଉତ, ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପରମାଣୁ ପ୍ଲାଣ୍ଟ ଉପରେ ଆକ୍ରମଣ....

ଆତଙ୍କିତ ହୋଇପଡ଼ିଥିଲେ। ଏହାପରେ ସେ ଜୋ ବାଇଡେନଙ୍କୁ ଫୋନ କରି ସବୁ କଥା କହିଥିଲେ। ଏଥିସହ ସେ ମଧ ରୁଷକୁ ଉକ୍ତ ପ୍ଲାଣ୍ଟରେ ଲାଗିଥିବା ନିଆଁକୁ ଲିଭାଇରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ରୁଷ ଗୁଳିମାଡ଼ କରୁଥିବାରୁ ଅଗ୍ନିଶମ କର୍ମଚାରୀ ଓ ଜରୁରୀ ସେବାରେ ନିୟୋଜିତ ଅଧିକାରୀମାନେ ସେଠାକୁ ଯାଇ ପାରୁ ନାହାନ୍ତି। ଫଳରେ ଆଣବିକ ପ୍ଲାଣ୍ଟରେ ନିଆଁ ବ୍ୟାପୁଛି। ଏହାକୁ ତୁରନ୍ତ ନିୟନ୍ତ୍ରଣ କରିବାର ଆବଶ୍ୟକ ଥିବାରୁ ଜେଲେନସ୍କି ରୁଷର ସହାୟତା ଲୋଡ଼ିଥିଲେ। ଏବେ ବାଇଡେନ ମଧ୍ୟ ସମାନ କଥା କହିଛନ୍ତି। ଅନ୍ୟପକ୍ଷରେ ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଦିମଭ୍ରୋ କୁଲେବା ସମସ୍ତଙ୍କୁ ଡରାଇବା ଭଳି କଥା କହିଛନ୍ତି। ସେ କହିଛନ୍ତି, ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ଉପରେ ରୁଷ ସେନା ଆକ୍ରମଣ ବନ୍ଦ କରୁ। ରୁଷର ବୋମା ମାଡ଼ରେ ଏହି ପ୍ଲାଣ୍ଟର କିଛି ଅଂଶରେ ନିଆଁ ଲାଗିଛି। ନିଆଁ ବ୍ୟାପିବାର ମଧ ଆଶଙ୍କା ରହିଛି। ଯଦି ଏହା ବିସ୍ଫୋରଣ ଯୋଗୁ ସଂପୂର୍ଣ୍ଣ ଧ୍ୱଂସ ପାଇଯିବ, ତା’ହେଲେ ଚୋର୍ଣ୍ଣୋବୟଲ ଟ୍ରାଜେଡି ଠାରୁ ୧୦ ଗୁଣ ଅଧିକ ବିପଦ ସୃଷ୍ଟି କରିବ। ତେଣୁ ରୁଷ ତୁରନ୍ତ ଯୁଦ୍ଧ ବିରତି ଲାଗୁ କରି ଅଗ୍ନିଶମ କର୍ମଚାରୀଙ୍କୁ ସ୍ଥିତି ନିୟନ୍ତ୍ରଣ କରିବାକୁ ଅନୁମତି ଦେଉ। ସେଠାରେ ଗୋଟିଏ ସିକ୍ୟୁରିଟି ଜୋନ ତିଆରି କରାଯାଉ। ରୁଷ ବର୍ତ୍ତମାନ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟର ୪ ପଟୁ ଗୁଳି ମାଡ଼ କରୁଛି ବୋଲି ସେ କହିଛନ୍ତି।

## ବଡ ନିଷ୍ପତ୍ତି ନେଲେ ....

ଗୁରୁବାର ରୁଷିଆ ଓ ୟୁକ୍ରେନ ପ୍ରତିନିଧି ମଣ୍ଡଳି ଭିତରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ବ୍ଲେଲାରୁଷ-ପୋଲାଣ୍ଡ ସୀମାରେ ଏହି ବୈଠକ ବସିଥିଲା । ରୁଷିଆ ମଧ ସାଧାରଣ ଲୋକଙ୍କୁ ସୁରକ୍ଷିତ ରାସ୍ତା ଦିଆଯିବା ପାଇଁ ମାନବତାବାଦି କରିଡର ପ୍ରଦାନ କରିବାକୁ ରାଜି ହୋଇଥିବା ରୁଷ ପ୍ରତିନିଧି କହିଛନ୍ତି । ଆଉ ଖୁବଶୀଘ୍ର ଏହି ବ୍ୟବସ୍ଥା ଲାଗୁ କରାଯିବ ବୋଲି କୁହାଯାଇଛି । ଆଉ ତାହା ହେଉଛି ସାଧାରଣଲୋକଙ୍କ ସୁରକ୍ଷା । ଉଭୟ ଦେଶ ସେନାର ଯୁଦ୍ଧ କରୁଥିବା ଅଂଚଳରେ ଯେଉଁ ସବୁ ସାଧାରଣ ଲୋକ ଅଛନ୍ତି ସେମାନଙ୍କୁ ସେ ଅଂଚଳରୁ ସୁରକ୍ଷିତ ଭାବେ ବାହାରିବା ପାଇଁ ରୁଷ-ୟୁକ୍ରେନ ପ୍ରତିରକ୍ଷା ମନ୍ତ୍ରାଳୟ ହ୍ୟୁମାନିଟାରିଆନ କରିଡର ପ୍ରସ୍ତୁତ କରିବା ନେଇ ମଂଜୁରୀ ପ୍ରଦାନ କରିଛନ୍ତି । ୟୁକ୍ରେନ ଉପରେ ରୁଷିଆ ଆକ୍ରମଣ କରିବାକୁ ୯ ଦିନ ହୋଇସାରିଲାଣି । ଯୁଦ୍ଧରେ ଅନେକ ଧନ ଜୀବନ ବି ଗଲାଣି । ରୁଷିଆ ଆକ୍ରମଣରେ ୩୫୦ରୁ ଅଧିକ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇସାରିଥିବା ୟୁକ୍ରେନ ରକ୍ଷା ବିଭାଗ କହିଛି । ସେପଟେ କ୍ରେମଲିନ୍ କିନ୍ତୁ କହିଛି ରୁଷ ସେନା ସାଧାରଣ ଲୋକଙ୍କୁ ଆକ୍ରମଣ କରୁ ନାହାଁନ୍ତି ।

## ଆରପାରିରରେ କିମ୍ବଦନ୍ତୀ....

ଭାରତ ବିପକ୍ଷରେ ସେ ୧୯୯୨ ମସିହାରେ ଡେବ୍ୟୁ କରିଥିଲେ । ସେହିପରି ୨୦୦୭ ମସିହାରେ ସେ ଇଂଲଣ୍ଡ ବିପକ୍ଷରେ ଶେଷ ଟେଷ୍ଟ ମ୍ୟାଚ ଖେଳିଥିଲେ । ୧୯୯୯ ମସିହାରେ ସେ ଅଷ୍ଟ୍ରେଲିଆ ଦଳର ଉପ ଅଧିନାୟକ ହୋଇଥିଲେ । ହେଲେ ଅଧିନାୟକ ହେବାର ସ୍ୱପ୍ନ ଥିଲେ ମଧ ଏହା କେବେ ସଫଳ ହୋଇପାରିନଥିଲା । ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ସେ ଆଇପିଏଲ ଖେଳିଥିଲେ । ଆଉ ଆଇପିଏଲ ପ୍ରଥମ ସିଜିନରେ ସେ ରାଜସ୍ଥାନ ରୟାଲ୍ସର କମାଣ ସମ୍ଭାଳିଥିଲେ । ଏହାସହ ରାଜସ୍ଥାନକୁ ଆଇପିଏଲର ପ୍ରଥମ ତାଜ ପିନ୍ଧାଇଥିଲେ । ସେ ପ୍ରଥମ ବିଦେଶୀ ଖେଳାଳି ଯିଏ ଅଧିନାୟକ ଭାବେ ଆଇପିଏଲ ଟ୍ରଫି ଜିତିଥିଲେ । ସେ ଅଷ୍ଟ୍ରେଲିଆ ପକ୍ଷରୁ ୧୪୫ ଟେଷ୍ଟ ମ୍ୟାଚ ଖେଳିଥିବା ବେଳେ ୭୦୮ ୱିକେଟ ନେଇଥିଲେ । ସେହିପରି ୧୯୪ ଦିନିକିଆ ମ୍ୟାଚ ଖେଳି ୨୯୩ ୱିକେଟ ହାସଲ କରିଥିଲେ । କେବଳ ଅନ୍ତର୍ଜାତୀୟ ମ୍ୟାଚ ନୁହେଁ ସେ ଆଇପିଏଲରେ ମଧ ନିଜ ଜଲୱା ଦେଖାଇଥିଲେ । ଆଇପିଏଲରେ ୫୫ଟି ମ୍ୟାଚ ଖେଳି ସେ ୫୭ ୱିକେଟ ନେଇଥିଲେ । ଏବେ ତାଙ୍କ ମୃତ୍ୟୁ ସାରା କ୍ରିକେଟ ଜଗତକୁ ସ୍ତବ୍ଧ କରିଦେଇଛି । ତାଙ୍କର ଏଭଳି ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି କ୍ରିକେଟ ପ୍ରେମୀ ।

## ଗତ ୨୪ ଘଂଟାରେ ଦେଶରେ ୬ ହଜାର ଅଧିକ ନୂଆ ରୋଗୀ

ନୂଆଦିଲ୍ଲୀ, ୦୪/୦୩ : ଦେଶରେ କରୋନାର ନୂଆ ମାମଲା ଲଗାତର ଭାବେ କମି ଚାଲିଛି । ଗତ ୨୪ ଘଂଟାରେ ଶୁକ୍ରବାର ସକାଳ ସୁଧା ପୁରା ଦେଶରେ ସମୁଦାୟ ୬ ହଜାର ୩୯୬ ଜଣ ନୂଆ ରୋଗୀ ସାମନାକୁ ଆସିଥିବା ବେଳେ ଏହି ସମୟ ମଧ୍ୟରେ କରୋନାରୁ ଆରୋଗ୍ୟ ହୋଇ ଫେରିଥିବା ଲୋକଙ୍କ ସଂଖ୍ୟା ୧୩ ହଜାର ୪୫୦ ଜଣ ରେକର୍ଡକୁ ଆସିଛି । ସେହିଭଳି ଗତ ୨୪ ଘଂଟାରେ ଦେଶରେ ସମୁଦାୟ ୨୦୧ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁସାରେ ଶୁକ୍ରବାର ସକାଳ ସୁଦ୍ଧା କରୋନାରୁ ସମୁଦାୟ ଦେଶରେ ୪ କୋଟି ୨୩ ଲକ୍ଷ ୬୭ ହଜାର ୦୭୦ ଜଣ ଲୋକ ସୁସ୍ଥ ହୋଇସାରିଛନ୍ତି । କରୋନାର ରିକଭରି ରେଟ ୯୮.୬୪ ପ୍ରତିଶତ ଅଛି । ଦେଶରେ ଆକ୍ଟିଭ ରୋଗୀଙ୍କ ସଂଖ୍ୟା ଆଜିସୁଦ୍ଧା ସମୁଦାୟ ୬୯ ହଜାର ୮୯୭ ରେ ପହଂଚିଛି । ପ୍ରତିଦିନ ସଂକ୍ରମଣ ଦର ୦.୬୯ ପ୍ରତିଶତ ଅଛି । ଆଇ ସି ଏମ୍ ଆର ଅନୁସାରେ ପୂର୍ବ ୨୪ ଘଂଟାରେ ୦୯ ଲକ୍ଷ ୨୩ ହଜାରରୁ ଅଧିକ ଟେଷ୍ଟ କରାଯାଇଅଛି ।

## ୯ନଂ ଓ ୧୦ନଂ ଜିଲ୍ଲାପରିଷଦ ଜୋନ୍‌ରୁ ବିଜୟୀ ସରପଂଚ ଓ ସଦସ୍ୟ

ଜଳେଶ୍ୱର, ୦୪/୦୩ (ନି.ପ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ୯ନଂ ଜୋନ୍‌ର ନଛିମପୁର ପଂଚାୟତରୁ ସରପଂଚ ରାଜେଶ ଜେନା ଓ ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ, ଆରୁହା ପଂଚାୟତରୁ ସରାପଂଚ ତପନି ଭୂୟାଁ ସମିତି ସଦସ୍ୟା ମଧୁମିତା ମହାନ୍ତି, ଗୋପିମୋହନପୁର ପଂଚାୟତର ସରପଂଚ ସାଗରବାଳା ଜେନା ଓ ସମିତି ସଦସ୍ୟା ଆରତୀ ରାଜ, ନେତୁଆ ପଂଚାୟତର ସରପଂଚ ବେଣୁଧର ଜେନା ଓ ସମିତି ସଦସ୍ୟା ଦୁର୍ଗାମଣୀ ଜେନା, ସୁଗୋ ପଂଚାୟତର ସରପଂଚ ଜୟନ୍ତୀ ପରିଡା ଓ ସମିତି ସଦସ୍ୟ ଅନିତା ମହାନ୍ତି, ରାଜପୁର ପଂଚାୟତର ସରପଂଚ ସରପଂଚ ମମତା ରାଣୀ ପରିଡା ଓ ସମିତି ସଦସ୍ୟା ଦମୟନ୍ତୀ ବିଶ୍ୱାଳ, କୋଟସାହି ପଂଚାୟତର ସରପଂଚ ମଂଜୁବାଳା ପ୍ରଧାନ ଓ ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ, ମହମ୍ମଦନଗରପାଟଣା ପଂଚାୟତର ସରପଂଚ ଅରୁଣ ସେନାପତି ଓ ସମିତି ସଦସ୍ୟ ସୁଚିତ୍ରା ଦାସ, ରାୟାଁରାମଚନ୍ଦ୍ରପୁର ପଂଚାୟତର ସରପଂଚ ଶୁଭସ୍ମିତ ଦାସ ଓ ସମିତି ସଦସ୍ୟ ସଂଚିତା ସେନାପତି ନିର୍ବାଚିତ ହୋଇଛନ୍ତି। ସେହିପରି ୧୦ନଂ ଜିଲା ପରିଷଦ ଅନ୍ତର୍ଗତ ନାମ୍ପୋ ପଂଚାୟତର ସରପଂଚ ଲୋପାମୁଦ୍ରା ରାଉଳ ଓ ସମିତି ସଦସ୍ୟ ସସ୍ମିତା ପରିଡା, ସମ୍ପତିଆ ପଂଚାୟତର ସରପଂଚ ସୁଶାନ୍ତ ପ୍ରଧାନ ଓ ସମିତି ସଦସ୍ୟ ରସ୍ମିତା ପ୍ରଧାନ, ପାଇକସିଦା ପଂଚାୟତର ସରପଂଚ ସରସ୍ୱତୀ ସେଠୀ ଓ ସମିତି ସଦସ୍ୟ ନମିତା ଜେନା, ଗଡସାହି ବାଲିଆପାଳ ପଂଚାୟତର ସରପଂଚ ଧ୍ରୁବଜ୍ୟୋତି ଗିରି ଓ ସମିତି ସଦସ୍ୟ ଦିଲ୍ଲିପ କୁମାର ଗିରି, ପଶ୍ଚିମବାର୍ଡ ପଂଚାୟତର ସରପଂଚ ସମ୍ଭୁନାଥ ଜେନା ଓ ସମିତି ସଦସ୍ୟ ହରିଶ୍ଚନ୍ଦ୍ର ମହାଳିକ, ବାଇଗଣବାଡିଆ ପଂଚାୟତର ସରପଂଚ ବିଷ୍ଣୁପଦ ପାତ୍ର ଓ ସମିତି ସଦସ୍ୟା ବାସନ୍ତୀ ମାଝି, ଝାଡପିମ୍ପଳ ପଂଚାୟତର ସରପଂଚ ଝୁନା ଅଣ୍ଡିଆ ଓ ସମିତି ସଦସ୍ୟ ମାନସ ଜେନା, ଖାଳିନା ପଂଚାୟତର ସରପଂଚ ନମିତା ପାତ୍ର ଓ ସମିତି ସଦସ୍ୟା ସସ୍ମିତା ଦତ୍ତ, ବର୍ତ୍ତନା ପଂଚାୟତର ସରପଂଚ ମଧୁସ୍ମିତା ବେହେରା ଓ ସମିତି ସଦସ୍ୟ ତ୍ରିଲୋଚନ ଦାସ, ଖୁଲୁଡା ପଂଚାୟତର ସରପଂଚ ଜ୍ୟୋର୍ତିମୟ ଆଚାର୍ଯ୍ୟ ଓ ସମିତି ସଦସ୍ୟ ଲକ୍ଷ୍ମିଧର ବେହେରା ନିର୍ବାଚିତ ହୋଇଛନ୍ତି। ୯ନଂ ଜୋନ୍‌ର ଜିଲାପରିଷଦ ବିଜେଡି ପ୍ରାର୍ଥିନୀ ଅନୁସୂୟା ପ୍ରଧାନ ୧୯୪୭୩ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦି ବିଜେପି ପ୍ରାର୍ଥିନୀ ମାଧବିକା ଜେନା ୮୬୭୭ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ୧୦ନଂ ଜୋନ୍‌ର ଜିଲାପରିଷଦ ବିଜେଡି ପ୍ରାର୍ଥିନୀ ମିନତୀ ରାଣୀ ଜେନା ୧୭୩୯୮ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦି ବିଜେପି ପ୍ରାର୍ଥିନୀ କନକଲତା ଜେନା ୬୫୭୦ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ଜଳେଶ୍ୱର ବ୍ଲକରେ ୪ଟି ଜୋନ୍‌ରେ ବିଜେଡି ବାଜିମାତ୍ କରିଥିବାରୁ ସମର୍ଥକ ମାନଙ୍କ ମହଲରେ ଖୁସିର ମାହୁଲ ଦେଖିବାକୁ ମିଳିଛି ।

## ବିଶିଷ୍ଟ ବ୍ୟବସାୟୀ ଦିବାକର ନାଥଙ୍କ ପରଲୋକ



ବାଲିଆପାଳ, ୦୪/୦୩ (ନି.ପ୍ର): ସିମୁଳିଆ ବଜାରର ବିଶିଷ୍ଟ ବ୍ୟବସାୟୀ ଦିବାକର ନାଥଙ୍କ ଆଜି ୮୨ବର୍ଷବୟସରେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପିଡୀତ ଥିଲେ । ଆଜି ଭୋର ସମୟରେ ବଡସିମୁଳିଆସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଯାଇଲା । ମୃତ୍ୟୁଖବର ପାଇ ସିମୁଳିଆ ଗାମ କମିଟି ମୁଖ୍ୟ ରଜନୀକାନ୍ତ ଗିରି, ପୂର୍ବତନ ସରପ ମୁରଳୀ ମୋହନ ସାହୁ, ସମିତି ସଦସ୍ୟ ସୁଶାନ୍ତ କୁମାର ସେଠୀ,ସମାଜସେବୀ ଲମ୍ବୋଦର ମାହାନା,ଜିତେନ୍ଦ୍ର ରାଉଳ, ଦୀପକ ଭୂୟାଁ, ଭଗବାନ ରାଉଳ ସମେତ ବହୁ ବିଶିଷ୍ଟ ବ୍ୟକ୍ତି,ବଜାର କମିଟିର କର୍ମକର୍ତା,ବ୍ୟବସାୟୀ ମାନେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିବା ସହ ଅମର ଅତ୍ମାର ସଦଗତି କାମନା କରିଥିଲେ। ପରେ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ସିମୁଳିଆ ବଜାର ପରିକ୍ରମା କରିବା ପରେ ଗ୍ରାମ ଶ୍ମସାନରେ ଶେଷକୃତ୍ୟ ସମ୍ପନ କରାଯାଇଛି । ବଡପୁଅ ସୁଧାଂଶୁ ନାଥ ମୁଖାଗ୍ନି ଦେଇଥିଲେ ।

## ଓଡିଶା-ପଶ୍ଚିମବଂଗ ଉପାନ୍ତରେ ଟ୍ରକ୍‌କୁ ପିଟିଲା ବସ୍ : ୧ ଯାତ୍ରୀ ମୃତ, ୧୦ ଗୁରୁତର

ଜଳେଶ୍ୱର, ୦୪/୦୩ (ନି.ପ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ନିକଟ ୬୦ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟ ଓଡିଶା-ପଶ୍ଚିମବଂଗ ସୀମାରେ ବିଳମ୍ବିତ ରାତିରେ ବସ୍ ଦୁର୍ଘଟଣାରେ ଜଣେ ମୃତ ହେବା ସହିତ ୧୦ରୁ ଜଣ ଯାତ୍ରୀ ଗୁରୁତର ହୋଇ ପଶ୍ଚିମବଂଗର ଦାନ୍ତୁନସ୍ଥିତ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି । ଘଟଣାରୁ ପ୍ରକାଶ ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ କୋଲକତା ଯାଉଥିବା ଓଡି୦୫ବିବି୫୮୫୫ ସୋନାକ୍ସ (ହ୍ୱାଇଟ୍ ସାଫାରୀ) ନାଇଟ୍ କୋଚ୍ ବସ୍ ରାସ୍ତାରେ ଛିଡା ହୋଇଥିବା ଏକ ମାଲବାହି ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଚାଳକ ମୃତ୍ୟୁ ଘଟିଥିବା ବେଳେ ୧୦ ଆହତ ଯାତ୍ରୀଙ୍କ ସହିତ ଗୁରୁତର ହେଲପର ଓ କଣ୍ଡକ୍ଟରଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ନିଆଯାଇଥିଲା । ଅନ୍ୟ ଯାତ୍ରୀମାନଙ୍କୁ ଅନ୍ୟଗାଡିରେ ଗନ୍ତବ୍ୟସ୍ଥଳକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ ଉପାନ୍ତ ୬୦ନଂ ଜାତୀୟ ରାଜପଥରେ ପଶ୍ଚିମବଂଗ ପୁଲିସ୍ ପକ୍ଷରୁ ବେରିକେଟ ଲଗାଇ ଯାନାବାହାନ ଯାଞ୍ଚ କରାଯାଇ ଆସୁଛି । ଏହି ସୁଯୋଗନେଇ କେତେକ ଦୁର୍ବୃର୍ତ୍ତ ଗାଡିମାନଙ୍କରୁ ଚାନ୍ଦା ମଧ୍ୟ ଆଦାୟ କରୁଛନ୍ତି । ଫଳରେ ରାଜପଥ ଓଡିଶା ଅଂଚଳରେ ଘଣ୍ଟା ଘଣ୍ଟା ଧରି ବିଭିନ୍ନ ଗାଡି ଛିଡା ହେଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି । ଏପରିକି ରାସ୍ତା ଜାମ୍ ରହୁଥିବାରୁ ଗମନାଗମନରେ ବାଧକ ସୃଷ୍ଟି ହେଉଥିବା ସ୍ଥାନୀୟ ଗ୍ରାମବାସୀମାନେ ପ୍ରତିବାଦ କରିଆସୁଛନ୍ତି । ଘଟଣାସ୍ଥଳରେ ଜଳେଶ୍ୱର ପୁଲିସ୍ ପହଞ୍ଚିଲା ବେଳକୁ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ପଶ୍ଚିମବଂଗ ପୁଲିସ୍ ନେଇ ପଳାଇଥିବା ଜଣାଯାଇଛି ।

## ଆଚାର୍ଯ୍ୟ ମହାଶୟଙ୍କ ଜୟନ୍ତୀ ସମାରୋହ

ଭୁବନେଶ୍ୱର, ୦୪/୦୩ (ନି.ପ୍ର): ଆଚାର୍ଯ୍ୟ ହରିହର ସାଂସ୍କୃତିକ ପରିଷଦ ଓ ଆଦୃତା ଭୁବନେଶ୍ୱରର ମିଳିତ ଉଦ୍ୟମରେ ଆଚାର୍ଯ୍ୟ ହରିହର ଦାସଙ୍କୁ ମୃତି ସମାରୋହ ପରିଷଦର ସଭାପତି ପ୍ରସନ୍ନ କୁମାର ଶତପଥୀଙ୍କ ପୌରୋହିତ୍ୱରେ ଆଦୃତା ପରିସରରେ ପାଳିତ ହୋଇଯାଇଛି । ଏ ସମାରୋହର ପ୍ରବକ୍ତା ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର ପୁରୀର ପ୍ରାକ୍ତନ ପ୍ରଫେସର ବ୍ରଜକିଶୋର ସ୍ୱାଇଁ ଆଚାର୍ଯ୍ୟ ମହାଶୟଙ୍କ ଆଶୀର୍ବାଦ ‘ଭଲ ମଣିଷ ହୁଅ’ର ତାତ୍ପର୍ଯ୍ୟ ଆଲୋଚନା କରିଥିଲେ। ମହାଶୟକୁ ‘ଉପନିଷଦ’ ଓ ’ଶ୍ରୀମଦ୍ ଭଗବଦ୍ ଗୀତା’ର ସରଳ ଓଡ଼ିଆ ଅନୁବାଦ ଆଜି ମହାଶୟକୁ ଅମର କରିଛି । ଇଂରାଜୀ ଭାଷାର ବିକାଶ ପାଇଁ ମହାଶୟଙ୍କୁ ‘Child's Easy First Grammar' ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଧେୟ ହେବା ଉଚିତ । ମୁଖ୍ୟ ଅତିଥି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସଂସ୍କୃତି ବିଭାଗ, ଉତ୍କଳ




ବିଶ୍ୱବିଦ୍ୟାଳୟ ଓ ବର୍ତ୍ତମାନର କୁଳପତି, ଡ. ରାଜେନ୍ଦ୍ର ପ୍ରସାଦ, କୃଷି ବିଶ୍ୱବିଦ୍ୟାଳୟ, ବିହାର ଆଚାର୍ଯ୍ୟ ମହାଶୟକ ସଂସ୍କାର ମୂଳକ ଚିନ୍ତାଧାରାର ପର୍ଯ୍ୟାଲୋଚନା କରିଥିଲେ । ମହାଶୟ ବ୍ରହ୍ମଣର ଅହଂ ଭାବ ତ୍ୟାଗ କରି ‘ଦାଶ’ ଶବ୍ଦର ତାଲବ୍ୟ ‘ଶ’ ପରିବର୍ତ୍ତେ ବରଂ ‘ସ’ ଲେଖୁଥିଲେ । ପଇତା କାଢ଼ି ଦେଇଥିଲେ, ଚନ୍ଦନ ଲଗାଉନଥିଲେ, ବକୁଳ ବନବିଦ୍ୟାଳୟ ମଣିଷ ଗଢ଼ା କାରଖାନର ପ୍ରକୃତ ଆଚାର୍ଯ୍ୟ ଥିଲେ ହରିହର ଦାସ । ମହାଶୟ ତ୍ୟାଗ ମନୋଭାବ ନେଇ ସମଗ୍ର ଜୀବନ ଜନହିତରେ ବ୍ରତୀ ଥିଲେ । ଉତ୍ସବ ପ୍ରାରମ୍ଭରେ ଅତିଥିମାନେ ଆଚାର୍ଯ୍ୟ ମହାଶୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଆଦୃତାର ଛାତ୍ର ଛାତ୍ରୀମାନେ ଗୀତାପାଠ କରିଥିଲେ। ସଭ୍ୟ ମହେଶ୍ୱର ସାହୁ ଆଚାର୍ଯ୍ୟଙ୍କ ଉପରେ ଆଧରିତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ବରିଷ୍ଠ ଆଇନଜୀବୀ ତଥା ମାନବ ଅଧିକାର ମଞ୍ଚର ସଭାପତି ନଟବର ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପରିଷଦର ସମ୍ପାଦକ ଡ. ତ୍ରିନାଥ ହୋତା ପରିଷଦ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଏହାର ଆଭିମୁଖ୍ୟ ପ୍ରକାଶ କରିଥିଲେ । ସେ ଦୁଃଖ ପ୍ରକାଶ କରିଥିଲେ ଯେ ବାଣୀବିହାରର ଗୋଟିଏ ଛାତ୍ରବାସ ଆଚାର୍ଯ୍ୟ ହରିହରଙ୍କ ନାମରେ ନାମିତ ହୋଇଥିଲେ ମଧ ମହାଶୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇନାହିଁ । ପରିଷଦ ତରଫରୁ ଆୟୋଜିତ ଗୀତା, ଗଣିତ ମେଧା ପରୀକ୍ଷା, ବକ୍ତୃତା ପ୍ରଭୃତି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମାରୋହରେ ପରିଷଦର ବରିଷ୍ଠ ସଦସ୍ୟ ଚକ୍ରଧର ତ୍ରିପାଠୀ ସମାରୋହର ସଂଯୋଜନା କରିବା ସହିତ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ । ପରିଷଦର ସଦସ୍ୟ ଶ୍ରୀଯୁକ୍ତ ପତିତପାବନ ପାଢ଼ୀ, ସିଦ୍ଧାର୍ଥ ଦାସ, ନିରୋଦ କୁମାର ମିଶ୍ର, ଡ଼.ସୀତାରାମ ଦାସ ଶାସ୍ତ୍ରୀ, ମାୟାଧର ମଲ୍ଲିକ, ଚିତ୍ତରଞ୍ଜନ ମହାନ୍ତି, ଦେବହରି ରାଉଳ, ଶିବରାମ ସିଂ, ଶ୍ରୀ ନିଳମଣି କର ପ୍ରଭୃତି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଆଦୃତାର ଗୁରୁଜୀ ଓ ଗୁରୁମା, କର୍ମଚାରୀବୃନ୍ଦ ଅଶେଷ ସହଯୋଗ କରିବା ସହ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

## ସିପିଏଲ-୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଂଟ



ବାରିପଦା, ୦୪/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନ ଓ କଲେଜ ଫିଲଡ ବୋଏଜ ଦ୍ୱାରା ଆୟୋଜିତ ସିପିଏଲ ସିଜନ-୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚରେ ମା ଜଗଦ୍ଧାତ୍ରୀ ୱାରିୟାର୍ସ ମା ଅମ୍ବିକା ୱାରିୟାର୍ସକୁ ୨୮ ରନରେ ପରାସ୍ତ କରିଛି ଓ ଶ୍ରୀମାନ ରଥ ସର୍ବାଧିକ ୪୩ ରନ କରିଥିଲେ । ଦ୍ୱିତୀୟ ଖେଳରେ ଜଗନ୍ନାଥ ୱାରିୟାର୍ସ ଷ୍ଟେସନ ଥାଣ୍ଡାରକୁ ୧୦ ଉଇକେଟରେ ପରାସ୍ତ କରିଛି। ସୁଧାକର ନାଏକ ସର୍ବାଧିକ ୬୫ ରନ କରିଥିଲେ ଓ ଆଜିର ଖେଳକୁ ଅଭିଳାଷ ବିଶ୍ୱାଳ, ଉତମ ମହାକୁଡ଼ ଓ ସୁଶାନ୍ତ ମହାନ୍ତି ପରିଚାଳନା କରି ଥିବାବେଳ, ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ପଙ୍କଜ ମହାକୁଡ଼ ଓ ଦୀପକ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ । ଗତକାଲି ରାତିରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ଟେରିଫିକ ଫାଇଟର ଷ୍ଟେସନ ଥାଣ୍ଡାର କୁ ୫୦ ରନରେ, ତୃତୀୟ ମ୍ୟାଚରେ ସ୍ୱାରଟାନ୍ସ ମା ଜଗଦ୍ଧାତ୍ରୀ ୱାରିଅର୍ଶକୁ ୫ ରନରେ ଓ ଶେଷ ମ୍ୟାଚରେ ପ୍ଲେବେକ -୧୧ ଜଗନ୍ନାଥ ୱାରିଅର୍ଶକୁ ୪୧ ରନରେ ପରାସ୍ତ କରିଥିଲେ । ଆଜିର ଖେଳକୁ ଟୁର୍ଣ୍ଣାମେଂଟର ସଭାପତି ଗିରିଶ ଚନ୍ଦ୍ର ଦାସ, ଉପ ସଭାପତି ସଂଜୀବ ଦ୍ୱିବେଦୀ ଓ ସମ୍ପାଦକ କୃଷ୍ଣଓନନ୍ଦ ମହାନ୍ତି, କଳିଙ୍ଗ କେଶରୀ ଜେନା, ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ଉପ ସଭାପତି ମନୋଜ କୁମାର ସାଓ ଓ କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ ।

ବାଲେଶ୍ୱର, ଶନିବାର, ୦୫ ମାର୍ଚ୍ଚ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା [redacted]

## ବାରମ୍ବାର ବିଦ୍ୟୁତ କାଟ ତେଜୁଛି ଉପଭୋକ୍ତାଙ୍କ ଅସନ୍ତୋଷ

ବାଲିଆପାଳ, ୦୪/୦୩ (ନି.ପ୍ର): ବିଦ୍ୟୁତ ବଂଟନ କାରୀ ସଂସ୍ଥା ଟାଟା କମ୍ପାନୀ ବାଲିଆପାଳ ବ୍ଲକ ସମେତ ଗ୍ରାମାଂଚଳରେ ଏବେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ କରୁଥିବାରୁ ଉପଭୋକ୍ତା ମହଲରେ ଅସନ୍ତୋଷ ତେଜିବାରେ ଲାଗିଛି । ଏନେଇ ବାଲିଆପାଳ ସୂଚନା ଅଧିକାର ସଂଘ,ଆମ୍ବେଦକର କଲ୍ୟାଣ ସମିତି,ଗଣଚେତନା ମଂଚ ଆଦି ସଂଗଠନ ଏହାର ପ୍ରତିବାଦ କରିବା ସହିତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି । ବାଲିଆପାଳ ଅଂଚଳରେ ଏବେ ୨୩ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ରହିଥିବା ବେଳେ କମ୍ପାନୀ ମୋଟା ଅଙ୍କର ଅର୍ଥ ପାଉଛି । ମାତ୍ର ଉପଭୋକ୍ତାଙ୍କ କୌଣସି ସମସ୍ୟା ସମାଧାନ କରିବା ଦିଗରେ କୌଣସି ପଦକ୍ଷେପ ନେଉନାହିଁ । ସରକାର ଲୋକଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ ସେବା ଦେବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ କମ୍ପାନୀ ପ୍ରତିଦିନ ୧୦ରୁ ୧୨ ଥର ଅଘୋଷିତ ବିଦ୍ୟୁତ କାଟ କରୁଛି । ସଂଧ୍ୟା ସମୟରେ ବିଦ୍ୟୁତ କାଟ ହେଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତାହା ଛଡା ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଥିବାରୁ ଓ ପିଲାମାନଙ୍କର ପରୀକ୍ଷା ଦେବା ସମୟ ଆସିଥିବାରୁ ଆଗକୁ ବିଦ୍ୟୁତ କାଟ ହେଲେ ପରିସ୍ଥିତି ଖରାପ ହେବ ବୋଲି ଉପଭୋକ୍ତାମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି । ଏ ବାବଦରେ ବିଭାଗୀୟ ଏସଡିଓଙ୍କୁ ଜଣାଯାଉଥିଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ । ତେବେ ଆଗାମୀ ୯ ତାରିଖ ସୁଧା ବିଦ୍ୟୁତ ସେବାକୁ ନିୟମିତ କରାନ ଗଲେ ଉପରୋକ୍ତ ସଂଘ ଗୁଡିକ ଆନ୍ଦୋଳନକୁ ଓହ୍ଲାଇବ ବୋଲି କୁଶଧ୍ୱଜ ଜେନା,ପ୍ରହ୍ଲାଦ ଘଡାଇ,ଗୋପୀନାଥ ଗଙ୍ଗାଇ,ଅନୁଜ କୁମାର ମହାପାତ୍ର, ଗୋପାଳ ମାହାଳିକ, ଶରତ କୁମାର ପାତ୍ର,କାହ୍ନୁଚରଣ ପାତ୍ର,ଅକ୍ଷୟ ଦାସ,ଚିତରଞ୍ଜନ ଜେନା,ଦେବେନ୍ଦ୍ର ଦାସ ପ୍ରମୁଖ ଦାବି ପତ୍ରରେ ଜଣାଇଛନ୍ତି ।

## ଫାଇଲେରିଆସିସ୍ ନିରାକରଣ ପାଇଁ ସାର୍ବଜନୀନ ଔଷଧ ସେବନ କାର୍ଯ୍ୟକ୍ରମ



ବାରିପଦା, ୦୪/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଫାଇଲେରିଆସିସ୍ (ବାତଜ୍ୱର) ନିରାକରଣ ପାଇଁ ସାମୁହିକ ଔଷଧ ସେବନ (ଏମ୍‌ଡ଼ିଏ) କାର୍ଯ୍ୟକ୍ରମ ଚଳିତ ମାର୍ଚ୍ଚ ମାସ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ ଓ ମାର୍ଚ୍ଚ ମାସ ୧୬ ତାରିଖରେ ମପଅପ୍ ରାଉଣ୍ଡରେ ସାମୁହିକ ଔଷଧ ସେବନ ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲାରେ ଚାଲିରହୁଛି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ଭାପ୍ରସେଙ୍କ ଅଧକ୍ଷକତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ ସମ୍ମିଳନୀ କକ୍ଷରେ ତା.୦୩.୦୩.୨୦୨୨ରିଖ ପୂର୍ବାହ୍ନରେ ଅନୁଷ୍ଠିତ ଏକ ଜିଲ୍ଲାସ୍ତରୀୟ ସମ୍ପନ୍ୱୟ କମିଟି ବୈଠକରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ପି.ଅନ୍ୱେଷା ରେଡୀ,ଭାପ୍ରସେ, ବାରିପଦା ଉପଜିଲ୍ଲାପାଳ ତଥା ପୌରନିର୍ବାହୀ ଅଧିକାରୀ ବାରିପଦା, ଅନ୍ୟା ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା.ରୂପଭାନୁ ମିଶ୍ର ପ୍ରମୁଖଙ୍କ ସମେତ ସଂପୃକ୍ତ ସ୍ୱାସ୍ଥ୍ୟ ବିଭାଗ ଓ ବିଭିନ୍ନ ଲାଇନ ବିଭାଗ ଅଧିକାରୀମାନେ ଯୋଗଦେଇ ଫାଇଲେରିଆ ବାତଜ୍ୱର ନିରାକରଣ ପାଇଁ ସାର୍ବଜନୀନ ଔଷଧ ସେବନ ସଂପର୍କୀତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରସ୍ତୁତ ଯୋଜନା କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋଚନା କରିଥିଲେ। ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱାସ୍ଥ୍ୟ ସେବା ଯୋଜନା କାର୍ଯ୍ୟକ୍ରମ ଅନ୍ତର୍ଗତ ମୟୂରଭଞ୍ଜ ଜିଲ୍ଲାରେ ଫାଇଲେରିଆ ବାତଜ୍ୱର ନିରାକରଣ ପାଇଁ ସର୍ବଜନୀନ ଔଷଧ ସେବନ ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ ସମେତ ୪ ପୌରାଂଚଳର ମୋଟ ୪୯୪୮ ଗ୍ରାମ / ବସ୍ତି ଅଂଚଳରେ ଦୁଇ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଓ ଦୀର୍ଘ ଦିନର ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଛାଡ଼ି ଅନ୍ୟ ସମସ୍ତ ୨ ବର୍ଷରୁ ଉର୍ଦ୍ଧ ଶିଶୁ ପିଲା ଏବଂ ବ୍ୟକ୍ତିମାନଙ୍କୁ ଫାଇଲେରିଆସିସ୍ (ବାତଜ୍ୱର) ବଟିକା ଔଷଧ ସେବନ କରାଯିବ । ଏଥିପାଇଁ ଜିଲ୍ଲାର ୨୬ ଲକ୍ଷ୍ୟ ଲୋକଙ୍କୁ ଏହି ଔଷଧ ସେବନ ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ନିୟୋଜିତ ହୋଇଥିବା ୮୮୮୪ଜଣ ତାଲିମ ପ୍ରାପ୍ତ ଆଶା, ଅଙ୍ଗନୱାଡି କର୍ମି / ସ୍ୱାସ୍ଥ୍ୟ କର୍ମୀ ଏବଂ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ପ୍ରତ୍ୟେକ ପରିବାର ଘରକୁ ଘର ଯାଇ ସ୍ୱାସ୍ଥ୍ୟ ବିଭାଗ ଅନୁମୋଦିତ ବୟସ ଅନୁପାତ ହିସାବରେ ଡ଼ିଇସି ଓ ଆଲବେଣ୍ଡାଜଲ୍ (କୃମି ନାଶକ) ବଟିକା ଔଷଧ ସେବନ କରାଇବେ । ଏହାର ସୁପରିଚାଳନା ଓ ତଦାରଖ ପାଇଁ ୧୦୧୧ଜଣ ସ୍ୱାସ୍ଥ୍ୟ କର୍ମଚାରୀ, ସ୍ୱସ୍ଥ୍ୟ ପରିଦର୍ଶକ ଓ ଆଇସିଡିଏସ ସୁପରଭାଜର ମାନଙ୍କୁ ନିୟୋଜିତ କରାଯାଇଥିବା ବେଳେ ୮୬ଟି ଆର୍‌ଆର୍‌ଟିମ୍ (ମେଡିକାଲ ଅଫିସର, ଡ୍ରଗ୍ସ ଇନିସପେକ୍ଟର ଓ ଫାର୍ମାସିଷ୍ଟ) ମାନଙ୍କ ଦ୍ୱାରା ଦୈନଦିନର ଔଷଧ ସେବନର ସ୍ଥିତି ଅନୁଧ୍ୟାନ କରିବା ସହିତ ବିହିତ ପଦେକ୍ଷପ ଗ୍ରହଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସାର୍ବଜନୀନ ବାତଜ୍ୱର ଔଷଧ ସମସ୍ତେ ସେବନ କାର୍ଯ୍ୟକ୍ରମକୁ ନିର୍ଦ୍ଧାରିତ ଥିବା ସମୟ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ଓ ସଂପୃକ୍ତ ଲାଇନ ବିଭାଗ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ ତ୍ୱରାନିତ କରିବାକୁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ଗୁରୁତ୍ୱରୋପ କରିଛନ୍ତି।

## ‘ସ୍ମାର୍ଟ ଆକ୍ୱା ଏକ୍ସପୋ-୨୦୨୨’ ଉଦ୍‌ଘାଟିତ

ବାଲେଶ୍ୱର,୦୪/୦୩ (ନି.ପ୍ର): ଅଗ୍ରଣୀ ମତ୍ସ୍ୟଚାଷ ସଚେତନତା ଭିତ୍ତିକ ପତ୍ରିକା ‘ସ୍ମାର୍ଟ ଏଗ୍ରି ପୋଷ୍ଟ’ ଆନୁକୂଲ୍ୟରେ ‘ସ୍ମାର୍ଟ ଆକ୍ୱା ଏକ୍ସପୋ-୨୦୨୨’ବାମପଦାସ୍ଥିତ ନୋସି ବିଜିନେସ ପାର୍କରେ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମତ୍ସ୍ୟଚାଷ ଓ ପଶୁସମ୍ପଦ ବିକାଶ ବିଭାଗ ପ୍ରମୁଖ ସଚିବ ଆର ରଘୁ ପ୍ରସାଦ ଏହି ମତ୍ସ୍ୟଚାଷ ଓ ବ୍ୟବସାୟ ଭିତ୍ତିକ ମେଳାକୁ ଉଦଘାଟନ କରିଥିଲେ। ରାଜ୍ୟ ତଥା ଦେଶର ଆର୍ଥିକ ବିକାଶରେ ମତ୍ସ୍ୟଚାଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଭାରତ ସରକାରଙ୍କ ମତ୍ସ୍ୟଚାଷ ବିଭାଗ ଯୁଗ୍ମ ସଚିବ ସାଗର ମେହେରା, ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ‘ସି ଫୁଡ ଏକ୍ସପୋର୍ଟର୍ସ ଆସୋସିଏସନ’ର ପ୍ରାକ୍ତନ ରାଜ୍ୟ ସଭାପତି ଗୋରାଚାନ୍ଦ ମହାନ୍ତି, ଆକ୍ୱା କଲଚର ଆସୋସିଏସନ ରାଜ୍ୟ ଉପ-ସଭାପତି ସଂଗ୍ରାମ ଦାସ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଖାରିଜଳ ଓ ମଧୁରଜଳ ମାଛଚାଷରେ ଦେଖା ଦେଇଥିବା ସମସ୍ୟା ଏବଂ ତା’ର ନିରାକରଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ମତ୍ସ୍ୟଚାଷ କ୍ଷେତ୍ରରେ ଅଗ୍ରଣୀ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର, ସରକାରୀ ରିଆତିର ସଦୁପଯୋଗ ଓ ଉତ୍ପାଦିତ ମତ୍ସ୍ୟର ଲାଭ ସହ ଅଧିକ ମୂଲ୍ୟରେ ବିକ୍ରି କ୍ଷେତ୍ରରେ ଉପୁଜିଥିବା ସମସ୍ୟା ସମ୍ପର୍କରେ ଅତିଥିମାନେ ବିସ୍ତୃତ ଆଲୋଚନା କରିଥିଲେ। ‘ସ୍ମାର୍ଟ ଏଗ୍ରି ପୋଷ୍ଟ’ର ମୁଖ୍ୟ ସମ୍ପାଦକ ପ୍ରଭାସ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମତ୍ସ୍ୟ ଚାଷୀ ଓ ମତ୍ସ୍ୟ ବ୍ୟବସାୟୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି ମେଳାରେ ବିଭିନ୍ନ କମ୍ପାନୀର ମାଛଖାଦ୍ୟ, ମାଛ ଔଷଧ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସାମଗ୍ରୀ ସମ୍ବଳିତ ୫୦ରୁ ଉର୍ଦ୍ଧ୍ୱ ଷ୍ଟଲ ଲାଗିଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ମତ୍ସ୍ୟଚାଷୀ ଏହି ଏକ୍ସପୋରେ ଯୋଗ ଦେଇଥିଲେ।

## ପିକଅପ୍ ବାଇକ ଧକ୍କାରେ ୩ ଗୁରୁତର



ନୀଳଗିରି, ୦୪/୦୩ (ନି.ପ୍ର): ନୀଳଗିରି ପଂଚଲିଙ୍ଗେଶ୍ୱର ରାସ୍ତାର ବାଲିଓରା ଛକ ଠାରେ ପିକଅପ ଧକ୍କାରେ ବାଇକରେ ଯାଉଥିବା ନାବାଳକ ସମେତ ୨ଜଣ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି । ନୀଳଗିରି ପଣ୍ଡା ଅଫିସ ଗାଁର ଟୁନା ସିଂ (୩୦) ତାର ପୁଅ ରାଜେଶ ସିଂ (୫) ଓ ସାଧୁଆ ସିଂ ଏକ ବାଇକ ଯୋଗେ ବାଗୁଡ଼ି ଯାଉଥିବା ବେଳେ ବାଲିଓରା ଛକ ଠାରେ ଅପରଦିଗରୁ ଆସୁଥିବା ଏକ ପିକଅପ ସାଇଡ ମାରିଦେବାରୁ ବାଇକରେ ଥିବା ୩ଜଣ ପଡ଼ିଯାଇ ଗୁରୁତର ହୋଇପଡ଼ିଥିଲେ । ପରେ ୩ଜଣଙ୍କୁ ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲକୁ ନିଆଯାଉଥିବା ବେଳେ ଅବସ୍ଥା ସଂକଟାପନ୍ନ ଥିବାରୁ ୩ଜଣଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ନୀଳଗିରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ନୀଳଗିରି ପୌର ନିର୍ବାଚନ ୩ୟ ଦିନରେ ୪ ପ୍ରାର୍ଥୀପତ୍ର ଦାଖଲ

ନୀଳଗିରି, ୦୪/୦୩ (ନି.ପ୍ର): ଚଳିତ ପୌର ନିର୍ବାଚନ ପରିପ୍ରେକ୍ଷୀରେ ନାମାଙ୍କନ ପତ୍ର ଦାଖଲ ଚାଲିଥିବା ବେଳେ ନୀଳଗିରି ଏନ.ଏ.ସି ରେ ନାମାଙ୍କନ ପତ୍ର ଦାଖଲର ୩ୟ ଦିନରେ ୪ଜଣ ପ୍ରାର୍ଥୀ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି । ନୀଳଗିରି ଏନ.ଏ.ସି.ରେ ୧୩ଗୋଟି ୱାର୍ଡ ରହିଥିବା ବେଳେ ୱାର୍ଡ ନଂ. ୪ ମିରିଗିଣି ପାଇଁ ବିଜେପିର କାଉନସିଲର ପ୍ରାର୍ଥୀ ରାମଚନ୍ଦ୍ର ଦାସ (ଶୁକ) ଏକ ବିରାଟ ପଟୁଆରରେ କର୍ମୀଙ୍କ ଗହଣରେ ସହର ପରିକ୍ରମା କରି ନୀଳଗିରି ଏନ.ଏ.ସି. ନିର୍ବାଚନ ଅଧିକାରୀ ବୀରକିଶୋର ପାଣିଗ୍ରାହୀଙ୍କ ଠାରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି ୪ନଂ. ୱାର୍ଡରୁ ବିଜେଡି ପ୍ରାର୍ଥୀ ମହେନ୍ଦ୍ର ବେହେରା କାଉନସିଲର ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତି ୧୦ନଂ. ୱାର୍ଡରୁ ସ୍ୱାଧୀନ କାଉନସିଲର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୫ନଂ. ୱାର୍ଡରୁ ସୁକାନ୍ତି ମହାପାତ୍ର ବିଜେପିରୁ କାଉନସିଲର ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ୧୩ ଗୋଟି ୱାର୍ଡରୁ ୧୩୭୯୬ ମତଦାତା ନିଜନିଜର ମତସାବ୍ୟସ୍ତ କରିବେ ।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରୁ ୪ ଛାତ୍ରଛାତ୍ରୀ ବଂଚିତ

ବାଲିଆପାଳ,୦୪/୦୩ (ନି.ପ୍ର): ବୋର୍ଡ କର୍ତୃପକ୍ଷଙ୍କ ତୃଟିପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ବାଲିଆପାଳ ଅଂଚଳର ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେବାରୁ ୪ ଛାତ୍ରଛାତ୍ରୀ ବଂଚିତ ହୋଇଛନ୍ତି । ଏହାକୁ କେନ୍ଦ୍ର କରି ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବାଲିଆପାଳ ଶିକ୍ଷାଧିକାରୀ ଓ ସୁବର୍ଣ୍ଣରେଖା ସରକାରୀ ହାଇସ୍କୁଲର ନୋଡାଲ ଅଫିସର ସଠିକ ଉତର ଦେଇ ପାରିନାହାନ୍ତି । ଚଳିତ ବର୍ଷ ଏହି ବ୍ଲକର ଶତାଧିକ ଛାତ୍ର ଛାତ୍ରୀ ପ୍ରବେଶିକା ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ । ଏଥିପାଇଁ ଛାତ୍ର ଛାତ୍ରୀମାନେ ପ୍ରସ୍ତୁତ ହୋଇଥିଲେ । ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ପରୀକ୍ଷା ପାଇଁ ମୋଟ ୧୪୦ ଜଣ ଛାତ୍ରଛାତ୍ରୀ ଆଡମିଟ କାର୍ଡ ପାଇଥିଲେ । ଆଜି ଶୁଭମ ପାତ୍ର, ଜଗନ୍ନାଥ ପାଠୀ,ଶୁଭଶ୍ରୀ ପାଠୀ,ସ୍ୱନ୍ଦନ ଦାସ ପ୍ରମୁଖ ୪ ଜଣ ଛାତ୍ରଛାତ୍ରୀ ନୋଡାଲ ସ୍କୁଲକୁ ପରୀକ୍ଷା ଦେବାକୁ ଆସିଥିଲେ । ମାତ୍ର ପରୀକ୍ଷା କେନ୍ଦ୍ରର ଗେଟରେ ଏକ ନୋଟିସରେ ଉପରୋକ୍ତ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇ ପାରିବେ ନାହିଁ ବୋଲି ଲେଖା ଯାଇଥିଲା । ଫଳରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଖୁବ ଅସ୍ଥିର ଓ ବ୍ୟଥିତ ହୋଇଥିଲେ ।

## ଚୌମୁଖ ପଞ୍ଚାୟତରେ କଂଗ୍ରେସର ଅଭୁତପୂର୍ବ ବିଜୟ : ବନ୍ଦର ବିରୋଧରେ ବ୍ୟାପକ ଜନମତ

ବାଲିଆପାଳ,୦୪/୦୩ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ଓ ପେଟ୍ରୋକେମିକାଲ୍ସ ପ୍ରକଳ୍ପ ବିରୋଧରେ ପ୍ରସ୍ତାବିତ ଅଞ୍ଚଳରେ ଭୋଟରମାନେ ଶାସକ ଦଳ ବିରୋଧରେ ବ୍ୟାପକ ଜନମତ ଦେଇଥିବା ବେଳେ ସେମନାଙ୍କ ଅନ୍ଦୋଳନରେ ସାମିଲ ହୋଇଥିବା କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇଛନ୍ତି । ତେବେ ଚୌମୁଖ ପଞ୍ଚାୟତରେ କଂଗ୍ରେସ ଦଳ ଅଭୁତପୂର୍ବ ସଫଳତା ମିଳିଛି । ଏହି ପଞ୍ଚାୟତରେ ସମସ୍ତ ଓାର୍ଡରେ କଂଗ୍ରେସ ସମର୍ଥୀତ ପ୍ରାର୍ଥୀମାନେ ବିଜୟ ହାସଲ କରିଥିବା ବେଳେ ସରପ ପ୍ରାର୍ଥୀ ବାସନ୍ତୀ ରଣଜିତ ମୋଟ ୪୯୪୭ ଭୋଟରୁ ୧୨୨୩ ଭୋଟରେ ବିଜୟହାସଲ କରିଥିବା ବେଳେ ସମିତି ସଦସ୍ୟ ପ୍ରାର୍ଥୀ ରାଜେଶ ଚୌଧୁରୀ ୧୭୧୫ ଭୋଟରେ ବିଜୟ ହାସଲ କରିଛନ୍ତି । ସେହିପରି ଜିଲ୍ଲା ପରିଷଦରେ କଂଗ୍ରେସର ବାବାଜୀ ଦେହୁରୀଙ୍କୁ ୯୮୮ ଖଣ୍ଡ ଭୋଟ ଲିଡ ଦେଇଛନ୍ତି । ଏହି ପଞ୍ଚାୟତରେ କଂଗ୍ରେସ ଦଳର ବିପୁଳ ବିଜୟ ପରେ ଅଂଚଳବାସୀ ଉତ୍ସାହିତ ହୋଇପଡିଥିବା ବେଳେ ଆଗାମୀ ଦିନରେ ବନ୍ଦର ପାଇଁ ପରିସ୍ଥିତି ଜଟିଳ ହୋଇପାରେ ବୋଲି ଆଲୋଚନା ହେଉଛି ।

## ସମଗ୍ର ଓଡ଼ିଶା ପାଇଁ ଉଦଳା ଦୃଷ୍ଟାନ୍ତ ପାଲଟିବ : ପ୍ରମିଳା ପଣ୍ଡା



ଉଦଳା, ୦୪/୦୩ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରାର୍ଥୀ ଭାବରେ ଆଜି ମାର୍ଚ୍ଚ ୪ ତାରିଖ ଶୁକ୍ରବାର ଦିନ ପ୍ରମିଳା ପଣ୍ଡା ତାଙ୍କର ପ୍ରାର୍ଥୀ ପତ୍ର ଦାଖଲ କରିଥିବାର ଜଣା ଯାଇଛି । ତେବେ ସେ ତାଙ୍କର ପ୍ରାର୍ଥୀ ପତ୍ର ଦାଖଲ କରିବେ ବୋଲି ଜାଣିବା ମାତ୍ରେ ବହୁ ସଂଖ୍ୟାରେ ଗଣମାଧ୍ୟମର ପ୍ରତିନିଧି ମାନେ ଆସି ଆଜି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ରେ ଭିଡ଼ ଜମାଇଥିଲେ । ପ୍ରମିଳା ପଣ୍ଡା ଭାରତୀୟ ଜନତା ପାର୍ଟିର ଦିର୍ଘ ଦିନର ଜଣେ ଶୃଙ୍ଖଳିତ ସଦସ୍ୟ ଅଟନ୍ତି । ତେବେ ପାର୍ଟି ତରଫରୁ କାହାଙ୍କୁ ଟିକଟ ମିଳିବ ଘୋଷଣା ଏ ପର୍ଯ୍ୟନ୍ତ ହୋଇନଥିବା ବେଳେ ଶ୍ରୀମତୀ ପଣ୍ଡା କିପରି ଓ କାହା ଟିକଟରେ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଠିଛି । ପ୍ରାର୍ଥୀପତ୍ର ଦାଖଲ ସରିବା ପରେ ସାମ୍ବାଦିକ ମାନେ ତାଙ୍କୁ ସିଧାସଳଖ ଏ ବାବଦରେ ପ୍ରଶ୍ନ କରିବାରୁ ସେ ଉତ୍ତରରେ କହିଲେ ମୁଁ ଭାରତୀୟ ଜନତାପାର୍ଟିର ଜଣେ ଶୃଙ୍ଖଳିତ ସଦସ୍ୟ ଥିଲି, ଆଜି ମଧ୍ୟ ଅଛି । ତେବେ ପାର୍ଟି ତରଫରୁ ଟିକଟ ଘୋଷଣା ହେବା ବିଳମ୍ବ ହୋଇଛି । କିନ୍ତୁ ମୋର ରାଶି ଓ ନକ୍ଷତ୍ର ଅନୁସାରେ ଆଜି ଶୁଭ ବେଳା ଥିବାରୁ ମୁଁ ନାମାଙ୍କନପତ୍ର ଦାଖଲ କଲି । ଉଦଳାର ବିକାଶ ପାଇଁ ଆପଣ କଣ ଚାହୁଁଛନ୍ତି ବୋଲି ପ୍ରଶ୍ନ କରିବାରୁ ସେ ଉତ୍ତର ଦେଲେ ଉଦଳାର ସାମଗ୍ରୀକ ବିକାଶ ପାଇଁ ମୁଁ ପୁର୍ବରୁ ଲଢୁଥିଲି, ଆଜି ମଧ୍ୟ ଲଢୁଛି । ଶେଷରେ ସେ କହିଲେ ମୁଁ ଉଦଳା ସହରକୁ ଏପରି ଏକ ସହରରେ ପରିଣତ କରିବାକୁ ଚାହେଁ ଯାହାଫଳରେ ସମଗ୍ର ଓଡ଼ିଶା ପାଇଁ ଉଦଳା ଏକ ଦୃଷ୍ଟାନ୍ତ ପାଲଟିବ ।

## କରୋନାରୁ ସୁସ୍ଥ ହେଲେ ୨୬୩ ଆକ୍ରାନ୍ତ

ଭୁବନେଶ୍ୱର, ୦୪/୦୩ (ନି.ପ୍ର): ରାଜ୍ୟରେ କରୋନାରୁ ଆଜି ୨୬୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୭୫ ହଜାର ୧୯ରେ ପହଂଚିଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ସମ୍ବଲପୁର ଜିଲ୍ଲାରୁ ୫୪ ଜଣ , ଗଜପତି ଓ ଖୋର୍ଦ୍ଧା ଜିଲ୍ଲାରୁ ୨୪ ଜଣ ଲେଖାଏଁ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଯାଜପୁରରୁ ୨୦, ଝାରସୁଗୁଡ଼ାରୁ ୧୮, ବରଗଡ଼ରୁ ୧୪, ଅନୁଗୁଳରୁ ୧୩, ମୟୂରଭଂଜ, ସୁନ୍ଦରଗଡ଼ରୁ ୧୨-୧୨, କେନ୍ଦ୍ରାପଡ଼ାରୁ ୧୧, କଟକରୁ ୧୦, ଗଂଜାମରୁ ୯, ବାଲେଶ୍ୱରରୁ ୬, ଭଦ୍ରକ, କୋରାପୁଟରୁ ୫-୫, ନୟାଗଡ଼, ପୁରୀରୁ ୪-୪, ପୁରୀରୁ ୩, ବଲାଙ୍ଗୀର ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## ଖଇରା ବରିଷ୍ଠ ନାଗରିକ ମଞ୍ଚର ୩ୟ ବାର୍ଷିକୋତ୍ସବ




ଖଇରା,୦୪/୦୩ (ନି.ପ୍ର): ବରିଷ୍ଠ ମାନଙ୍କର ଅନୁଭବ ଓ ଅଭିଜ୍ଞତା ଯୁବପିଢୀଙ୍କ ପାଇଁ ପ୍ରେରଣାଦାୟୀ । ସେମାନେ ସମାଜର ରକ୍ଷା କବଚ ବୋଲି ଶୁକ୍ରବାର ଖଇରା ଦୁର୍ଗାମଣ୍ଡ ଠାରେ ଆୟୋଜିତ ବରିଷ୍ଠ ନାଗରିକ ମଞ୍ଚର ୩ୟ ବାର୍ଷିକୋତ୍ସବରେ ଯୋଗ ଦେଇଥିବା ବକ୍ତା ମାନେ ଆଲୋକପାତ କରିଛନ୍ତି । ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡା ପ୍ରଭାକର ମିଶ୍ର ଉଦ୍‌ଘାଟକ,ବିଡିଓ ପର୍ଶୁରାମ ପଣ୍ଡା,ଜିଲା ସଂଘ ସମ୍ପାଦକ ଲକ୍ଷ୍ମିଧର ବେହେରା,ଉପସଭାପତି ଗୌରାଙ୍ଗ ଚନ୍ଦ୍ର ପାଣିଗ୍ରାହୀ, ପ୍ରାକ୍ତନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ । ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ଶତପଥି ବିବରଣୀ ପାଠ,ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ବେଦ ପାଠ, କିଶୋର ଚନ୍ଦ୍ର ରାଉତ ଉତ୍କଳ ସଙ୍ଗୀତ ଗାନ, ବୁଦ୍ଧିରାମ ପାଣିଗ୍ରହୀ ଗୀତାପାଠ, ଉମେଶ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ, ସନ୍ତୋଷ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଭାର ଅଧିକାରୀ ସନାତନ ପଣ୍ଡା,ନିଳମଣି ଦାସ, ରଘିନାଥ ପାଢୀ, ପ୍ରାଣବନ୍ଧୁ ମହାପାତ୍ର, ଭଗବାନ ସେଠୀ, ପଦ୍ମନାଭ ଶନିବିଗ୍ରହ, କେଶବ ଚନ୍ଦ୍ର ମହାପାତ୍ର, ଗଣେଶାନନ୍ଦଜୀ ମହାରାଜ, ମଧୁସୂଦନ ପଣ୍ଡା,ଲକ୍ଷ୍ମଣ ରାଉଳ, ଭାଗବତ ପ୍ରସାଦ ବାରିକ, ବୃନ୍ଦାବନ ପଣ୍ଡା,ନାରାୟଣ ପ୍ରସାଦ ମହାନ୍ତି, ମଦନମୋହନ ଜେନା ପ୍ରମୁଖଙ୍କୁ ଉତ୍ତରିୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଏମ.କେ.ସି. ହାଇସ୍କୁଲରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ



ବାରିପଦା,୦୪/୦୩ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ତରଫରୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ୍ର ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇକୋ କ୍ଲବ ଭାରପ୍ରାପ୍ତ ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଉପଲକ୍ଷେ- ବିଶ୍ୱ ବନ୍ୟ ପ୍ରାଣୀ ଦିବସ ପାଳନର ତାତ୍ପର୍ଯ୍ୟ- ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ର କୁମାର ଆଦିତ୍ୟ ଶୁଭଙ୍କର ବେହେରା, ତୁଷାର ବେହେରା, ଅମରନାଥ ବେହେରା, ସୂରଜ କର ମହାପାତ୍ର ପ୍ରମୁଖ ପୁରସ୍କୃତ ହୋଇଥିଲେ । ଅତିଥି ଭାବେ ମୟୂରଭଞ୍ଜ ସ୍ଥାୟୀ ଲୋକ ଅଦାଲତର ପୂର୍ବତନ ସଦସ୍ୟ ପୂର୍ଣ୍ଣେନ୍ଦୁ ଦାସ, ଅବସର ପ୍ରାପ୍ତ ବରିଷ୍ଠ ବ୍ୟାଙ୍କ ପ୍ରବନ୍ଧକ ପ୍ରଦୀପ କୁମାର ପାଣିଗ୍ରାହୀ, ସମାଜସେବୀ ରଞ୍ଜନ ବାନାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ପ୍ରଦୀପ କୁମାର ଦଣ୍ଡପାଟ, ଅମୂଲ୍ୟ କୁମ୍ଭକାର ମନୋଜ କୁମାର ପରିଡା, ଶିକ୍ଷୟତ୍ରୀ କୁଞ୍ଜବାଳା ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଓଡିଶା ମୋଟର ଚାଳକ ସଂଘର ବୈଠକ ଓ ଶୋଭାଯାତ୍ରା




ବାରିପଦା, ୦୪/୦୩ (ନି.ପ୍ର): ଓଡିଶା ମୋଟର ଚାଳକ ସଂଘପକ୍ଷରୁ ଆଜି ବାରିପଦା ଠାରେ ସାମାଜିକ ସୁରକ୍ଷା ଓ ସଚେତନତା ପାଇଁ ଏକ ଶୋଭା ଯାତ୍ରା ସହ ଛଉ ପଡିଆ ନିକଟ ରୋଟାରୀ କ୍ଲବ ସଭାକକ୍ଷ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସର ରେ ସଂଘର ବାରିପଦା ଶାଖା କିମିଟି ମଧ ଗଠନ କରାଯାଇଛି । ଉକ୍ତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ ମୁଖ୍ୟ ଅତିଥି ବରଗଡ ଜିଲ୍ଲା ସଭାପତି ନିରୋଜ ପୋଡଯାଦବ, ଯାଜପୁର ଜିଲ୍ଲା ସଭାପତି ଭରତ ଚନ୍ଦ୍ର ରଣା, ସମ୍ପାଦକ ଅଶୋକ ସାହୁ, ଭଦ୍ରକ ଶାଖା ସଭାପତି ମୁକ୍ତିକାନ୍ତ ଦାସ, ସୋର ଶାଖା ସଭାପତି ଚନ୍ଦ୍ର ଶେଖର ପଣ୍ଡା, ପୁରୀ ଜିଲ୍ଲା ପରିଚାଳକ ମାନସ ବେହେରା, ରାଉରକେଲା ଶାଖା ସଭାପତି ନିଳାଂଚଳ ପ୍ରଧାନ, କୋଷାଧକ୍ଷ ଚଣ୍ଡି ରାଓ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ସଂଘର ବାଘଡା ସଭାପତି ମନୁ ଭଞ୍ଜଦେଓ, ଗୋରୁମହିଷାଣି ଶାଖା ସଭାପତି ଲକ୍ଷ୍ମଣ ଟୁଡୁ, ଝାରପୋଖରିଆ ଶାଖା ସଭାପତି ମହେଶ୍ୱର ମହାନ୍ତ, ସମ୍ପାଦକ ରାମଚନ୍ଦ୍ର ହେମ୍ବ୍ରମ, ରାଇରଙ୍ଗପୁର ଶାଖା ସମ୍ପାଦକ ଅମର ସିଂ ମହାନ୍ତ, ବଡବିଲ ଶାଖାର ସଭାପତି ମଙ୍ଗଳ ଗୋପ ପ୍ରମୁଖଙ୍କ ଉପସ୍ଥିତରେ ସର୍ବ ସମ୍ମତି କ୍ରମେ ବାରିପଦା ଶାଖା କମିଟିର ପଦାଧିକାରୀ ମାନେ ମନୋନୀତ ହୋଇଛନ୍ତି । ସଭାପତି ଭାବରେ ନାଗେଶ୍ୱର ମୁଖି, ଉପ-ସଭାପତି ଭାବରେ ସରୋଜ କୁମାର ଜେନା, ସମ୍ପାଦକ ଭାବରେ ସେଖ ଜଇନୁଲ୍, ସହ ସମ୍ପାଦକ ଭାବରେ କିଷ୍ଣା କୁମାର ପାତ୍ର, କୋଷାଧକ୍ଷ ଭାବରେ ସୁରଥ କୁମାର ରାୟସିଂହ, ସହ କୋଷାଧକ୍ଷ ଭାବରେ ଅମିତ କୁମାର ସେଠୀ, କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ଏସ.କେ. ସାହିର, ସୁଶାନ୍ତ ନାଏକ ଗିରିଶ ଚନ୍ଦ୍ର ମହାପାତ୍ର, ଏସ.କେ. ୟୁସୁପ, ହେମନ୍ତ କୁମାର ସିଂ, ଏସ.କେ. ଜାକିରରୁଦ୍ଦିନ୍, ବୁଲୁ ମହାନ୍ତ, ରସାନନ୍ଦ ପ୍ରଧାନ, ତୋପନ ଟୁଡୁ ପ୍ରମୁଖଙ୍କୁ ମନୋନୟନ କରାଯାଇଛି । ଏହି ବୈଠକରେ ଭାରିଯାନ ଓ ହାଲୁକା ଯାନର ବହୁ ଚାଳକ ଭାଇ ମାନେ ଯୋଗ ଦେଇ ଏକ ଶୋଭା ଯାତ୍ରାରେ ବାରିପଦା ସହର ପରିକ୍ରମା କରିଥିଲେ । ସଡକ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ସହ ଋଷ ଓ ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ଶାନ୍ତି ଲୋଡା ବୋଲି ଚାଳକ ମାନେ ନାରା ଦେଇଥିଲେ । ଶେଷରେ ନିରୋଜ ପୋଡି ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ : ଅସନଖାଲି ଦଳ ଚମ୍ପିୟାନ



ବସ୍ତା, ୦୪/୦୩ (ନି.ପ୍ର): ବସ୍ତା ବ୍ଲକ ବାହାର୍ଦା ପଂଚାୟତ ଅନ୍ତର୍ଗତ ଧେନୁଖୋଜା କଳିଙ୍ଗ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୭ ତମ ବାର୍ଷିକ ଆନ୍ତଃ ଜିଲା ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ରେ କଳିଙ୍ଗ ୟୁଥ କ୍ଲବ କୁ ୨-୧ ସେଟ ରେ ପରାସ୍ତ କରି ମୟୂରଭଞ୍ଜର ଅସନଖାଲି ଦଳ ଚମ୍ପିୟାନ ହୋଇଛି । ଗ୍ରାମର ମୁଖିଆ କାଳିଚରଣ ଦାସ ଏହି ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ । କ୍ଲବ ସଭାପତି ଦୀପକ ରାଉତଙ୍କ ପୌରାହିତ୍ୟ ରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ପ୍ରାକ୍ତନ ଶିକ୍ଷକ ପ୍ରଭାକର ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଦାଶରଥି ରାଉତ ଓ ବରିଷ୍ଠ ନାଗରିକ ଜଳଧର ପାଳ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଦଳ କୁ ନଗଦ ୩ ହଜାର ୫ ସହ ଓ ରନର୍ସ ଅପ ଦଳ କୁ ୨ ହଜାର ୫ ସହ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । କ୍ଲବ ସମ୍ପାଦକ ଦିବାକର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ । ଉପ ସଭାପତି ଜଗେଶ୍ୱର ଜେନା, ସହ ସମ୍ପାଦକ ଦୀପକ ଦାସ, କୋଷାଧକ୍ଷ ସୁଧୀର ଦଳାଇ, ଜୀବନ ଦାସ ମନୋରଞ୍ଜନ ଦାସ, ରଂଜିତା ଦାସ, ହରପ୍ରିୟା ନାୟକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ । ବିଭିନ୍ନ ଅଂଚଳ ରୁ ଆଠ ଗୋଟି ଟିମ ଏଥିରେ ଅଂଶଗ୍ରହଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo